

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

❋ ଷଷ୍ଠ ପୁଷ୍ପ ❋ ତୃତୀୟ ପାଖୁଡ଼ା ❋ ଅଷ୍ଟବିଂଶତିତମ ସଂଖ୍ୟା (୨୮) ❋

ସଂପାଦକ : କେଶବ ଦାସ

ପ୍ରକାଶକ : ଶ୍ରୀ କେଶବ ଚନ୍ଦ୍ର ସାମଲ
ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରଣ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧, ୨୭୬୬୬୬୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

❋ ଭକ୍ତି ପ୍ରେମାଞ୍ଜଳି : ପ୍ରତିଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳ ❋

❋ କେଶବାବ୍ଦ : ଚତୁଶ୍ଚତ୍ୱାରିଂଶତ୍ ❋ ଅଗ୍ନ୍ୟୁତ୍ସବ ମାସ ❋ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ଷଷ୍ଠ ପୁଷ୍ପ ❋

ତୃତୀୟ ପାଖୁଡ଼ା

ଅଷ୍ଟବିଂଶତିତମ ସଂଖ୍ୟା(୨୮)

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

ପୁନଃ ମୁଦ୍ରଣ : ଗହ୍ମା ପୂର୍ଣ୍ଣିମା, ଅଗଷ୍ଟ ୨୦୧୪

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଭଜନ | ୨ |
| **ମୁଖଶାଳା** | |
| ସଂପାଦକୀୟ | ୩ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୫ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୮ |
| ପୁରାଣ ପୃଷ୍ଠାରୁ : ଗଳ୍ପାଂଶ | ୯ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୧ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୪ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୧୬ |
| ଉତିଷ୍ଠତଃ ! ଜାଗ୍ରତଃ !! | ୧୯ |
| ଜିଜ୍ଞାସା : ଜିଜ୍ଞାସୁ : | ୨୩ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୬ |
| କଲ୍ୟାଣ ଦେଲି ତୋତେ | ୨୯ |
| କେଶବ କୈବଲ୍ୟ କଣିକା | ୩୧ |
| **ନୀଳଚକ୍ର** | |
| ଚରମର ସଂକେତ | ୩୩ |
| ସପ୍ତବିଂଶତିତମ ସଂଖ୍ୟା ମାଳିକାର ବ୍ୟାଖ୍ୟା | ୩୫ |
| ସପ୍ତବିଂଶତିତମ ସଂଖ୍ୟା ଗଳ୍ପାଂଶର ବ୍ୟାଖ୍ୟା | ୩୯ |
| ଉତ୍ସବ ପରିଚିତି | ୪୧ |

## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର  ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ  ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ  ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା  ବ୍ରହ୍ମରନ୍ଧ୍ର ପ୍ରଜ୍ଞା ।।

# ଅଚ୍ୟୁଣାଷ୍ଟମ୍



## ମଙ୍ଗଳାଚରଣ

ଯଦୁନାଥାତ୍ମଜଂ ବନ୍ଦେ
ସୁକାନ୍ତିତନୟଂ ବିଭୁମ୍ ।
ତ୍ରିତାପଘ୍ନଂ ଜଗନ୍ନାଥଂ
ତ୍ରିଗୁଣରହିତଂ ସଦା ॥

## ଶ୍ରୀପଦ ବନ୍ଦନା

ଶ୍ରୀଗୁରୁ ଶ୍ରୀପଦ କରେ ବନ୍ଦନ ।
ଶ୍ରୀଗୁରୁ ଶ୍ରୀପଦେ ପୁଷ୍ପ ଚନ୍ଦନ ॥
ଶ୍ରୀଗୁରୁ ଶ୍ରୀପଦେ ଦିଏ ଆଳତି ।
ଶ୍ରୀଗୁରୁ ଶ୍ରୀପଦେ ବାଢ଼େ ପ୍ରଣତି ॥
ଶ୍ରୀଗୁରୁ ଶ୍ରୀପଦ ବସିଛି ଧାୟି ।
ଶ୍ରୀଗୁରୁ ଶ୍ରୀପଦ ଦିଅ ବତାଇ ॥
ଶ୍ରୀଗୁରୁ ଶ୍ରୀପଦ ମୁକତି ଦ୍ୱାର ।
ଶ୍ରୀଗୁରୁ ଶ୍ରୀପଦ ଭାବ ସାଗର ॥
ଶ୍ରୀଗୁରୁ ଶ୍ରୀପଦ ଧର୍ମ ନଉକା ।
ଶ୍ରୀଗୁରୁ ପାଦ ତ୍ରାଣକର୍ତ୍ତା ଏକା ॥
ଶ୍ରୀଗୁରୁ କୋମଳ ଶ୍ରୀପଦ ଦୁଇ ।
ଶ୍ରୀଗୁରୁ ପାଦକୁ ଭକ୍ତ ଧାୟି ॥
ଶ୍ରୀଗୁରୁ ଅଟନ୍ତି ବ୍ରହ୍ମା ଶଙ୍କର ।
ଶ୍ରୀଗୁରୁ ପାଳନ କର୍ତ୍ତା ଠାକୁର ॥
ଶ୍ରୀଗୁରୁ ପାଦକୁ ଲକ୍ଷ୍ୟ ଯାହାର ।
ଶ୍ରୀଗୁରୁ ତା'ଠାରୁ ନୁହଁନ୍ତି ଦୂର ॥

ଶ୍ରୀଗୁରୁ ଶ୍ରୀପଦୁ ଝରେ ବିଭୂତି ।
ଶ୍ରୀଗୁରୁ ଟାଳନ୍ତୁ ଅଳସ ମତି ॥
ଶ୍ରୀଗୁରୁଙ୍କୁ କେବେ ନମଣ ନର ।
ଶ୍ରୀଗୁରୁପାଦ ସାକ୍ଷାତ ଈଶ୍ୱର ॥
ଶ୍ରୀଗୁରୁ ବ୍ରାହ୍ମଣ ସଭିଁଏ ଶୂଦ୍ର ।
ଶ୍ରୀଗୁରୁ ପାଶେ ନାହିଁ ଜାତିଭେଦ ॥
ଶ୍ରୀଗୁରୁ ପୁରୁଷ ସଭିଏଁ ନାରୀ ।
ଶ୍ରୀଗୁରୁ ଭାବର ଅଥଳ ବାରି ॥
ଶ୍ରୀଗୁରୁ ପାଦୁକା ଯେ'କରେ ଧ୍ୟାନ ।
ଶ୍ରୀଗୁରୁ ଟାଳନ୍ତି ସଙ୍କଟ ମାନ ॥
ଶ୍ରୀଗୁରୁ ପାଦରେଣୁ ପଡୁ ମୁଣ୍ଡେ ।
ଶ୍ରୀଗୁରୁ ଖେଳନ୍ତି ବିଶ୍ୱ ବ୍ରହ୍ମାଣ୍ଡେ ॥
ଶ୍ରୀଗୁରୁ ପାଦେ ସକଳ ଦେବତା ।
ଶ୍ରୀଗୁରୁ ପାଦ ହରତା କରତା ॥
ଶ୍ରୀଗୁରୁ ଶ୍ରୀପଦ ଚିହ୍ନୁଛି ଛାର ।
ଶ୍ରୀଗୁରୁପାଦ ଏ ଭବୁ ଉଦ୍ଧର ॥




## ଭଜନ

ପୁଣ୍ୟ ଜରିଆ ତୀରେ
ସ୍ୱର୍ଣ୍ଣକ୍ଷେତ୍ର ଧାମରେ
ବିରାଜିତ ବ୍ରହ୍ମରାଶି ନରତନୁରେ ॥୦॥

ଯୁଗେ ଯୁଗେ ସ୍ଥୂଳ ଲୀଳା କରିବା ପାଇଁ
ଗୋଲୋକ 'ତେଜି ଗୋବିନ୍ଦ' ଛନ୍ତି ଓହ୍ଲାଇ
କେବେ ନରସିଂହ କେବେ ବାମନ ବେଶେ
ସତ୍ୟ ବିଜ ରୋପିବାକୁ ଆସନ୍ତି ଶେଷେ
ଶ୍ରୀରାମ କ୍ଷତ୍ରିୟ ହେଲେ ସୂର୍ଯ୍ୟ ବଂଶରେ ॥୧॥

ବୈଶ୍ୟ ଗୃହେ ଜାତ ହେଲେ ଶ୍ରୀକୃଷ୍ଣ ହୋଇ
ଗୋପିକା ମନ ମୋହିଲେ ବେଣୁ ବଜାଇ
ଭଣଜା ହୋଇ କରିଲେ ମାମୁଁ ବିନାଶ
ପୁଣି ନିଜେ ନିଜବଂଶ କଲେଟି ନାଶ
ଉଦ୍ଧବକୁ ଶିକ୍ଷାଦେଲେ ଜ୍ଞାନ ମାର୍ଗରେ ।।୨ ।।

କଳିରେ କେଶବ ରୂପେ ଅଚ୍ଛବ ଘରେ
ଜନମି ଲୀଳା କରନ୍ତି କେତେ ରଙ୍ଗରେ
ଗୁରୁ ଅଙ୍ଗେ ଗୁପତରେ ଦିଅନ୍ତି ଧାରା
ମୁକତ କରନ୍ତି ସେ ମୁକତି ପସରା
ସାଷ୍ଟାଙ୍ଗେ ପ୍ରଣତି ବାନ୍ଧୁଁ କୃତାଞ୍ଜଳିରେ ।।୩ ।।

ମୁଖଶାଳା

# ସଂପାଦକୀୟ

''ଜୀବ ଅଜ୍ଞାନ ଭାବ ଦେଖ! ଦୁଃଖକୁ ମଣେ ମହାସୁଖ ॥'' ଶ୍ରୀମଦ୍‌ଭାଗବତରେ ଅତିବଡ଼ୀ ଜଗନ୍ନାଥ ଦାସ ଧରାପୃଷ୍ଠରେ ଜୀବର ଅଜ୍ଞାନତାକୁ ନିର୍ଦ୍ଦେଶ କରି କହିଅଛନ୍ତି ଯେ, ଜୀବ ଅଜ୍ଞାନତା ବଶତଃ ଦୁଃଖକୁ ମହାସୁଖ ଜ୍ଞାନ କରେ ଏବଂ ପ୍ରକୃତ ସୁଖ ଯେଉଁଠି ନିହିତ ତାହାକୁ ଦୁଃଖ ବୋଲି ମନେ କରେ । ଏ ଜଗତରେ ଜୀବ ବିଷୟାର ବିଷବନ୍ଧନରେ ପଡ଼ି ଅହର୍ନିଶ ନାନାଦି ଦୁଃଖଯାତନାରେ କାଳାତିପାତ କରୁଥିଲେ ମଧ୍ୟ ଇନ୍ଦ୍ରିୟ ଲାଳସାର ପରିତୃପ୍ତି ପାଇଁ ସେହି ବିଷୟାର ବିଷବନ୍ଧନକୁ ମହାସୁଖ ମଣି ଅଧିକରୁ ଅଧିକ ପ୍ରାପ୍ତ କରିବା ପାଇଁ ଦୁର୍ବାର କାମନା କରେ । ଏହି କାମନାର ଅନ୍ତ ନଥାଏ, ସତେ ଯେପରି ଏହା ଅନନ୍ତ, ଅସୀମ । ଯେତେ ପାଇବାର ଇଚ୍ଛାକରେ, ସେତେ ପାଇଲେ ମଧ୍ୟ ପ୍ରାପ୍ତିର ସମାପ୍ତି ନଥାଏ; ବରଂ ତହିଁରୁ ଅଧିକ ପାଇବାର ଇଚ୍ଛା ପ୍ରବଳରୁ ପ୍ରବଳତର ହୁଏ । ଏପରିକି ଗୁରୁଦ୍ୱାରରେ ବିଷୟା ପ୍ରାପ୍ତି ମାଗୁଣିର ମଧ୍ୟ ଅନ୍ତ ନଥାଏ । ଜୀବ ବିଷୟ ସଂସାରରୁ ମୁକ୍ତି ପାଇବା ପାଇଁ ଗୁରୁଦ୍ୱାରକୁ ଆସେ । ମାତ୍ର ଏଠାକୁ ଆସି ମଧ୍ୟ ଯଦି ମୁକ୍ତିର ବାର୍ତ୍ତା ଭୁଲିଯାଇ ବିଷୟାର ବନ୍ଧନକୁ ଗାଢ଼ତର କରିବା ପାଇଁ ଶ୍ରୀଗୁରୁସ୍ୱାମୀଙ୍କର ପାଦପଙ୍କଜରେ ଅଳି କରେ, ତେବେ ଏଥିକୁ ଉପାୟ ଆଉ କ'ଣ ଥାଇପାରେ ??

ବନ୍ଧୋ ହି କୋ ଯୋ ବିଷୟାନୁରାଗୀ, କା ବା ବିମୁକ୍ତିର୍ବିଷୟେ ବିରକ୍ତିଃ ।
କୋ ବାସ୍ତି ଘୋରୋ ନରକଃ ସ୍ୱଦେହଃ, ତୃଷ୍ଣାକ୍ଷୟଃ ସ୍ୱର୍ଗପଦଂ କିମସ୍ତି ॥

ଅର୍ଥାତ୍- ସଂସାର ବନ୍ଧନରେ କିଏ ଆବଦ୍ଧ ? ବିଷୟ ବାସନାରେ ଯେ ନିଜକୁ ଭୁଲିଯାଏ, ସେ ସଂସାର ବନ୍ଧନରେ ବାନ୍ଧି ହୋଇ ପଡିରହେ । ମୁକ୍ତି କାହାକୁ କହନ୍ତି ? ବିଷୟ ବାସନା ପ୍ରତି ବିରକ୍ତି ଭାବକୁ ମୁକ୍ତି କୁହାଯାଏ । ଘୋର ନରକ କାହାକୁ କହନ୍ତି ? ନିଜର ଦେହକୁ ହିଁ ଘୋର ନରକ କୁହାଯାଏ । ସ୍ୱର୍ଗ କ'ଣ ? କାମନା, ବାସନା ବା ତୃଷ୍ଣାର କ୍ଷୟ ବା ନିବୃତ୍ତିକୁ ସ୍ୱର୍ଗ କୁହାଯାଏ । ଏଠାରେ ଏକଥା ଅବତାରଣାର ଉଦ୍ଦେଶ୍ୟ ହେଉଛି ଜୀବର ପ୍ରକୃତି ସହିତ ନିଜକୁ ପରିଚିତ କରାଇବା । ଆମେ ବିଷୟ ବାସନାରେ ବାନ୍ଧିହୋଇ ନିଜର ପ୍ରକୃତ ପରିଚୟକୁ ଭୁଲି ଯାଇଛୁଁ । ତେଣୁ, ଆମେ ଆମର ଲକ୍ଷ୍ୟ ସ୍ଥିର କରି ଠାକୁରଙ୍କ ପାଖକୁ ଆପଣା ଆପେ ଶରଣ ନେବା ପାଇଁ ଆସିଛୁଁ । ଠାକୁରେ ଦୟାକରି ଆମର ଲକ୍ଷ୍ୟ ଦର୍ଶାଇ ଦେଇ ମୁକ୍ତି, ମୋକ୍ଷ, ନିର୍ବାଣ ଓ ଚରମପ୍ରାପ୍ତି ମାର୍ଗରେ ଯିବାର ଉପାୟ ବତାଇ ଦେଇଅଛନ୍ତି । ତଥାପି ଆମେ ଆମର ପୂର୍ବ ଅଜ୍ଞାନତାକୁ ଛାଡ଼ିଦେବା ପାଇଁ ପ୍ରସ୍ତୁତ ନୋହୁଁ । ଆମେ ବିଷୟ ବାସନା ପ୍ରତି ବିରକ୍ତ ହେବା ପରିବର୍ତ୍ତେ ପ୍ରକାରାନ୍ତରେ ସେଥିପ୍ରତି ଅଧିକରୁ ଅଧିକ ଅନୁରକ୍ତ ହୋଇ ପଡୁଛୁ । ଆମେ ନରକ ଯନ୍ତ୍ରଣାକୁ ଭୟ କରୁଛୁଁ ଓ ସ୍ୱର୍ଗଲାଭ ପାଇଁ ଠାକୁରଙ୍କୁ ପ୍ରାର୍ଥନା କରୁଛୁଁ । କରୁଣାର ଅବତାର ଠାକୁରେ ଆମର ଦେହବୋଧକୁ କଟାଇ କାମନାବାସନାର କ୍ଷୟ ନିମନ୍ତେ ଉପାୟ ଖଞ୍ଜି ଦେଇଛନ୍ତି । ମାତ୍ର ଦୁର୍ଭାଗ୍ୟ ଆମର, ଆମେ ଦେହ ସର୍ବସ୍ୱ ହୋଇ ମହାଘୋର ନରକ ଯାତନା ଭୋଗୁଛୁଁ ଏବଂ କାମନାବାସନାର ନିବୃତ୍ତି ବା ତୃଷ୍ଣା କ୍ଷୟର ଉପାୟ ଅବଲମ୍ବନ ନ କରି କାମନା ବାସନାର ପ୍ରଚୁର ପ୍ରବୃତ୍ତି ମାର୍ଗରେ ଓ ତୃଷ୍ଣାବୃଦ୍ଧିର ଉପାୟ ଅବଲମ୍ବନରେ ସତେଯେପରି ସବୁଠାରୁ ଆଗୁଆ ହୋଇ ରହିବାକୁ ମହାସୁଖ ମଣୁଅଛୁଁ । ନୁହେଁକି ??

ଏହା ନହୋଇଥିଲେ, ସାମାନ୍ୟ ରୋଗଯନ୍ତ୍ରଣାରେ କାତର ହୋଇ ଆମେ ଠାକୁରଙ୍କ ସନ୍ନିଧାନରେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଝାଡ଼ିଦେବା ପାଇଁ ବ୍ୟଗ୍ର ହୁଅନ୍ତୁ ବା କାହିଁକି ? ଚିନ୍ତା କରି ଦେଖିବାର କଥା- ଏ ଦେହ କ'ଣ ମୁଁ ? ଯଦି ଏ ଦେହଟି ମୁଁ, ତେବେ ପାଦ ଯୋଡ଼ିକ ମୁଁ, ନା ହାତ ଯୋଡ଼ିକ ମୁଁ, ନା ଆଖି ଯୋଡ଼ିକ ମୁଁ, ନା କାନ ଯୋଡ଼ିକ ମୁଁ ? ଏଗୁଡ଼ିକ ଯଦି ମୁଁ ନୁହଁନ୍ତି, ଏ ଶରୀରଟି ମଧ୍ୟ ମୁଁ ନୁହେଁ । ମୁଁ ଏ ଦେହଠାରୁ ନିଶ୍ଚୟ ଭିନ୍ନ । ଏ ଦେହ ଜଡ଼ । ଚିନ୍ମୟ "ମୁଁ" ଏ ଦେହ ଭିତରେ ଅଛି ବୋଲି ଏ ଜଡ଼ ଶରୀର କାର୍ଯ୍ୟକ୍ଷମ ହୋଇ ପାରୁଛି । ଯେଉଁ ମୁହୂର୍ତ୍ତରେ ଚିନ୍ମୟ "ମୁଁ" ଏ ଦେହ ଭିତରୁ ଅଲଗା ହୋଇ ବାହାରିଯିବ, ସେହି ମୁହୂର୍ତ୍ତରେ ଆଖି, କାନ, ନାକ, ହାତ, ପାଦ, ମୁଖ ଇତ୍ୟାଦି ସମସ୍ତ ଅବୟବ ଥାଇ ମଧ୍ୟ ଜଡ଼ ଶରୀରରେ ସେଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରିବେ ନାହିଁ । ମନେ ରଖିବାକୁ ହେବ ଯେ, ଏ ଦେହ ମାୟାସୃଷ୍ଟ । ମୁଁ ଭଗବାନ ଠାକୁରଙ୍କର ନିତ୍ୟଦାସ । ତେଣୁ ଶାରୀରିକ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଦୁର୍ଲଭ ମନୁଷ୍ୟ ଜନ୍ମକୁ ବୃଥାରେ ଉପଯୋଗ ନ କରି କିମ୍ବା ମନୁଷ୍ୟ ଶରୀରକୁ ବିଷୟ ଭୋଗରେ ଅଯଥା ନଲଗାଇ ଭଗବତ୍ ଭଜନ, ଭଗବତ୍ ଉପାସନା ଏବଂ ଭଗବତ୍ ଚିନ୍ତା ଓ କର୍ମରେ ସର୍ବଦା ନିୟୋଜିତ କରିବା ଉଚିତ ।

**ଆମେ କାହିଁକି ଆମ ଦେହ କଥା ଚିନ୍ତା କରିବା ? ଯିଏ ଆମକୁ ଜନ୍ମଦେଇ ପାଳନ କରୁଛନ୍ତି, ସେ ସେହି ଚିନ୍ତା କରୁନାହାନ୍ତି ବୋଲି ଭାବିବା କାହିଁକି ? ଏ ଶରୀରକୁ ତାଙ୍କର ମନ୍ଦିର ବୋଲି ଜ୍ଞାନ କରିବା । ସେ ଏ ମନ୍ଦିରରେ ରହିଛନ୍ତି । ସେ ତାଙ୍କ ମନ୍ଦିରକୁ ରକ୍ଷା କଲେ କରିବେ, ନକଲେ ନକରିବେ । ସେଥି ପାଇଁ ଚିନ୍ତା କାହିଁକି ? ସେ ଦାୟିତ୍ୱ ତାଙ୍କର । ତାଙ୍କ ଦାୟିତ୍ୱରେ ବୃଥାରେ ମୁଣ୍ଡ ଖେଳାଇ ଅନଧିକାର ଚର୍ଚ୍ଚାରେ ସମୟ ନଷ୍ଟ ନ କରି ତାଙ୍କରି ନିର୍ଦ୍ଦେଶିତ କର୍ମ ସମ୍ପାଦନ ପାଇଁ ବ୍ୟାକୁଳତା ପ୍ରକାଶ କରିବା ।**

ମନେ ରଖିବା ଉଚିତ ଯେ, ଠାକୁରେ ରୋଗ ଦିଅନ୍ତି କେବଳ ତାଙ୍କରି ଭଜନ ପାଇଁ ସୁଯୋଗ ଦେବାକୁ । ବିଷୟୀ ମଣିଷ । ସବୁ ସମୟରେ କ'ଣ ସମୟ ପାଏ ଭଗବତ୍ ଭଜନ କରିବାକୁ ? ଶରୀର ଅସୁସ୍ଥ ହେଲେ, କେହି କିଛି କାମ କରିବାକୁ ବରାଦ କରିବେ ନାହିଁ । ସେତେବେଳେ ଯଥେଷ୍ଟ ସମୟ ମିଳିବ ନିଶ୍ଚିତରେ ଠାକୁରଙ୍କୁ ଡାକିବା ପାଇଁ । ଦେହ ପାଇଁ ଚିନ୍ତା କରିବାର କିଛି ନାହିଁ । ମେଘାଚ୍ଛନ୍ନ ଦିନ ସାଧାରଣ ଲୋକଙ୍କ ପାଇଁ ଦୁର୍ଦ୍ଦିନ ବୋଲି ଗଣନା କରାଯାଏ । ମାତ୍ର ଯେଉଁଦିନ ଭଜନ ନହୁଏ, ସେଦିନଟି ଭକ୍ତର ଦୁର୍ଦ୍ଦିନ ।

ଠାକୁର ହରିଦାସଙ୍କ ଜୀବନୀର ଜ୍ୱଳନ୍ତ ଦୃଷ୍ଟାନ୍ତଟିଏ ବିଚାରକୁ ନେବା । ସେବକ ପ୍ରତିଦିନ ମହାପ୍ରଭୁ ଚୈତନ୍ୟଙ୍କର ଅଧରାମୃତ ହରିଦାସଙ୍କୁ ଦେଇ ଆସନ୍ତି । ସେଦିନ ମଧ୍ୟ ଆଣିଥାଆନ୍ତି । ହରିଦାସ ସେବକଙ୍କୁ ସମ୍ବୋଧନ କରି କହିଲେ "ଗୋବିନ୍ଦ ! ମୁଁ ଅସୁସ୍ଥ । କିପରି ଭୋଜନ କରିବି ? ମହାପ୍ରସାଦ ଆଣିଛ, ଅପେକ୍ଷା ବା କରିବି କିପରି ?" ଭକ୍ତଚୂଡ଼ା ମଣି ଠାକୁର ହରିଦାସ ପ୍ରଣାମ ଓ ବନ୍ଦନା ଦ୍ୱାରା ମହାପ୍ରସାଦର ମର୍ଯ୍ୟାଦ ରକ୍ଷା କଲେ । ତତ୍ପରଦିନ ନିଜେ ମହାପ୍ରଭୁ ଆସି ହରିଦାସଙ୍କୁ କାରଣ ପଚାରିଲେ । ହରିଦାସ ବିନୀତ ଭାବରେ କହିଲେ, ପ୍ରଭୁ ! ଆପଣଙ୍କ କରୁଣାରୁ ମୋ ଦେହ ସୁସ୍ଥ । ମାତ୍ର ମୋ ମନ ଏକାନ୍ତ ଭାବରେ ଅସୁସ୍ଥ । ମୁଁ ପୂର୍ବପରି ନାମ ଜପ କରି ପାରୁନାହିଁ । ନାମଜପର ସଂଖ୍ୟା ପୂରଣ ହୋଇ ପାରୁନାହିଁ ।

କୁମତିରେ ରହି ଭଜନର ବିଘ୍ନକୁ ହିଁ ପ୍ରକୃତ ଭକ୍ତ ବ୍ୟାଧି ବୋଲି ମନେ କରେ । ଦେହ ରୋଗକୁ ବ୍ୟାଧି ବୋଲି ମନେ କରେ ନାହିଁ । ବରଂ ତା'କୁ ଠାକୁରଙ୍କର କରୁଣା ବୋଲି ଜ୍ଞାନ କରେ । ଠାକୁରଙ୍କୁ ବଚନ ଦେଇ ତାଙ୍କ କାମ ସୁଚାରୁ ରୂପେ କରି ନପାରିଲେ, ଭକ୍ତ କାତର ହୋଇପଡ଼େ । ତାହାକୁ ମହାବ୍ୟାଧି ବୋଲି ମନେ କରେ । ସେଥିରୁ ଉଦ୍ଧାର ପାଇ ତାଙ୍କରି କାମରେ ଲାଗି ରହିବା ପାଇଁ ଠାକୁରଙ୍କର ପଦ୍ମପାଦ ପୀଠରେ କାତର ନିବେଦନ କରେ । ଭକ୍ତବନ୍ଧୁ ଠାକୁରେ ଏ ପ୍ରାର୍ଥନା ଯଥା ସମୟରେ ଅବଶ୍ୟ ଶୁଣନ୍ତି ଓ ପ୍ରିୟ ଭକ୍ତକୁ ପୂର୍ବବତ୍ ତାଙ୍କରି କର୍ମରେ ବିନିଯୁକ୍ତ କରନ୍ତି ।

ରଜନୀ ଅନ୍ତେ ପୁଣି ନୂତନ ସୂର୍ଯ୍ୟର ଉଦୟ ଅବଶ୍ୟ ହୁଏ । ଭଗବତ୍ ବିସ୍ମୃତି ହିଁ ପ୍ରକୃତ ବ୍ୟାଧି ।

ଓମିତି ନମସ୍କାରାନ୍ତେ ।

କେଶବଦାସ,

ସଂପାଦକ, 'ଚରମ' ॥

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ : କ୍ରୋଧ

**କ୍ରୋଧ-'ଚରମ': ଷଷ୍ଠପୁଷ୍ପ: ଦ୍ୱିତୀୟ ପାଖୁଡ଼ା: ସଂଖ୍ୟା ୨୭ ର ଅନୁସୃତିରୁ ॥**

କ୍ରୋଧ ଅଗ୍ନିସ୍ୱରୂପ । ଅଗ୍ନି ଯେପରି ସର୍ବଗ୍ରାସୀ, କ୍ରୋଧାଗ୍ନୀ ସେହିପରି ବ୍ୟକ୍ତିର ଦେହ, ମନ ଓ ପ୍ରାଣ ସମେତ ସବୁ ସ୍ୱର୍ଗୀୟ ଭାବ ଓ ସକଳ ଦିବ୍ୟଗୁଣକୁ ଗ୍ରାସ କରି ଭସ୍ମ କରିଦିଏ । କ୍ରୋଧୀ ବ୍ୟକ୍ତି କ୍ରମଶଃ ସବୁହରାଇ ଅନ୍ତଃସାରଶୂନ୍ୟ ହୋଇଯାଏ । ବ୍ୟକ୍ତିତ୍ୱର ଅବକ୍ଷୟ କାରଣରୁ ସେ ପରିବାର ତଥା ସମାଜର ସ୍ନେହ ଶ୍ରଦ୍ଧା ହରାଇ ବସେ । ମାନସିକ ଅଶାନ୍ତି ଓ ଜଡ଼ତା ହେତୁ କ୍ରୋଧୀ ବ୍ୟକ୍ତି କ୍ରମଶଃ ନିଷ୍କ୍ରିୟ ହୋଇଯାଏ । କର୍ମ ବିମୁଖତା ହେତୁ ବ୍ୟକ୍ତି ଅପ୍ରିୟ ହୋଇଯାଏ । ସାମାଜିକ ମୂଲ୍ୟବୋଧ ହରାଇ ହତାଶାରେ ଦୀର୍ଘଶ୍ୱାସ ତ୍ୟାଗକରେ ।

ଅହଂକାର ଗାଢ଼ରୁ ଗାଢ଼ତର ହେଲେ କ୍ରୋଧ ପ୍ରବଳରୁ ପ୍ରବଳତର ହୁଏ । ବ୍ୟକ୍ତିର ଅନ୍ତଃକରଣରେ 'ମୁଁ' କାର ଦାନା ବାନ୍ଧିଲେ, ଅହଂକାରର ସୃଷ୍ଟି ହୁଏ । କର୍ତ୍ତାବୋଧ ସଚେତନତା 'ମୁଁ' କାର ଦାନାବାନ୍ଧିବାରେ ସହାୟତା କରିଥାଏ । ବ୍ୟକ୍ତିର ନିର୍ବୋଧତାରୁ ତା'ର କର୍ତ୍ତବ୍ୟ ବା କୃତ କର୍ମ ଉପରେ ଅଧିକାର ଆସିଯାଏ । କର୍ମ ଉପରେ ଅଧିକାର ସାବ୍ୟସ୍ତ କଲେ କର୍ମଫଳ ଭୋଗ ନିଶ୍ଚିତ ଭାବରେ ହୁଏ । କର୍ମଫଳ ଭୋଗ ସ୍ୱରୂପ ଦୁର୍ଯୋଗ ସହିତ ଏହି କର୍ତ୍ତାବୋଧ ସଚେତନତା ଅନ୍ତଃକରଣରେ ସୂକ୍ଷ୍ମବୀଜ ସ୍ୱରୂପ ସୃଷ୍ଟିକରେ ଓ ଏହା ପର୍ଯ୍ୟାୟକ୍ରମରେ ଦାନାବାନ୍ଧି ଗାଢ଼ହୁଏ । ତହୁଁ 'ମୁଁ' କାର ମଥାଟେକେ ଓ ଅହଂକାରରେ ବ୍ୟକ୍ତି ଅନ୍ଧ ହୋଇ ଆପଣାର ପରିବେଶ ଓ ପରିସ୍ଥିତିକୁ ସ୍ମରଣରେ ରଖିପାରେ ନାହିଁ । ଏହି ସୂକ୍ଷ୍ମାତିସୂକ୍ଷ୍ମ କାରଣରୁ ବ୍ୟକ୍ତି କ୍ରୋଧ ରୂପକ ଭୟଙ୍କର ରିପୁ ବା ଆତ୍ମଶତ୍ରୁର ଶିକାର ହୋଇ କର୍ମବିପାକର ଘୂର୍ଣ୍ଣିଚକ୍ରରେ ପଡ଼ିଯାଏ ।

ପ୍ରତିଶୋଧପରାୟଣତା ଏବଂ ପ୍ରତିହିଂସାପରାୟଣତା କ୍ରୋଧର ଘନିଷ୍ଠ ବନ୍ଧୁ ଅଟନ୍ତି । କ୍ରୋଧାନଳରେ ଜର୍ଜରିତ ବ୍ୟକ୍ତିର ଅନ୍ତରରେ ଅନ୍ୟ ଉପରେ ପ୍ରତିଶୋଧ ନେବାର ଭାବ ସର୍ବଦା ଜାଗ୍ରତ ରହେ । ପ୍ରତିଶୋଧ ପରାୟଣ ଭାବ ପ୍ରତିହିଂସା ସୃଷ୍ଟି କରିବାରେ ସାହାଯ୍ୟ କରେ । ହିଂସା ନଥାଇ କ୍ରୋଧ ନାହିଁ, ନଥାଏ । ତେଣୁ କ୍ରୋଧୀ ବ୍ୟକ୍ତି ସମାଜରେ ନାନାଦି ହିଂସାକାଣ୍ଡ ଉପୁଜାଇଥାଏ । କ୍ରୋଧ ବ୍ୟକ୍ତିର ସାମାଜିକ ଓ ପାରିବାରିକ ଜୀବନକୁ ନରକରେ ପରିଣତ କରିଥାଏ । କାରଣ କ୍ରୋଧବଶତଃ ବ୍ୟକ୍ତି କ୍ରୋଧାଗ୍ନିରେ ପ୍ରଜ୍ୱଳିତ ହୋଇ ଅନେକ କ୍ଷେତ୍ରରେ ନାରକୀୟ ନିଷ୍ପତ୍ତି ନେଇଥାଏ । ଏହି ନାରକୀୟ ନିଷ୍ପତ୍ତିହେତୁ ପରିବାର ଓ ସମାଜରେ ଅନେକେ ଅକାରଣରେ କଷଣ ଭୋଗ କରିଥାଆନ୍ତି ।

କ୍ରୋଧ କ୍ଷମାର ଅରୀ ଅଟେ । ଯେଉଁଠି କ୍ରୋଧ ବସା ବାନ୍ଧି ଥାଏ, ସେଠାରେ ଲବେ ମାତ୍ର କ୍ଷମା ରହିପାରେ ନାହିଁ । ଯେଉଁଠି କ୍ଷମା ନଥାଏ, ସେଠାରେ ଦୟାଧର୍ମ ବା ତ୍ୟାଗବ୍ରତ ମଧ୍ୟ ନଥାଏ । ତେଣୁ କ୍ରୋଧ ପ୍ରବଣ ବ୍ୟକ୍ତିଠାରୁ କ୍ଷମା, ଦୟା, ତ୍ୟାଗ ଆଦି ଦିବ୍ୟଗୁଣାପନ୍ନ ଭାବ ଆଶା କରିବା ବୃଥା ଓ ନିଷ୍ଫଳ ଅଟେ । ଧୈର୍ଯ୍ୟ ଏବଂ ସହିଷ୍ଣୁତା ନିକଟରେ କ୍ରୋଧ ରହିପାରେ ନାହିଁ । ଠିକ୍ ସେହିପରି କ୍ରୋଧ ନିକଟରେ ମଧ୍ୟ ଧୈର୍ଯ୍ୟ ଏବଂ ସହିଷ୍ଣୁତା ଲେଶମାତ୍ର ନଥାଏ । ଯେଉଁମାନେ ଧୈର୍ଯ୍ୟହୀନ ଏବଂ ଅସହିଷ୍ଣୁ, କେବଳ ସେହିମାନେ ହିଁ କ୍ରୋଧ ଜର୍ଜରିତ ହୋଇ ଆପଣାର ଦୂରଦୃଷ୍ଟି ହରାଇ ଚକ୍ଷୁଷ୍ମାନ ଅନ୍ଧତୁଲ୍ୟ ହୋଇଥାନ୍ତି । କ୍ରୋଧ ଅନ୍ତରର କୋମଳ ଭାବନା ସକଳକୁ ନଷ୍ଟ କରିଦିଏ । ଫଳରେ ସେ ସ୍ଥାନ ହିଂସା, ପ୍ରତିଶୋଧ, ପ୍ରତିହିଂସା ରୂପକ କର୍କଶ ଭାବରାଜି ପୂରଣ କରିଥାଏ ।

ଆସକ୍ତି ଓ କପଟତା ଶତ୍ରୁତୁଲ୍ୟ ରୂପନେଇ ବ୍ୟକ୍ତିର ବ୍ୟକ୍ତିତ୍ୱର ସମ୍ମୋହନ ଶକ୍ତିକୁ ସମୂଳେ ନଷ୍ଟ କରିଦିଏ । ସହୃଦୟତା ଓ କଲ୍ୟାଣକାରୀ ଚିନ୍ତା ମନୁଷ୍ୟର ପ୍ରଭାବଶାଳୀ ବ୍ୟକ୍ତିତ୍ୱର ପୃଷ୍ଠଭୂମି । ନିଷ୍କପଟ ଆଚାର ଆଚରଣ ଏବଂ

ସରଳକୋମଳ ବ୍ୟବହାର ଦ୍ୱାରା ମନୁଷ୍ୟ ଅନ୍ୟର ନିକଟତମ ହୁଏ । ସ୍ୱଚ୍ଛନିର୍ମଳ ଚରିତ୍ର ତଥା ବିନୟ ସ୍ୱଭାବ ଅନ୍ୟ ସମସ୍ତଙ୍କୁ ଆନନ୍ଦ ପ୍ରଦାନ କରିଥାଏ । ବସନ୍ତର ମଳୟ ଅନିଳ ପ୍ରକୃତିରେ ମଧୁରତା ତୋଳିଦେଲା ପରି ବ୍ୟକ୍ତିର ଆନ୍ତରିକ କୋମଳତା ଓ ନିର୍ମଳତା ସମସ୍ତଙ୍କ ହୃଦୟରେ ଶାନ୍ତ ମଧୁର ଶିହରଣ ସୃଷ୍ଟିକରିପାରେ । କ୍ରୋଧଶୂନ୍ୟ ଅକ୍ରୋଧୀ ବ୍ୟକ୍ତିଠାରୁ କେବଳ ଏହା ଆଶା କରାଯାଇପାରେ, କାରଣ ତାଙ୍କଠାରେ ସକଳ କୋମଳ ଭାବ ସମୂହ ଥାଏ । କ୍ରୋଧୀ ବ୍ୟକ୍ତିର କ୍ରୋଧ କେବଳ ଅସତ୍ୟକୁ ହିଁ ପ୍ରକାଶ କରଥାଏ । ଫଳରେ କ୍ରୋଧୀର ସାହଚର୍ଯ୍ୟ ଅନ୍ୟକୁ କେବଳ ଦୁଃଖହିଁ ଦେଇଥାଏ । କ୍ରୋଧୀ ବ୍ୟକ୍ତି ଯେତେ ଜ୍ଞାନୀ ବା ଉଚ୍ଚ ପଦାଧିକାରୀ ହେଲେ ମଧ, ବାସ୍ତବକ୍ଷେତ୍ରରେ ମାନସିକ ସ୍ତରରେ ଅତ୍ୟନ୍ତ ଦୁର୍ବଳ । ତେଣୁ ନିଜର ଗୁରୁତ୍ୱ ପ୍ରତିପାଦନ କରିବା ପାଇଁ ସେ କ୍ରୋଧର ଆଶ୍ରୟ ନେଇଥାଆନ୍ତି । ଫଳରେ ଅନ୍ୟର ସମ୍ମାନ, ସ୍ନେହ, ବା ଭକ୍ତି ସେ ପାଇ ପାରନ୍ତି ନାହିଁ: ବରଂ ଅନ୍ୟ ପକ୍ଷରେ ସମସ୍ତଙ୍କର ପରୋକ୍ଷ ଘୃଣାର ପାତ୍ର ହିଁ କେବଳ ହୋଇଥାଆନ୍ତି ।

ସମାଜରେ ଅନେକ କ୍ରୋଧୀବ୍ୟକ୍ତି ସଚ୍ଚରିତ୍ର, କର୍ମଠ ଏବଂ ନୀତିବାନ ଜୀବନ ଯାପନ କରୁଥିବାର ନଜିର ଅବଶ୍ୟ ରହିଛି । ତଥାପି ଏସବୁ ସଦ୍‌ଗୁଣ ସତ୍ୱେ କେବଳ କ୍ରୋଧର ଅଯଥା ପ୍ରାବଲ୍ୟ ହେତୁ ଓ କ୍ରୋଧକାଳୀନ କର୍କଶ ଭାଷା ଓ କୁବ୍ୟବହାର ପାଇଁ ସମାଜରେ ନିନ୍ଦିତ, ଘୃଣିତ ଓ ଲାଞ୍ଛିତ ହୋଇଥାଆନ୍ତି । କ୍ରୋଧୀ ବ୍ୟକ୍ତି ନାନା ପ୍ରକାର ଛଳନାର ଆଶ୍ରୟନେଇ ନିଜକୁ ସାନ୍ତ୍ୱନା ଦେଇ ନିଜର କ୍ରୋଧ ପାଇଁ ଅନ୍ୟକୁ ଦାୟୀ କରନ୍ତି, ବିଭିନ୍ନ ସମୟରେ ବ୍ୟକ୍ତି ଓ ଘଟଣା ଉପରେ ଦୋଷ ଦେଇ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ବୃଥା ପ୍ରୟାସ କରନ୍ତି । ତେଣୁ ଏମାନଙ୍କର ବ୍ୟକ୍ତିତ୍ୱ ଆକର୍ଷଣୀୟ ନହୋଇ ଅନାକର୍ଷଣୀୟ ହୋଇଥାଏ ଓ ସାଧାରଣ ଲୋକେ ତାଙ୍କ ଉପରୁ ବିଶ୍ୱାସ ହରାଇ ଥାଆନ୍ତି ।

କ୍ରୋଧିତ ହେବା ଦ୍ୱାରା କ୍ରୋଧାନ୍ୱିତ ବ୍ୟକ୍ତିକୁ ପ୍ରକୃତରେ ସୁଖ ବା ଆନନ୍ଦ ମିଳିଥାଏ କି ? ବ୍ୟକ୍ତି କ୍ରୋଧାନ୍ୱିତ ହେବା ଦ୍ୱାରା ଯଦି ପ୍ରକୃତ ସୁଖ ଓ ଆନନ୍ଦ ଲାଭ କରୁଥାଏ, ତେବେ ତା' ପାଇଁ କ୍ରୋଧ ଅବଶ୍ୟ ସ୍ୱାଗତଯୋଗ୍ୟ । ମାତ୍ର ପ୍ରକୃତ ପକ୍ଷେ କ୍ରୋଧଦ୍ୱାରା ବ୍ୟକ୍ତି ସୁଖ ଓ ଆନନ୍ଦ ତ ଲାଭ କରି ନାହିଁ ବରଂ; ଅନ୍ୟ ପକ୍ଷରେ ଅଶାନ୍ତି ଓ ଜଡ଼ତାର ଶିକାର ହୋଇଥାଏ । ମଦ୍ୟପ ଯେପରି ମଦନିଶାରେ ଚେତନାଶକ୍ତି ହରାଇଥାଏ, କ୍ରୋଧାନ୍ୱିତ ବ୍ୟକ୍ତି ସେହିପରି କ୍ରୋଧର ବଶବର୍ତ୍ତୀ ହୋଇ ନିଜର ବିଚାରଶକ୍ତି ହରାଇଥାଏ । ବିଚାରଶକ୍ତି ବିହୀନତାରୁ ବିବେକଶୂନ୍ୟତାର ଉଦୟ ହୁଏ । ଅବିବେକୀ ହୋଇ କ୍ରୋଧୀ ବ୍ୟକ୍ତି ହିତାହିତ ଜ୍ଞାନ ହରାଇବସେ । ଅନାବଶ୍ୟକ ଓ ଅନାକାଂକ୍ଷିତ ବିଚାରବୁଦ୍ଧିର ପ୍ରୟୋଗ କରି କ୍ରୋଧୀବ୍ୟକ୍ତି ନିଜର ନୈରାଶ୍ୟର ସୂଚନା ଦେଇଥାଏ ମାତ୍ର । ଯେଉଁବ୍ୟକ୍ତି ଆପଣାର କାର୍ଯ୍ୟ ଓ ଉନ୍ନତିରେ ସନ୍ତୁଷ୍ଟ, ସେ ଶକ୍ତିଶାଳୀ ଅଟେ । ସେ ଅନେକ ଦାୟିତ୍ୱ ବହନ କରିବାକୁ ସମର୍ଥ । କାରଣ କାର୍ଯ୍ୟକୁଶଳତାର କୌଶଳରେ ସେ କୁଶଳୀ । ଏହା ତା'କୁ ଆତ୍ମତୃପ୍ତି ଆଣିଦିଏ । ତେଣୁ ସାମୟିକ କ୍ରୋଧାନ୍ୱିତ ହେଲେ ମଧ ସେ ଆପଣାଛାଏଁ କ୍ରୋଧକୁ ନିଜ ନିୟନ୍ତ୍ରଣରେ ରଖିପାରେ; ଫଳରେ କ୍ରୋଧ ତାହାକୁ କବଳିତ କରିପାରେ ନାହିଁ । ଯେଉଁମାନେ କୌଣସି ସତ୍‌କାର୍ଯ୍ୟ କରିବାକୁ ଉଦ୍ୟମ କରନ୍ତି ନାହିଁ, ଅନ୍ୟ ଉପରେ ନିର୍ଭର କରି ସୁଫଳ ପ୍ରାପ୍ତିର ଆଶା ରଖନ୍ତି, କର୍ମକୁଶଳତାର କୌଶଳ ଯାହାଙ୍କୁ ଜଣା ନଥାଏ, ସେମାନେ ପ୍ରତିକ୍ଷେତ୍ରରେ ହତାଶ ଓ ନିରାଶ ହୋଇ ଅନ୍ୟ ଉପରେ ଅଯଥା ଦୋଷାରୋପ କରି ଅତିଶୀଘ୍ର କ୍ରୋଧାନ୍ୱିତ ହୋଇପଡ଼ନ୍ତି । ଫଳରେ ପ୍ରତିକ୍ଷଣ ସେମାନେ ଅସହାୟ ବୋଧ କରନ୍ତି । ସେମାନଙ୍କର ଅନ୍ତଃକରଣର ପ୍ରସନ୍ନତା ନଷ୍ଟ ହୁଏ । କ୍ରମେକ୍ରମେ ସେମାନଙ୍କର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ମଧ ନଷ୍ଟ ଭ୍ରଷ୍ଟ ହୋଇଯାଏ । କୌଣସି କାର୍ଯ୍ୟ ସମ୍ପାଦନରେ ସେମାନେ ଉତ୍ସାହ ରକ୍ଷାକରି ପାରନ୍ତି ନାହିଁ । ଯେଉଁ କାର୍ଯ୍ୟ କରନ୍ତି, ତାହା ସୁନ୍ଦର ଓ ସୌଷ୍ଠବ ଭାବରେ ସମ୍ପନ୍ନ କରି ପାରନ୍ତି ନାହିଁ । ସେମାନଙ୍କର ନିଜର ଦୁର୍ବଳତାରୁ ଯେଉଁ କ୍ରୋଧ ଜନ୍ମ ନିଏ, ସେଥିପାଇଁ ନିଜକୁ ଦୋଷମୁକ୍ତ କରିବା ପାଇଁ ସେମାନେ ସେହି

କ୍ରୋଧର କାରଣ ସ୍ୱରୂପ ଅନ୍ୟ ନିର୍ଦ୍ଦୋଷ ବ୍ୟକ୍ତି ଉପରେ ଅକାରଣରେ ଦୋଷାରୋପ କରିବାରେ ଅଭ୍ୟସ୍ତ ଅଟନ୍ତି । ଏପରି ଅସଫଳ କ୍ରୋଧିତ ବ୍ୟକ୍ତି ନିଜେ କଳଙ୍କିତ ହୋଇ ମଧ୍ୟ, ଅକାରଣରେ ଅନ୍ୟ ନିଷ୍କଳଙ୍କ ବ୍ୟକ୍ତିଙ୍କୁ କଳଙ୍କିତ କରିବା ପାଇଁ ଆରୋପ କରିବାରେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ ।

ବିପଦର ସମ୍ଭାବନାରେ କେତେକ ବ୍ୟକ୍ତି ଧୈର୍ଯ୍ୟ ହରାଇ ବସନ୍ତି, ଧୈର୍ଯ୍ୟହୀନତାରୁ ଅସହାୟତାଭାବରେ ସେମାନଙ୍କର ମସ୍ତିଷ୍କ ଭାରାକ୍ରାନ୍ତ ହୋଇଯାଏ । ଏହି କାରଣବଶତଃ ସେମାନେ କ୍ରୋଧର ସହଜ ଶିକାର ହୋଇ ଯାଆନ୍ତି । ଅଳ୍ପ ଅଳ୍ପ ମଇଳା ଜମିଜମି କାଳକ୍ରମେ ମଇଳାର ପାହାଡ଼ ଜମା ହେବାପରି କ୍ରୋଧର ସୂକ୍ଷ୍ମାତିସୂକ୍ଷ୍ମ ଅଣୁ ମସ୍ତିଷ୍କରେ ଜମା ହୋଇ ଖୁବ୍ ଶିଘ୍ର ବଢ଼ିବାରେ ଲାଗେ । ଶେଷରେ ସେହି ସୂକ୍ଷ୍ମଅଣୁଗୁଡ଼ିକର ସଂଖ୍ୟା ପରିମାଣ ଏତେ ଅଧିକ ହୋଇଯାଏ ଯେ, ବ୍ୟକ୍ତିର ବିଚାର ଓ ବିବେକ ସମୂଳେ ନଷ୍ଟହୋଇଯାଏ । ବିଚାର ଶୂନ୍ୟ ଓ ବିବେକହୀନ ହୋଇ ପଡ଼ିବା ପରେ ବ୍ୟକ୍ତି ପ୍ରତିକ୍ଷଣରେ କ୍ରୋଧର ଶିକାର ହୋଇ ନାନା ଅଘଟଣ ଘଟାଇ ବସେ । ଏହାଦ୍ୱାରା ପାରିବାରିକ, ଦାମ୍ପତ୍ୟ, ସାମାଜିକ, ସାଙ୍ଗଠନିକ, ଆଧାତ୍ମିକ ଇତ୍ୟାଦି ବିଭିନ୍ନ ବଳୟରେ ନାନା ବିଭ୍ରାଟ, ନାନା ସଂଘର୍ଷ, ନାନା ଅଶାନ୍ତିର ସୂତ୍ରପାତ ହୁଏ । କ୍ରୋଧୀ ବ୍ୟକ୍ତି ନିଜର ସର୍ବନାଶ କରିବା ସହିତ ପରୋକ୍ଷରେ ଅନ୍ୟ ଅନେକଙ୍କର ପ୍ରଭୁତ କ୍ଷତି ସାଧନ କରିଥାଏ । ବିବେକହୀନତାରୁ ଏଥିପାଇଁ ସେ ଅନୁତପ୍ତ ନ ହୋଇ ବରଂ ନିଜର ଅହଂବୁଦ୍ଧିର ବଶବର୍ତ୍ତୀ ହୋଇ ନିଜକୁ ଗର୍ବୀତ ମନେକରେ । ଏହାଠାରୁ ଦୁଃଖ ଓ ପରିତାପର ବିଷୟ ଆଉ ଅଧିକ କ'ଣ ହୋଇପାରେ ??

(କ୍ରମଶଃ)

❖❖❖

ଚରମେ ଚରମୁଁ ଚରମ ବାଣୀ ।
ଉଜାଣି ବହୁଛି ମରମ ଜାଣି ।।
ଭରମେ କରମ ପାଶୋରି ଦେଲୁ ।
ଭସା ବାଦଲରେ ଘର ବାନ୍ଧିଲୁ ।।
ଚରମ ଭାବରେ ଭେଦ ଚରମ ।
ଯେବେ ତୁହି ବାବୁ ହେବୁ ଚରମ ।।
ଅଭ୍ୟାସ ଯୋଗରେ ବଳିଲେ ମନ ।
ଧୀରେ ଧୀରେ ତୁଟିଯିବ ସପନ ।।
ସିଦ୍ଧି ପ୍ରାପ୍ତ ହେବ ଅଚିରେ ତୋର ।
ଦୃଢ ହୋଇଯିବ ଭାବର ଡ୍ୱୋର ।।

--ଶ୍ରୀଶ୍ରୀଶ୍ରୀ ଠାକୁର


# ଶ୍ରୀମନ୍ଦିର

**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!**

**ଅଚ୍ୟୁତଙ୍କ ଲେଖନୀରୁ**

## ବୋହୂ ବାଳ ଅବଳା :

ବୋହୂବାଳ ଅବଳାରେ
ଖେଳଇ ବାର ଜଣର ।
ବାରଜଣ ଛାଡ଼ି ତେରକୁ ଗମିଲେ
ବୋହୂର ପଡ଼ିବ କାଳ ॥୦॥
ଏବାର ଭିତରେ ପୁରୁଷ ଖେଳଇ
ସେ ବାରେ ଖେଳଇ ବୋହୂ ।
ବୋହୂ ପୁଅ ଦୁହେଁ ଓଲଟ ପାଲଟ
ବାରଣ ନଯାଇ କେହୁ ॥୧॥
ବାହାରକୁ ବାର ଭିତରକୁ ବାର
ବାର ବତିଶରେ ଘର ।
ଅକାରଣ ବୋହୂ ବାରଣ ନଯାଇ
କଲା ବାର ଦାର ଘର ॥୨॥
ପୁଅକୁ ବୟସ ଶହେ ଷାଠିଏ ଯେ
ବୋହୂ ତ ଷୋଳ ବୟସୀ ।
ପଚିଶ ଭେଣ୍ଡିଆ ଘେନି କରି ବୋହୂ
ଖେଳ କରୁଥାଇ ବସି ॥୩॥
ବୋହୂ ମୋର ଧନ ବୋହୂ ମୋ ଜୀବନ
ବୋହୂ ଲାଗି ଏତେ ସରି ।
ପାମର ଅଚ୍ୟୁତ ଭାବରେ ଭଣିଲେ
କର ଭବଜଳୁ ପାରି ॥୪॥




## ଗଳ୍ପାଂଶ

*ପୁରାଣ ବର୍ଣ୍ଣିତ କାହାଣୀର ଗତି ସର୍ବଦା ଛନ୍ଦାୟିତ । ଏ କାହାଣୀ ହୁଏତ କାହାଣୀଧର୍ମୀ ବା ବିବରଣୀ ତୁଲ୍ୟ ହୋଇଥାଏ । ରୂପକାତ୍ମକ କଥନ ଭଂଗୀରେ ଚାତୁର୍ଯ୍ୟର ଲୀଳା ସୃଷ୍ଟିକରି ପୁରାଣକାର ଶ୍ରୋତାମାନଙ୍କର ମନ ଆକର୍ଷଣ କରନ୍ତି । ବିଷୟ ବିନ୍ୟାସ ତଦନୁରୂପ ସ୍ଥିରୀକୃତ ଏବଂ ବିନ୍ୟାସର ମାର୍ଗ ଅନେକତ୍ର ଯୋଗମାର୍ଗ ଅବଲମ୍ବନ କରିଥାଏ । ପ୍ରଚ୍ଛନ୍ନରେ ଜନଗଣଙ୍କୁ ଆଧ୍ୟାତ୍ମିକ ମାର୍ଗରେ ଚଳାଇ ନେବା ପାଇଁ ଏହାହିଁ ତତ୍କାଳୀନ ପ୍ରକୃଷ୍ଟ ପନ୍ଥା ରୂପେ ବିବେଚିତ ହେଉଥିଲା ॥ ''ଚରମ'' ପୃଷ୍ଠାରେ ସେହି ପୁରା କାଳୀନ ଧାରାର ପୁନରୁତ୍ଥାନ କରାଯିବା ପାଇଁ ପ୍ରୟାସ କରାଯାଉଛି ମାତ୍ର ॥*

### ବ୍ରହ୍ମବୈବର୍ତ୍ତ ପୁରାଣ : ତୃତୀୟ ଭାଗରୁ:

### ଗଣେଶଙ୍କ ସହିତ ପର୍ଶୁରାମଙ୍କ ବିବାଦ ଓ ଗଣେଶଙ୍କ ଦନ୍ତଭଗ୍ନ

ନାରାୟଣ ନାରଦଙ୍କୁ କହିଲେ ଯେ, ପର୍ଶୁରାମ ଶିବଲୋକର ଦ୍ୱାର ଦେଶରେ ଗଣେଶଙ୍କୁ ଦେଖି ତାଙ୍କୁ ଭିତରକୁ ଛାଡ଼ିଦେବାକୁ କହିଲେ, ମାତ୍ର ଗଣେଶ ତହିଁରେ ରାଜି ହେଲେ ନାହିଁ କିମ୍ବା ଭିତରକୁ ଯିବାକୁ ଦେଲେ ନାହିଁ । ପର୍ଶୁରାମ ଏଥିରେ କ୍ଷୁବ୍ଧ ହୋଇ ନିର୍ଭୟରେ ଗୁରୁଦେବ ଶିବଙ୍କୁ ଦର୍ଶନ କରିବା ପାଇଁ ଭିତରକୁ ଯିବାକୁ ବାହାରିବାରୁ ଗଣେଶ ତାଙ୍କୁ ଏଥିରୁ କ୍ଷାନ୍ତ ହେବା ପାଇଁ ବିନୟର ସହିତ ବାରଣ କଲେ । ପର୍ଶୁରାମ ଗଣେଶଙ୍କର ବ୍ୟବହାରରେ କ୍ରୁଦ୍ଧ ହୋଇ ବାରମ୍ବାର ହାତ ଛିଞ୍ଚାଡ଼ି କଟୁକଥା କହିଲେ । ଫଳରେ ଉଭୟଙ୍କ ମଧ୍ୟରେ କଳହ ଉପୁଜିଲା । ପର୍ଶୁରାମ କ୍ରୋଧରେ ପରଶୁ ଉଞ୍ଚାଇ ଗଣେଶଙ୍କୁ ପ୍ରହାର କରିବାକୁ ଉଦ୍ୟତ ହେବାରୁ କାର୍ତ୍ତିକେୟ ତାଙ୍କର ହାତଧରି ବିନୟରେ କହିଲେ, ଭାଇ! କ୍ରୋଧ ଶାନ୍ତକର । ଗଣେଶଙ୍କୁ ଏହି ଅମୋଘ ଶସ୍ତ୍ରରେ ପ୍ରହାର କରନାହିଁ । ସେ ତୁମର ଗୁରୁଙ୍କର ପୁତ୍ର, ତେଣୁ ତୁମର ଗୁରୁଭାଇ ଅଟନ୍ତି । ଗଣେଶ ମଧ୍ୟ ବୃଥାରେ କୁପିତ ନହେବା ପାଇଁ ପର୍ଶୁରାମଙ୍କୁ ବିନୀତ ଭାବରେ କହିଲେ । ମାତ୍ର ପର୍ଶୁରାମ ଏ ଦୁହିଁଙ୍କ କଥା ନଶୁଣି ଅତ୍ୟନ୍ତ କ୍ରୋଧରେ ଗଣେଶଙ୍କୁ ଧରି ଦୂରକୁ ଫିଙ୍ଗି ଦେଲେ । ଗଣେଶ ଶୁଖିଲା ପତ୍ରଟିଏ ପରି ଦୂରରେ ଯାଇ ପଡ଼ିଲେ ସିନା ହେଲେ ଟିକିଏ ବୋଲି ରାଗ କଲେ ନାହିଁ । ଧର୍ମଦେବତାଙ୍କୁ ସାକ୍ଷୀ ରଖି ଗଣେଶ ତଳୁ ଉଠି ପର୍ଶୁରାମଙ୍କ ନିକଟକୁ ଯାଇ ବିନୀତ ଭାବରେ କହିଲେ, ତୁମର ଏପରି ବ୍ୟବହାର ଅନୁଚିତ । ତୁମ୍ଭେ ଈଶ୍ୱରଙ୍କ ଆଦେଶ ବିନା ଭିତରକୁ ଯାଇ ପାରିବ ନାହିଁ । ତୁମେ ଶିବଙ୍କର ଶିଷ୍ୟ, ତେଣୁ ଆମ୍ଭର ଭାଇ । ପୁଣି ବ୍ରାହ୍ମଣ ଓ ଅଭ୍ୟାଗତ ଅଟ । ତେଣୁ ତୁମେ ଯେତେ ଅପରାଧ କଲେ ମଧ୍ୟ ଆମ୍ଭ ମନରେ କ୍ରୋଧ ଜାତ ହେଉ ନାହିଁ । ମୋତେ ସାମାନ୍ୟ ମନେ କର ନାହିଁ । ମୁଁ ବିନୀତଭାବରେ କହୁଛି, ଦଣ୍ଡେ ମାତ୍ର ଅପେକ୍ଷା କର । ପିତାଙ୍କୁ ଜଣାଇ ଆଦେଶ ଆଣିଲେ, ତୁମ୍ଭେ ଭିତରକୁ ଯାଇ ତାଙ୍କୁ ଦର୍ଶନ କରି ପାରିବ । ଗଣେଶଙ୍କ କଥା ଶୁଣି ପର୍ଶୁରାମ ବାରମ୍ବାର ହସି ଶିବ ଓ ବିଷ୍ଣୁଙ୍କୁ ମନ ମଧ୍ୟରେ ସ୍ମରଣ କରି ପରଶୁଫିଙ୍ଗିବା

ପାଇଁ ଉଦ୍ୟତ ହେବାର ଦେଖି ଗଣେଶ କ୍ରୋଧ ଜର୍ଜରିତ ହୋଇ ଧର୍ମଙ୍କୁ ସାକ୍ଷୀରଖି ଯୋଗ ପ୍ରଭାବରେ ନିଜ ହସ୍ତକୁ ବିସ୍ତାରିତ କଲେ । ଗଣେଶଙ୍କ ହସ୍ତ କୋଟିଏ ଯୋଜନ ପର୍ଯ୍ୟନ୍ତ ବିସ୍ତୃତ ହେଲା ଓ ସେହି ହସ୍ତରେ ସେ ପର୍ଶୁରାମଙ୍କୁ ଧରି ଆକାଶ ମାର୍ଗରେ ବୁଲାଇଲେ ।

ଗଣେଶ ଆପଣାର ସୁବିସ୍ତୃତ ହସ୍ତରେ ପର୍ଶୁରାମଙ୍କୁ ଧରି ସପ୍ତଦୀପ, ସପ୍ତସାଗର, ଭୂଲୋକ, ସ୍ୱର୍ଗଲୋକ, ଜନଲୋକ, ତପଲୋକ, ଧ୍ରୁବଲୋକ ଆଦି ବୁଲାଇ ଶେଷରେ ସମୁଦ୍ରରେ ନିକ୍ଷେପ କଲେ । ପୁଣି ସମୁଦ୍ରର ଜଳ ସହିତ ପର୍ଶୁରାମଙ୍କୁ ଗଣେଶ ଶୋଷି ନେଇ ଜଳଜନ୍ତୁଙ୍କ ସହିତ ତାଙ୍କୁ ବାନ୍ତି କରିଦେଲେ । ଅକାତ ଜଳରେ ପର୍ଶୁରାମ ଜଡ଼ ସଦୃଶ ପଡ଼ି ରହି ମୃତ୍‌ବତ୍ ହେଲେ । ସେଠାରୁ ତାଙ୍କୁ ଉଠାଇ ଗଣେଶ ବ୍ରହ୍ମାଣ୍ଡ ଉପରେ ବୁଲାଇଲେ । ବୈକୁଣ୍ଠରେ ଲକ୍ଷ୍ମୀନାରାୟଣ, ଗୋଲୋକ ଭୁବନରେ ଶ୍ରୀକୃଷ୍ଣରାଧା ଓ ଗୋପଗୋପୀଗଣ, ବୃନ୍ଦାବନ ଆଦି ପର୍ଶୁରାମ ଦେଖିଲେ । ପର୍ଶୁରାମଙ୍କର ସକଳ ପାପ ନାଶ ହେଲା ସତ, ମାତ୍ର କିଛି ଅଂଶ ଭୋଗ ପାଇଁ ତାଙ୍କ ଶରୀରରେ ତଥାପି ରହିଲା । ଏହାପରେ ଗଣେଶ ତାଙ୍କୁ ଆଣି ଧରାପୃଷ୍ଠରେ କଚାଡ଼ି ଦେଲେ । କ୍ଷଣକ ପରେ ପର୍ଶୁରାମ ଚେତା ପାଇ ଗଣେଶଙ୍କୁ ନିକଟରେ ଛିଡ଼ା ହୋଇଥିବାର ଦେଖିଲେ । ତହୁଁ ପର୍ଶୁରାମ କ୍ରୋଧରେ ଗୁରୁଦତ୍ତ କବଚ ଓ ମନ୍ତ୍ର ସ୍ତୋତ୍ର ସହ ଧ୍ୟାନ ଓ ସ୍ମରଣ କରି ଗଣେଶଙ୍କୁ ଲକ୍ଷ୍ୟ କରି ନିଜର ପରଶୁ ପ୍ରହାର କଲେ । ଗଣେଶ ପିତାଙ୍କର ପ୍ରଦତ୍ତ ଅବ୍ୟର୍ଥ ପରଶୁ ପ୍ରହାରକୁ ନିଜର ବାମଦନ୍ତରେ ଗ୍ରହଣକରିବାରୁ, ତାହା ଗଣେଶଙ୍କର ବାମଦନ୍ତକୁ ଛିଡ଼ାଇ ପୁନର୍ବାର ପର୍ଶୁରାମଙ୍କ ହସ୍ତକୁ ବାହୁଡ଼ି ଗଲା । ଗଣେଶଙ୍କର ବାମଦନ୍ତ ଛିଡ଼ି ବଜ୍ରପରି ଗର୍ଜନ କରି ଭୂମିରେ ପଡ଼ିବାରୁ ପୃଥିବୀ ଥରହର ହେଲା ଏବଂ କୈଳାସ ପୁରବାସୀ ଶିବଗଣ କାତର ହୋଇ ହାହାକାର କଲେ । ଏହା ଦେଖି ଶିବ ଏବଂ ପାର୍ବତୀ ଅନ୍ତଃପୁରରୁ ବାହାରି ଆସି ଗୈରିକ ଶୃଙ୍ଗପରି ଗଣେଶଙ୍କର ଦାନ୍ତ ଭୂମିରେ ପଡ଼ିଥିବାର ଓ ଗଣେଶ କୁଣ୍ଠିତ ନ ହୋଇ ଲଜ୍ଜିତ ହୋଇଥିବାର ଦେଖିଲେ ।

❖ ❖ ❖

ମନେ ପକାଧନ !          ସେଦିନ ବଚନ
ଯେଦିନ ଗରଭେ ଥିଲୁ ।
ଭୂମିପରେ ପଡ଼ି          କାହିଁ କାହିଁ ଛାଡ଼ି
ମୋର ମୋର କହି ହେଲୁ ॥
ଚେତାଇ ଦେଲିଣି          ହେଜାଇ ଦେଲିଣି
ତଥାପି ତୁ ବୁଝୁ ନାହୁଁ ।
କାଳ ଆସିଲାଣି          ସମନ ଦେଲାଣି
ରହିକି ପାରିବୁ ଆଉ ?

--ଶ୍ରୀଶ୍ରୀଶ୍ରୀ ଠାକୁର

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ

'ବିବେକାନ୍ଧସ୍ୟ ମୂଢ଼ତା' -ଯାହାର ବିବେକ ଅନ୍ଧ, ସେ ମୋହାବିଷ୍ଟ, ନିର୍ବୋଧ, ଅଜ୍ଞାନ, ମୂଢ଼ ଓ ଜଡ଼ । ପ୍ରାଣୀ ଧରାପୃଷ୍ଠରେ ଇନ୍ଦ୍ରିୟ ଗଣଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆପଣା ମନର ଅଧୀନ ହୋଇ ନାନାଦି ବିଷୟ ଭୋଗ ଜନିତ ଅନିତ୍ୟ ସୁଖରେ କାଳଯାପନ କରେ । ଏଥିରୁ ମାୟା ଓ ମୋହର ପାଶ ଦୃଢ଼ ହୋଇ ତାକୁ ବନ୍ଧନ କରେ । ବଦ୍ଧଜୀବ ମୁକ୍ତି ପାଇଁ ଆର୍ତ୍ତଚିତ୍କାର କରେ । ହେଲେ କାହିଁ ମୁକ୍ତି ? କାହିଁ ଚରମପ୍ରାପ୍ତି ? ଲକ୍ଷ୍ୟ ସୁଦୂର ପରାହତ ହୁଏ । ଲକ୍ଷ୍ୟ ସ୍ଥିର କରି ମଧ୍ୟ ଅନେକେ ଲକ୍ଷ୍ୟଭ୍ରଷ୍ଟ ହୁଅନ୍ତି ମାୟାମୋହର ନିଗଢ଼ ବନ୍ଧନରେ ପଡ଼ି । ବିବେକର ଆଲୋକରେ ଅନ୍ତର୍ଜଗତକୁ ଆଲୋକିତ କରିବାର ପ୍ରେରଣାପାଇଁ ଆମର ପ୍ରୟାସ ॥

'ଚରମ' : ଷଷ୍ଠପୁଷ୍ପ-ଦ୍ୱିତୀୟ ପାଖୁଡ଼ା-ସପ୍ତବିଂଶତିତମସଂଖ୍ୟାର ଅନୁସୃତିରୁ--

## ସିପ୍ତାମୋହ ଓ ଧିସିପ୍ତାମୋହ

### ସିପ୍ତାମୋହ :

ଗୁର୍ବାଙ୍ଗଂଜନ ମୋହର ଏକବିଂଶ ପ୍ରକରଣ ସିପ୍ତା ମୋହ ସମ୍ବନ୍ଧରେ ଜିଜ୍ଞାସୁ ଶିଷ୍ୟ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କୁ ଅନୁନୟ ପୂର୍ବକ ପ୍ରାର୍ଥନା କରନ୍ତି ।

**ଶିଷ୍ୟ ଉବାଚ**

ସିପ୍ତା ମୋହ ବିଷୟ ଦେବ । ମୋତେ ଦୟାବହି କହିବ ॥

ଜିଜ୍ଞାସୁ ଶିଷ୍ୟ ଅନୁନୟରେ ସନ୍ତୁଷ୍ଟ ହୋଇ ଭକ୍ତ ବତ୍ସଳ ଭାବଗ୍ରାହୀ ଗୁରୁସ୍ୱାମୀ ସୁମଧୁର ସ୍ମିତହସ ହସି ସୁମଧୁର ଭାଷା ଓ ସୁକୋମଳ କଣ୍ଠରେ କହନ୍ତି:

**ଶ୍ରୀଗୁରୁସ୍ୱାମୀ ଉବାଚ**

ସିଦ୍ଧିପ୍ରାପ୍ତ ଯେଉଁ ପୁରୁଷ । ଷଡ଼ଚକ୍ରର କଣ୍ଠଦେଶ ॥
କରିବା ବେଳ ଅବସ୍ଥାନ । ମଣ୍ଡଳଗୋଟି ଦେବଯାନ ॥
ତହୁଁ କ୍ଷରିତ ସୂକ୍ଷ୍ମତତ୍ତ୍ୱ । ଏ ସିପ୍ତାମୋହର ମହତ୍ତ୍ୱ ॥
ଏହି ମଣ୍ଡଳୁ ଆୟୁର୍ବେଦ । ତତ୍ତ୍ୱ ସମ୍ବଳିତ ଉଭିଦ ॥
ତତ୍ତ୍ୱ ସମ୍ବନ୍ଧେ ସର୍ବଜ୍ଞାନ । ପ୍ରାପତ ହୁଏ ସନ୍ନିଧାନ ॥
ସାଧନ କରିବା ବେଳରେ । ଏହି ଚକ୍ରକୁ ଭେଦକଲେ ॥

ଏ ଜ୍ଞାନ ପ୍ରାପ୍ତି ହୁଏ ନାହିଁ । ପୁନଶ୍ଚ ବିଧାନ ଅଛଇ ॥
ଷଡ଼ ଚକ୍ରକୁ ଭେଦ କରି । ପୂର୍ଣ୍ଣାଙ୍ଗ ସିଦ୍ଧି ପ୍ରାପ୍ତି ସାରି ॥
ପରମାତ୍ମାଙ୍କ ନିର୍ଦ୍ଦେଶରେ । ସାଧକ ପୁଣି ଇଚ୍ଛା କଲେ ॥
ଉଦ୍ଭିଦ ତତ୍ତ୍ୱ ସମ୍ବନ୍ଧରେ । ସମସ୍ତ ଜ୍ଞାନ ଲାଭ କରେ ॥

**ସାଧକ କୁଣ୍ଡଳିନୀ ଯୋଗ ସାଧନ କାଳରେ ଷଡ଼ଚକ୍ର ମଧ୍ୟରୁ କଣ୍ଠଦେଶ ଅର୍ଥାତ୍ ବିଶୁଦ୍ଧ ଚକ୍ରରେ ଅବସ୍ଥାନ କରିବା ସମୟରେ ଦେବଯାନ ମଣ୍ଡଳରୁ ଯେଉଁ ସୂକ୍ଷ୍ମତତ୍ତ୍ୱ କ୍ଷରିତ ହୁଏ, ତାହାକୁ ସିପ୍ତାମୋହ କୁହାଯାଏ ।**

ଏହି ମଣ୍ଡଳରୁ ସେହି ସମୟରେ ଯେଉଁ ସୂକ୍ଷ୍ମ ଜ୍ଞାନ ତତ୍ତ୍ୱ କ୍ଷରିତ ହୁଏ, ତାହା ଆୟୁର୍ବେଦ ଓ ଉଦ୍ଭିଦ ତତ୍ତ୍ୱ ସମ୍ବନ୍ଧୀୟ ଅଟେ । ପ୍ରାଣୀ (ସାଧକ) ସିଦ୍ଧିର ପୂର୍ବାବସ୍ଥା ଅର୍ଥାତ୍ ଯେତେବେଳେ ସାଧନ ମାର୍ଗ ଅବଲମ୍ବନ କରିଥାଏ, ସେହି ସମୟରେ ଏହି ସିପ୍ତାମୋହର ଜ୍ଞାନତତ୍ତ୍ୱ ଲାଭ କରିନଥାଏ । କିନ୍ତୁ, ଯେତେବେଳେ ସାଧକ ସିଦ୍ଧିଲାଭ କରେ, ସେତେବେଳେ ଏହି ମଣ୍ଡଳକୁ ଲକ୍ଷ୍ୟ କରି ଅନୁଧ୍ୟାନ କଲେ, ମଣ୍ଡଳର ସକଳ ସୂକ୍ଷ୍ମ ଜ୍ଞାନ ତତ୍ତ୍ୱ ଦର୍ଶନ କରିଥାଏ । ଏହି ମଣ୍ଡଳରେ ଯେଉଁ ସୂକ୍ଷ୍ମଜ୍ଞାନ ଥାଏ, ତାହା ପ୍ରତି ଆକୃଷ୍ଟ ହେଲେ ସେ ଜାଣିପାରେ । କିନ୍ତୁ ପରମେଶ୍ୱର ପରମାତ୍ମାଙ୍କ ନିର୍ଦ୍ଦେଶକ୍ରମେ ଧରାପୃଷ୍ଠକୁ ସାଧକ ପ୍ରସାରିତ କରିଥାଏ । ଚରକ, ଶୁଶ୍ରୁତ ଆଦି ଆୟୁର୍ବେଦାଚାର୍ଯ୍ୟମାନେ ଏବଂ ମୁନୀଋଷି, ସିଦ୍ଧିସାଧକ ଏହି ସିପ୍ତାମୋହ ପ୍ରଭାବରୁ ଧରାପୃଷ୍ଠରେ ଆୟୁର୍ବେଦ ବିଜ୍ଞାନ ପ୍ରଚାର ପ୍ରସାର କରିଯାଇଛନ୍ତି । ସିପ୍ତାମୋହ ପ୍ରଭାବରେ ପ୍ରଭାବିତ ହୋଇ ସାଧକ ସିଦ୍ଧିଲାଭ କରିବା ପରେ ଦେବଯାନ ମଣ୍ଡଳର ୪୨ ସୋପାନ ଶ୍ରେଣୀକୁ ଲକ୍ଷ୍ୟକଲେ ଧରାପୃଷ୍ଠରେ ଜନ୍ମଲାଭ କରିଥିବା ବିଭିନ୍ନ ଲତାଗୁଳ୍ମ ଉଦ୍ଭିଦାଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସୂକ୍ଷ୍ମଜ୍ଞାନ ଦର୍ଶନପୂର୍ବକ ଲାଭ କରିପାରେ । କେଉଁ ଲତା ବା ଗୁଳ୍ମ ବା ଉଦ୍ଭିଦର କେଉଁ ଅଂଶ କେଉଁ ବ୍ୟାଧିର ନିରାକରଣ ବା ଉପଶମ ନିମନ୍ତେ କେଉଁ ମାତ୍ରାରେ ବା ପଦ୍ଧତିରେ ପ୍ରୟୋଗ କରାଯାଇ ଉପଚାର କରାଯାଇପାରିବ ସେ ସକଳ ଜ୍ଞାନ ସିଦ୍ଧି ସାଧକକୁ ପ୍ରାପ୍ତ ହୋଇଥାଏ । ଏ ସମସ୍ତ ତତ୍ତ୍ୱ ସାଧକ ନିଃସ୍ୱାର୍ଥପରଭାବେ ଜନ କଲ୍ୟାଣ ଲକ୍ଷ୍ୟରେ ଜଗତର ମଙ୍ଗଳ ପାଇଁ ଧରାପୃଷ୍ଠରେ ପ୍ରଚାର ପ୍ରସାର କରି ଲୋକମାନଙ୍କର ବ୍ୟାଧି ଉପଶମ ନିମନ୍ତେ ଉପଯୋଗ କରିଥାଏ । ଏହାହିଁ ସିପ୍ତା ମୋହର ମହତ୍ତ୍ୱ ଅଟେ ।

## ଧୃସିପ୍ତା ମୋହ:

ସିପ୍ତାମୋହ ସମ୍ପର୍କରେ ଜାଣିବା ପରେ ଅନୁସନ୍ଧିତ୍ସୁ ଶିଷ୍ୟ ଗୁର୍ବାଙ୍ଗଂଜନ ମୋହର ଦ୍ୱାବିଂଶତମ ପ୍ରକରଣ ଧୃସିପ୍ତା ମୋହ ସମ୍ବନ୍ଧରେ ଜାଣିବାର ଇଚ୍ଛା ପ୍ରକାଶ କରି ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଅନୁନୟ ପୂର୍ବକ ପ୍ରାର୍ଥନା କରନ୍ତି:

### ଶିଷ୍ୟ ଉବାଚ

**ଧୃସିପ୍ତା ମୋହ ପ୍ରକରଣ । ବ୍ୟାଖ୍ୟା କରହେ ନାରାୟଣ ॥**

ଭକ୍ତପ୍ରିୟ ଗୁରୁସ୍ୱାମୀ ପରମ ସନ୍ତୋଷରେ ସ୍ମିତହସି ଜିଜ୍ଞାସୁ ଶିଷ୍ୟର ଜିଜ୍ଞାସାର ସମାଧାନ ଦେବାକୁ ଯାଇ ସୁମଧୁର ସ୍ୱରରେ କହିଲେ :

## ଶ୍ରୀଗୁରୁସ୍ୱାମୀ ଉବାଚ

ପ୍ରାଣୀ ଯେ ପ୍ରଣବ ଚକ୍ରରେ । ଯେବେଳେ ଅବସ୍ଥାନ କରେ ॥
ଲଲାଟେ ତ୍ରିକୂଟ ତ୍ରିବେଣୀ । ଝରଣେ ସଂଯୋଗ ବିଧାନି ॥
ବ୍ରହ୍ମରନ୍ଧ୍ର ସୂକ୍ଷ୍ମ ଜଗତେ । ଚୈତନ୍ୟଶୀଳେ ପୂର୍ଣ୍ଣମତେ ॥
ପହଞ୍ଚି ଜ୍ଞାନ ରୂପରସ । ପ୍ରାପତ ହୁଅଇ ଅବଶ୍ୟ ॥
ତାହାକୁ କହି ଏହି ମୋହ । ଶୁଣି ହୋ ବତ୍ସ ଧୀରେ ରହ ॥

ପ୍ରାଣୀ ପ୍ରଣବଚକ୍ରରେ କୁଣ୍ଡଳିନୀ ସାଧନା ସମୟରେ ଅବସ୍ଥାନ କରିବା ସମୟରେ ଲଲାଟ ଚକ୍ରର ତ୍ରିକୂଟସ୍ଥ ତ୍ରିବେଣୀ (ଇଡ଼ା, ପିଙ୍ଗଳା, ସୁଷୁମ୍ନା) ର ରସ ଝରଣା ଏକତ୍ର ସମ୍ମିଳିତ ହୋଇ ଉଦାନ ବାୟୁ ଦ୍ୱାରା ଚାଳିତ ହୋଇ ବ୍ରହ୍ମରନ୍ଧ୍ରର ସୂକ୍ଷ୍ମ ଜଗତରେ ପ୍ରବେଶ କରି ପୂର୍ଣ୍ଣ ଚୈତନ୍ୟଶୀଳ ଅବସ୍ଥାରେ ପହଞ୍ଚି ଜ୍ଞାନରୂପକ ଅମୃତ ରସ ପ୍ରାପ୍ତହୁଏ, ଏହି ଅବସ୍ଥାକୁ ଧୀସିପ୍ସା ମୋହ କୁହାଯାଏ ।

(କ୍ରମଶଃ......)

❖❖❖

କର୍ମଧାରା କରି ଗଳାର ମାଳି ।
ସତ୍ୟର ଚନ୍ଦନ ଭାବରେ ବୋଳି ।।
ସହିଯିବୁ ଯେତେ ଦୁଃଖ ଆସିବ ।
ତେବେ ଯାଇ ଧନ ଦେହ ବାସିବ ।।
- ଶ୍ରୀଶ୍ରୀ ଠାକୁର

# ଗାରୁଡ଼ସ୍ତମ୍ଭ

## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ :

'ଚରମ' : ଷଷ୍ଠ ପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ସପ୍ତବିଂଶତିତମ ସଂଖ୍ୟାରୁ ଅନୁସୃତ :

## ନାରୀ ହିଁ ପ୍ରକୃତି

''ବ୍ରହ୍ମ''- ଏକ,ଅଦ୍ୱିତୀୟ । ସୃଷ୍ଟି ନିର୍ମାଣର ଇଚ୍ଛାରେ ସେ ସ୍ୱୟଂ ନିଜକୁ ଦୁଇଭାଗରେ ବିଭକ୍ତ କରି ''ପୁରୁଷ ଓ ପ୍ରକୃତି'' ରୂପରେ ପରିଚୟ ଦେଲେ । ''ପୁରୁଷ'' ଅର୍ଥାତ୍ ''ପୁରୁ-ଉଷ''= ସ୍ୱାମୀ, ଜୀବାତ୍ମା, ପରମାତ୍ମା, ଈଶ୍ୱର, ପୌରୁଷ ଅର୍ଥ ପୁରୁଷତ୍ୱ, ପରାକ୍ରମ, ତେଜଃ, ବୀର୍ଯ୍ୟର ସ୍ୱରୂପ । ''ପ୍ରକୃତି'' ଅର୍ଥାତ୍ ପ୍ର-କୃ-ତି'' । ଅର୍ଥ-ଈଶ୍ୱର ସୃଷ୍ଟ ଯାବତୀୟ ବସ୍ତୁର ସମଷ୍ଟି, ନିସର୍ଗ, ସ୍ୱଭାବ, ଧାତୁ, ପଞ୍ଚଭୂତ, ଆଦ୍ୟାଶକ୍ତି, ଅବିଦ୍ୟା ବା ମାୟା, ନାରୀ, ପଞ୍ଚମହାଭୂତ, ପରମାତ୍ମା । ପୁରୁଷ ଭାବରେ ନିଜକୁ ନିଷ୍କ୍ରିୟ, ନିରାକାର ରଖି ପ୍ରକୃତି ରୂପରେ ସାକାରତ୍ୱ ଗ୍ରହଣ କଲେ । ତେଣୁ ନିରାକାର ବ୍ରହ୍ମଙ୍କର ସାକାର ସ୍ୱରୂପ ହେଉଛନ୍ତି ଆଦ୍ୟାଶକ୍ତି''ପ୍ରକୃତି'' ! ଏ ''ପ୍ରକୃତି'' ମଧ୍ୟ ଅବ୍ୟକ୍ତ । କିନ୍ତୁ ନିରାକାରଙ୍କ ସୂକ୍ଷ୍ମ ଇଚ୍ଛା ବା ଆଜ୍ଞାକୁ କାର୍ଯ୍ୟକ୍ଷମ କରି କରାଇବାର ସଂପୂର୍ଣ୍ଣ ଭାର ଗ୍ରହଣ କରିଛନ୍ତି । ସୁତରାଂ ଉଭୟଙ୍କ ମଧ୍ୟରେ କେହି ଶ୍ରେଷ୍ଠ ବା ନ୍ୟୁନ ନୁହଁନ୍ତି । ଉଭୟେ ଏକ ଏବଂ ଅଭିନ୍ନ । ଆହୁରି ସରଳ ଭାବରେ କହିବାକୁ ଗଲେ ''ପୁରୁଷ ବା ନିରାକାର ବ୍ରହ୍ମ'' ଙ୍କର କାର୍ଯ୍ୟକାରିଣୀ ଶକ୍ତିର ନାମ ''ପ୍ରକୃତି'' ।

ବ୍ରହ୍ମଙ୍କ ସୃଷ୍ଟି ନିର୍ମାଣ, ପାଳନ ଓ ସଂହାର ଇଚ୍ଛାକୁ ସାକାର କରିବା ପାଇଁ ''ବ୍ରହ୍ମଅବ୍ୟକ୍ତମଣ୍ଡଳ'' ରୁ ତାଙ୍କର ଇଚ୍ଛାମତେ ''ପ୍ରକୃତିମଣ୍ଡଳ'' ସୃଷ୍ଟି ହେଲା । ଏଠାରେ ଆଦିମାତା ''ପ୍ରକୃତି'' ନିର୍ଗୁଣମୟୀ ହୋଇ ''ସତ୍-ଚିତ-ଆନନ୍ଦ''ର ପୂର୍ଣ୍ଣ ଆଧାରରେ ''ହ୍ଲାଦିନୀ' ନାମ ନେଇ ଅବ୍ୟକ୍ତ ଭାବରେ ରହିଗଲେ । ପର୍ଯ୍ୟାୟକ୍ରମେ ନିଜର ତ୍ରିଗୁଣାତ୍ମିକା ମାୟା ଚନ୍ଦ୍ରିକା ବିସ୍ତାର କରି ବ୍ରହ୍ମଙ୍କ ସୂକ୍ଷ୍ମ ଆଜ୍ଞାରେ ''ହିରଣ୍ୟଗର୍ଭ'' ନିର୍ମାଣ କଲେ । ଏହି ହିରଣ୍ୟଗର୍ଭରୁ ସମଗ୍ର ସୃଷ୍ଟି ଓ ସୃଷ୍ଟିର ପ୍ରତ୍ୟେକ ଜୀବ, ଜନ୍ତୁ, ବୃକ୍ଷଲତା, କୀଟ, ପତଙ୍ଗ ଆଦିଙ୍କର ସ୍ଥୂଳ ଦେହ ନିର୍ମିତ ହୋଇ ଜଗତ (ଜନନୀ-ଗର୍ଭ-ତତ୍ତ୍ୱ) ସୃଷ୍ଟି ହେଲା । ସ୍ୱଗର୍ଭରୁ ଜୀବଜଗତ ଜନ୍ମ ନେଇ ବ୍ରହ୍ମଙ୍କ ଇଚ୍ଛାରେ ଲୀଳା ସଂଗଠନ ପାଇଁ ଧରାପୃଷ୍ଠକୁ ଆସୁଥିବାରୁ ସେ (ପ୍ରକୃତି) ''ଜଗତ୍‌ଜନନୀ'' 'ମାଆ' ର ସଂଜ୍ଞା ବହନ କଲେ । ଜନନୀଙ୍କର ଏହି ହିରଣ୍ୟଗର୍ଭରୁ ସମସ୍ତ ଜୀବଜଗତ ସୃଷ୍ଟି ହୋଇ ସ୍ୱସ୍ୱ କାର୍ଯ୍ୟ ନିର୍ବାହ ପରେ ପୁନଶ୍ଚ ସେହି ହିରଣ୍ୟଗର୍ଭକୁ ପ୍ରତ୍ୟାବର୍ତ୍ତନ କରିବାକୁ ଲାଗିଲେ । ଏହା ଏକ ଚିରନ୍ତନ ପ୍ରଥା ହୋଇ ରହିଗଲା, ରହିଥିବ । ଏହି ସତ୍ୟକୁ ଉପଲବ୍ଧି କରି ଜଗଦ୍-ଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କ ସୃଷ୍ଟି ପ୍ରକରଣ ନିର୍ଯ୍ୟାସରେ କହିଥିଲେ, ''ପୁନରପି ଜନନମ୍, ପୁନରପି ମରଣମ୍, ପୁନରପି ଜନନୀ ଜଠରେ ଶୟନମ୍ ।''

ହିରଣ୍ୟଗର୍ଭର ସୃଷ୍ଟିପରେ, ପ୍ରକୃତି ବ୍ରହ୍ମଙ୍କ ସୂକ୍ଷ୍ମ ଆଜ୍ଞାରେ ବ୍ରହ୍ମଲୀଳାର ସୂକ୍ଷ୍ମ ଅଣୁଚନ୍ଦ୍ରିକା ଆଧାରକୁ ମାଧ୍ୟମ କରି ସପ୍ତଲୋକ ସୃଷ୍ଟିକଲେ । ଯଥା: ଭୂଃଲୋକ, ଭୂବଃ ଲୋକ, ସ୍ୱଃଲୋକ, ମହଃଲୋକ, ଜନଃଲୋକ, ତପଃଲୋକ ଓ ସତ୍ୟମ୍ ଲୋକ । ଏହାପରେ ସଚରାଚର ବ୍ରହ୍ମାଣ୍ଡକୁ ସଂଚାଳନ କରିବା ପାଇଁ ମାୟାବଳରେ ତିନୋଟି ଗୁଣସୂତ୍ର ଯଥା: ସତ୍ତ୍ୱ, ରଜ, ତମ ସୃଷ୍ଟି କରି ହିରଣ୍ୟ ଗର୍ଭରୁ ଭୂଲୋକ ପର୍ଯ୍ୟନ୍ତ ସମସ୍ତ ବ୍ରହ୍ମାଣ୍ଡକୁ ତନ୍ମଧ୍ୟରେ ଆବଦ୍ଧ କରିଦେଲେ । ଫଳରେ ହିରଣ୍ୟଗର୍ଭରୁ ବ୍ରହ୍ମଲୀଳାର ଅଂଶ ସ୍ୱରୂପ ଜୀବଜଗତ ସୃଷ୍ଟି ହୋଇ ''ହ୍ଲାଦିନୀ'' ଙ୍କର ତ୍ରିଗୁଣାତ୍ମିକା ମାୟାର ପ୍ରଭାବରେ ସର୍ବତୋଭାବେ ତାଙ୍କର ଗୁଣାଧୀନ ହୋଇ ରହିଲେ ଏବଂ ଆଦ୍ୟାଜନନୀ ତାଙ୍କ ବିସ୍ତାରିତ ମାୟା ଫାଶରେ ସମଗ୍ର ସୃଷ୍ଟିକୁ ବନ୍ଧନ କରି ବ୍ରହ୍ମଲୀଳା ସଂରଚନ କାର୍ଯ୍ୟରେ ମଗ୍ନ ରହିଲେ । ତ୍ରିଗୁଣର ଗୁଣସୂତ୍ର ମାଧ୍ୟମରେ ନିଜେ ସୂକ୍ଷ୍ମରେ ଜୀବଶରୀରରେ ''ଶକ୍ତି'' ହୋଇ ଅବସ୍ଥାନ କଲେ ଏବଂ ବ୍ରହ୍ମଆଜ୍ଞା କାର୍ଯ୍ୟକାରୀ କରାଇଲେ ।

ତେଣୁ ବାସ୍ତବରେ ଏହି ଜଗତ୍‌ସୃଷ୍ଟିକାରିଣୀ ଆଦ୍ୟାଶକ୍ତିଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ, ଗୁଣନାହିଁ । ସେ ଅରୂପା, ଅଣାକାର, ନିରାକାର, ଗୁଣରହିତ ସୂକ୍ଷ୍ମ ମହାଶକ୍ତି । ନିରାକାର ବ୍ରହ୍ମଙ୍କର ଇଚ୍ଛା ଶକ୍ତି । ମାତ୍ର ସୃଷ୍ଟିର ଆବଶ୍ୟକତା ସମୟରେ, ଭକ୍ତଜନମାନଙ୍କର ଆକୁଳ ନିବେଦନରେ ସେ ଗୁଣମୟୀ, ତ୍ରିଗୁଣାତ୍ମିକା ମାହେଶ୍ୱରୀ, ବହୁରୂପା, ସର୍ବରୂପା ।

ବ୍ରହ୍ମସ୍ୱରୂପିଣୀ ଆଦ୍ୟାଶକ୍ତି ଅବ୍ୟକ୍ତ ''ହ୍ଲାଦିନୀ'' ଙ୍କର ଲୀଳା ସଂରଚନ ମାଧ୍ୟମର ପ୍ରଥମ ସ୍ୱରୂପ ''ମୋହିନୀ'' । ଏହି ''ମୋହିନୀ'' ଶବ୍ଦ ଉଚ୍ଚାରିତ ହେବାମାତ୍ରେ ମନୁଷ୍ୟ ମନର କଳ୍ପନା ଚକ୍ଷୁରେ ସ୍ୱତଃ ଏକ ନାରୀ ରୂପର ଛାୟା ଉଦ୍ ଭାସିତ ହୋଇଯାଏ । ମାତ୍ର ବାସ୍ତବତା ତାହାନୁହେଁ । ଠିକ୍ ମାଆ ''ହ୍ଲାଦିନୀ'' ଙ୍କ ପରି ''ମୋହିନୀ'' ମଧ୍ୟ ଅବ୍ୟକ୍ତ । ଏହା ଏକ ଅଦୃଶ୍ୟ, ଶୂନ୍ୟ, ସୂକ୍ଷ୍ମ ମହାଶକ୍ତି । ଏହାରି ମାଧ୍ୟମରେ ମହାଦେବୀ ବ୍ରହ୍ମଙ୍କ ଆଜ୍ଞାକୁ ତାଙ୍କର ସୂକ୍ଷ୍ମ ଆଶିଷ ରୂପରେ ସଚରାଚରେ ପ୍ରଦାନ କରିଥାଆନ୍ତି । ଏହାଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନଥିବା ହେତୁ ତାଙ୍କୁ ସ୍ଥୁଳ ଚକ୍ଷୁରେ ଦର୍ଶନ କରିହୁଏ ନାହିଁ । କାରଣ ଏହା ଜନନୀଙ୍କ ମାୟାର ସୂକ୍ଷ୍ମାତିସୂକ୍ଷ୍ମ ଅଣୁଚନ୍ଦ୍ରିକା । କିନ୍ତୁ ସୂକ୍ଷ୍ମ ଚକ୍ଷୁ, ଦିବ୍ୟ ଚେତନା ଓ ପୁରୁଷଙ୍କର ପୌରୁଷ ସତ୍ତା ବୁଦ୍ଧି, ବିବେକ ଜ୍ଞାନ ଦ୍ୱାରା ଅନୁଭବ କରିହୁଏ । ମାୟାର ସୂକ୍ଷ୍ମସ୍ତର ଭେଦ କରି ସିଦ୍ଧାନ୍ତ ସତ୍ୟରେ ପହଞ୍ଚିପାରେ । ଉଦାହରଣ:-ଅଗ୍ନି ପ୍ରଜ୍ୱଳିତ ହେଲେ ଅଗ୍ନିଶିଖା ଦେଖିହୁଏ । କିନ୍ତୁ ଅଗ୍ନିର ଦାହିକା ଶକ୍ତି କିମ୍ୱା ଉତାପ ଦେଖିହୁଏ ନାହିଁ । ତେଣୁ ହ୍ଲାଦିନୀଙ୍କର ମାୟାରୂପକ ଜଠରାଗ୍ନି ହେଉଛି ଜୀବମାନଙ୍କର କର୍ମପ୍ରବାହ । ସେହି ସ୍ଥୁଳ କର୍ମ ଦେଖିହୁଏ । ମାତ୍ର ଯେଉଁ ସୂକ୍ଷ୍ମ ଆଧାରରେ ସେହି ଅଗ୍ନି ପ୍ରଜ୍ୱଳିତ ହେଉଛି, ଜ୍ୱଳନ ସମୟରେ ଯେଉଁ ଉତାପ ସୃଷ୍ଟି ହେଉଅଛି, ତାହା କେହି ଦେଖିପାରୁନାହାନ୍ତି । ସୁତରାଂ କର୍ମ ଅଗ୍ନିରେ ''ମୋହିନୀ'' ହେଉଛନ୍ତି ''ଉତାପ'' ଓ ''ଅଗ୍ନିର ଦାହିକା ଶକ୍ତି'' । ତାଙ୍କୁ କେବଳ ଅନୁଭବ କରିହେବ । ସ୍ଥୁଳ ବିଶେଷରେ ସାଧକ, ଭକ୍ତ ଯଦି ନିଜର ଅଭ୍ୟାସ କର୍ମ, ନିଷ୍ଠା, ଏକାଗ୍ରତା, ଭକ୍ତି ଓ ଦୃଢ଼ତା ବଳରେ କୌଣସି ଏକ ନିର୍ଦ୍ଦିଷ୍ଟ ରୂପର କଳ୍ପନା କରି ଦର୍ଶନ କରିବାର ବ୍ୟାକୁଳତା ପ୍ରକାଶ କରେ, ତେବେ ମହାଦେବୀ ତତ୍‌କ୍ଷଣାତ୍ ସେହି ରୂପ ଗ୍ରହଣ କରି ଜିଜ୍ଞାସୁ ସମ୍ମୁଖରେ ଅବତୀର୍ଣ୍ଣା ହୁଅନ୍ତି ଓ ସାଧକ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରନ୍ତି । ଥରେ ଗୋଟିଏ ରୂପ ଗ୍ରହଣ କରି ଆବିର୍ଭାବ ହୋଇଯିବା ପରେ ସେହିରୂପ ବ୍ରହ୍ମାଣ୍ଡରେ ସ୍ଥାୟୀ ହୋଇ ରହିଯାଏ ଏବଂ ଉତ୍ତରା ସାଧକଭକ୍ତମାନେ ତନ୍ମଧ୍ୟରୁ ସେମାନଙ୍କର ରୁଚି ଓ ଶ୍ରଦ୍ଧା ଅନୁସାରେ ଯେ କୌଣସି ରୂପପ୍ରତି ଆସକ୍ତ ହୋଇ କର୍ମଯୋଗ ମାଧ୍ୟମରେ ଦର୍ଶନ ଓ ଆଶୀର୍ବାଦ ପାଇଁ ବ୍ୟାକୁଳ ହୋଇ ଉଠନ୍ତି । ସେହି କ୍ରମରେ ଜଗତ୍‌ଜନନୀ ଗାୟତ୍ରୀ, ଦୁର୍ଗା, ମହାଲକ୍ଷ୍ମୀ, ମହାସରସ୍ୱତୀ, ମହାକାଳୀ ଆଦି ରୂପରେ ସ୍ୱୀକୃତ ହୋଇ ଜୀବଜଗତକୁ ଆଶିଷ ପ୍ରଦାନ କରୁଛନ୍ତି ।

❖❖❖

କ୍ରମଶ.....

# ବାଲ୍ୟକାଳୁ ଧର୍ମଧନ ସଞ୍ଚିବି

ନୁହେଁ ମୁହିଁ ସୁଧାନନ୍ଦ ଅବା ଦେବାଶିଷ ।
ନାହିଁ ମୋର ଅଧିକାର କହିବାକୁ ଦାସ ॥
ଜାଣେନାହିଁ ପ୍ରଭୁ କେଉଁ ପଥରେ ଚଳିବି ?
କେଉଁ ଧନ ସାଇତି ମୁଁ ତୁମକୁ ଲଭିବି ?
ପଢୁଛି, ଶୁଣୁଛି ତୁମେ କରୁଣା ସାଗର ।
(କୃପାକର;) ସଦା ମନ ଚିନ୍ତୁ ଥାଉ ତୁମ ଶ୍ରୀପୟର ॥

*ସୃଷ୍ଟିଚକ୍ରର ନିୟମ ଅତ୍ୟନ୍ତ ନିଷ୍ଠୁର ଏବଂ ଅପରିବର୍ତ୍ତନୀୟ । ପ୍ରକୃତିଙ୍କର ଅଭିନବ ମାୟାଚକ୍ରର ପରିଧି ଅତିକ୍ରମ କରି ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିବା ବହୁତ କଠିନ । ଶରୀର ଗଠନର ସୂତ୍ର ଅନୁସାରେ ବାରବର୍ଷ ଅତିକ୍ରମ କରିଗଲେ ମନୁଷ୍ୟର ଜୀବକୋଷ ଗୁଡ଼ିକ ବାୟୁଦ୍ୱାରା ଶକ୍ତ ହୋଇଯାଆନ୍ତି । ଫଳରେ ସହଜରେ ସଂକୋଚନ ପ୍ରସାରଣ ହୋଇ ପାରନ୍ତି ନାହିଁ । ପରିଣତ ବୟସ ଉପସ୍ଥିତ ହୋଇଗଲେ ସାଧନ କ୍ରିୟା ପାଇଁ ମନରେ ଉତ୍ସାହ, ବ୍ୟାକୁଳତା ଆସିଲେ ମଧ୍ୟ ଶରୀର ଅନୁମତି ଦେଇପାରେ ନାହିଁ । ତେଣୁ ହଠାତରେ କେବଳ ବ୍ୟାକୁଳ ହେବା ବ୍ୟତୀତ ଅନ୍ୟ କୌଣସି କର୍ମଯୋଗ କରିବା ସହଜ ହୁଏ ନାହିଁ । ସେଥିପାଇଁ ଶୈଶବରୁ ହିଁ ମନ, ଶରୀରକୁ ସେହି ଭାବରେ ପରିଚାଳିତ କରିବାକୁ ହୁଏ । ସେହି ଲକ୍ଷ୍ୟରେ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ଆଶୀର୍ବାଦ ଗ୍ରହଣ କରି 'ଚରମ' ର ଏହି କ୍ଷୁଦ୍ର ଧାରାବାହିକ ଭାବରେ ମହାପୁରୁଷ ମାନଙ୍କ ଆତ୍ମଜୀବନୀ ମାଧ୍ୟମରେ ଶିଶୁ, କିଶୋର ମାନଙ୍କର ମନକୁ ପ୍ରେମ, ଭାବ ଭକ୍ତିର ଧାରାରେ ପରିଚାଳିତ କରିବାକୁ ସର୍ବଦା ପ୍ରୟାସ କରି ଆସୁଅଛି । ଉକ୍ତ ଆଶୀର୍ବାଦର ପ୍ରଭାବରେ ଯଦି କେହି ଆଗେଇ ପାରେ, ତେବେ ଶ୍ରମ ସାର୍ଥକ ହେବ ।*

'ଚରମ' : ଷଷ୍ଠପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ସପ୍ତବିଂଶତିତମ ସଂଖ୍ୟାରୁ ଅନୁସୃତ :

---

## ଦେବଶିଶୁ ସୁଧାନନ୍ଦ


ଦୁଇବର୍ଷ ନଅମାସ ବୟସରେ ସୁଧାନନ୍ଦ ସ୍ପଷ୍ଟ ଭାବରେ କଥାକହିବା ସଂଗେ ସଂଗେ ବ୍ରହ୍ମଜ୍ଞାନର ସୂଚନା ଦେଇ ପିତା, ମାତାଙ୍କୁ ଚମତ୍କୃତ କରିଦେଲେ । ତେଣୁ ସେମାନଙ୍କ ମନରେ ପୁଅର ପରିଚୟ ଜାଣିବା ପାଇଁ ବ୍ୟାକୁଳତା ସୃଷ୍ଟି ହେଲା । କିନ୍ତୁ ସୁଧାନନ୍ଦ ଅସ୍ଥିର ନ ହୋଇ ଅପେକ୍ଷା କରିବା ପାଇଁ ଉପଦେଶ ଦେଲେ । ତାପରେ....


ବୟସ ଦୁଇବର୍ଷ ଏଗାରମାସ । ଜନ୍ମାଷ୍ଟମୀ ତିଥି । ରାସେଶ୍ୱର ଶ୍ରୀକୃଷ୍ଣଙ୍କର ଶୁଭ ଆର୍ବିଭାବ ଦିବସ । ଘରେ ସେହି ଉପଲକ୍ଷେ ଉତ୍ସବର ଆୟୋଜନ ଚାଲିଥାଏ । ପିତା ସତ୍ୟବ୍ରତ ପ୍ରଭୁଙ୍କର ଜନ୍ମବାସ ପୂଜାର ଉପକରଣ ସଜାଇବାରେ ବ୍ୟସ୍ତ । ମାତା ସାରଥୀ କିନ୍ତୁ ପୂଜାର କୌଣସି କାର୍ଯ୍ୟରେ ସମୟ ଦେଇ ପାରୁନାହାନ୍ତି । କାରଣ ପୂର୍ବରାତ୍ରିରୁ ସୁଧାନନ୍ଦ ଅବିରତ କାନ୍ଦୁଛି । ଯାହା ପଚାରିଲେ କିଛି କହୁନାହିଁ କିମ୍ବା ବୁଝୁନାହିଁ । କାନ୍ଦମଧ୍ୟ ବନ୍ଦ

ହେଉନାହିଁ । ଅନେକ ଅନୁଭୂତି ପାଇବାପରେ ମଧ୍ୟ ପୁତ୍ର ମୋହରେ ଅଧୀରା ଜନନୀ ବ୍ୟସ୍ତ, ବିବ୍ରତ, ହୋଇଯାଉଛନ୍ତି । ମାତ୍ର ପିତା ସ୍ଥିର ଚିତ୍ତରେ ତାଙ୍କ କର୍ମ କରିଚାଲିଛନ୍ତି । କାରଣ ସେ ଅନୁଭବ କରିପାରିଛନ୍ତି, ପୁଅ ତାଙ୍କର ଅସାଧାରଣ । ସେ କୌଣସି ଏକ ନିର୍ଦ୍ଦିଷ୍ଟ ଭାବରଖି କାନ୍ଦୁଛି । ତା'ର ଲକ୍ଷ୍ୟପୂର୍ଣ୍ଣ ହୋଇଗଲେ କାନ୍ଦ ଆପେ ଆପେ ବନ୍ଦ ହୋଇଯିବ । ଧୀରେ ଧୀରେ ମଧ୍ୟାହ୍ନ ପାରିହୋଇଗଲା । ପ୍ରଭୁଙ୍କର ମଧ୍ୟାହ୍ନ ପୂଜାପରେ ପିତା ସତ୍ୟବ୍ରତ ମାତାଙ୍କୁ ନିର୍ଦ୍ଦେଶ ଦେଲେ ପୁଅ ସୁଧାନନ୍ଦଙ୍କୁ ସାଙ୍ଗରେ ନେଇ ପ୍ରଭୁଙ୍କ ଚରଣାରବିନ୍ଦରେ ପୁଷ୍ପାଞ୍ଜଳି ନିବେଦନ କରି ପ୍ରଣାମ କରିବାପାଇଁ । ସେତେବେଳ ପର୍ଯ୍ୟନ୍ତ ଅବୁଝା ପୁଅକୁ ମା' କୋଳରେ ଧରି ବସିଛନ୍ତି । ପୁଅ କାନ୍ଦୁଛି ଏବଂ ଦୁଃଖରେ ଭାଙ୍ଗି ପଡ଼ିଥିବା ମାଆ ମଧ୍ୟ କାନ୍ଦୁଛନ୍ତି । ସ୍ୱାମୀଙ୍କ ନିର୍ଦ୍ଦେଶରେ ପୁଅକୁ ଶୁଆଇଦେଇ ସାରଥୀ ଚାଲିଗଲେ ଶୌଚାଦି କ୍ରିୟା ସମାପ୍ତ କରିବା ପାଇଁ । ଶୌଚ ହୋଇ ପୁଅକୁ ନେଇ ପ୍ରଭୁଙ୍କ ପୂଜାସ୍ଥାନକୁ ଯିବାପାଇଁ ଯେତେବେଳେ ପୁଅ ନିକଟରେ ଉପସ୍ଥିତ ହୁଅନ୍ତି, ଦେଖନ୍ତି ଯେ ପୁଅ ଶଯ୍ୟାରେ ନାହିଁ । କଇଁ କଇଁ ହୋଇ କାନ୍ଦି ଉଠିଲେ । କାନ୍ଦଶୁଣି ପିତା ମଧ୍ୟ ପୂଜାସ୍ଥଳରୁ ଉଠି ଆସିଲେ । ଉଭୟେ ପୁଅକୁ ଖୋଜି ଖୋଜି ଘରବାଡ଼ିପଟକୁ ଯାଇ ଦେଖନ୍ତି ଯେ, ସୁଧାନନ୍ଦ ଠିଆ ହୋଇ ଶୂନ୍ୟ ଆକାଶକୁ ଚାହିଁ ରହିଛି । ଦୁଇ ହାତ ଯୋଡ଼ି ପ୍ରଣାମ କରୁଛି । ଆଶ୍ଚର୍ଯ୍ୟ ହୋଇ ରହିଗଲେ ପିତା ସତ୍ୟବ୍ରତ ଏବଂ ମାଆ ସାରଥୀ । ପୁଅ ତାଙ୍କର ହଠାତ୍ ଚାଲିବା ଆରମ୍ଭ କରି ସାରିଲାଣି । ମାଆ ପିତାଙ୍କୁ ପଚାରୁଛନ୍ତି । ''ପୁଅ ତ ଆଉ କାନ୍ଦୁନାହିଁ । ତା ହେଲେ କ'ଣ ଏହିପରି ଅଲୌକିକ ଭାବରେ ହଠାତ୍ ଚାଲିବାପାଇଁ ସେ ଗତରାତ୍ରିରୁ କାନ୍ଦୁଥିଲା ?'' କିଛି ସମୟ ପରେ ଆଉ ଧୈର୍ଯ୍ୟ ସମ୍ଭାଳି ନ ପାରି ମାଆ ଧାଇଁ ଗଲେ ଏବଂ ପୁଅକୁ କୋଳକୁ ଟେକିଆଣି ସ୍ନେହର ଚୁମ୍ବନ ଦେବାକୁ ଲାଗିଲେ । ପିତା ଆନନ୍ଦର ଅଶ୍ରୁ ଗଡ଼ାଇ କେବଳ ଚାହିଁ ରହିଥିଲେ ଏବଂ ଭାବୁଥିଲେ, ''କିଏ ଏହି ଶିଶୁ ? ଜୀବନର ପ୍ରତିଟି ମୁହୂର୍ତ୍ତ କେବଳ ଅଲୌକିକତାରେ ପୂର୍ଣ୍ଣ ହୋଇ ଯାଉଛି ।'' ଶ୍ରଦ୍ଧାପୂର୍ଣ୍ଣ କଣ୍ଠରେ କହିଲେ, ''ସାରଥି ! ପୁଅକୁ ନେଇ ପୂଜାମଣ୍ଡପକୁ ଆସ । ପ୍ରଭୁଙ୍କର ଶ୍ରୀପୟରେ ପୁଷ୍ପାଞ୍ଜଳି ଦିଅ ।'' ମାଆ ଆସିଲେ । ସୁଧାନନ୍ଦ କହୁଛନ୍ତି, ମାଆ ! ପ୍ରଭୁଙ୍କ ନିକଟକୁ ନେଉଛ । ମୋତେ କୋଳରେ ଟେକି ରଖିଛ କାହିଁକି ? ମୋତେ ଛାଡ଼ିଦିଅ । ମୁଁ ଚାଲିକରି ତୁମ ସହିତ ଯିବି । ମୋ ପ୍ରତି ଏତେ ଆସକ୍ତ ହେଲେ ପ୍ରଭୁଙ୍କ ଚରଣାରବିନ୍ଦରେ ପୁଷ୍ପାଞ୍ଜଳି କିପରି ଦେବ ? ତୁମ ମନରେ ପ୍ରଭୁଙ୍କ ଛନ୍ଦାପୟର ଅଙ୍କିତ ନ ହୋଇ କେବଳ ମୁଁ ହିଁ ରହିଯିବି । ତେଣୁ ଭକ୍ତି ଅର୍ଘ୍ୟ ନିବେଦନ ବୃଥା ହୋଇଯିବ । ତାଙ୍କ ନିକଟକୁ ଯିବାକୁ ହେଲେ ମନରୁ ସମସ୍ତ ବାହ୍ୟ ଆବରଣ ତ୍ୟାଗ କରିବାକୁ ହେବ । କେବଳ ତାଙ୍କୁ ହିଁ କାୟ, ମନ, ବାକ୍ୟରେ ଶରୀରରେ ଧାରଣ କରିବାକୁ ହେବ । ନଚେତ୍ ସେ ଲୀଳାମୟ ତୁମ ଭାବରାଜ୍ୟରୁ ଅପସରି ଯିବେ । ମନେ ପକାଇଲ ମାଆ ! ତୁମେ ଯେତେବେଳେ ମୋ କଥା ଚିନ୍ତାକରୁଛ, ମୋ ପ୍ରତି ଆକୃଷ୍ଟ ହୋଇ ମୋତେ କୋଳରେ ଧାରଣ କରୁଛ, ସେତେବେଳେ ମୋ ବ୍ୟତୀତ ଆଉ କାହାରି କଥା ତୁମର ମନେ ପଡୁଛି ? ପାରିବ ନାହିଁ ମାଆ ! ସେତେବେଳେ କାହାରିକୁ ତୁମେ ଗ୍ରହଣ କରିପାରିବ ନାହିଁ । ତାହାହିଁ ସୃଷ୍ଟି ଚକ୍ରରେ ମାୟାର କଠିନ ବନ୍ଧନ ସୂତ୍ର । ଠିକ୍ ସେହିପରି ତୁମେ ଯଦି ଆମର ଆରାଧ୍ୟ ସେହି ସଚ୍ଚିଦାନନ୍ଦଙ୍କୁ ମୋରି ସ୍ଥାନରେ ରଖି ମାୟାର ଗତିପଥ ପରିବର୍ତ୍ତନ କରିଦେବ ଏବଂ ସ୍ନେହ, ମମତାର ସମସ୍ତ ଆକର୍ଷଣ କେବଳ ତାଙ୍କରି ଉପରେ ଆରୋପ କରିଦେବ, ତେବେ ମୋରି ପରି ସଦ୍ୟଶିଶୁଟିଏ ହୋଇ ସେ ମଧ୍ୟ ତୁମରି କୋଳକୁ ଡେଇଁ ପଡ଼ିବେ । କାରଣ ସେ ଅତ୍ୟନ୍ତ ସ୍ନେହ କାଙ୍ଗାଳ । ଯିଏ ତାଙ୍କୁ ସ୍ନେହ, ମମତା, ପ୍ରୀତି, ଭାବ ବିଶ୍ୱାସ ଦେଇ ତାଙ୍କପାଇଁ ପାଗଳ ହୋଇପାରିଲା, ସେ ସୃଷ୍ଟିର ସମସ୍ତ ବିଭବକୁ ତୁଚ୍ଛ କରି ତାହାରି କୋଳରେ, ମନରେ, ହୃଦୟରେ ସବୁଦିନ ପାଇଁ ବନ୍ଦୀ ହୋଇଯାଆନ୍ତି । ସ୍ନେହ, ମମତାର ଊଣା ହୋଇଗଲେ ଅବିକଳ ସ୍ଥୂଳଶିଶୁଟି ପରି ଅଭିମାନ କରନ୍ତି, ଆଖିରୁ ଲୁହଗଡ଼ାନ୍ତି । କିନ୍ତୁ କିଛି କହନ୍ତି ନାହିଁ । ମନେ ପକାଅ ମାଆ ! ଆଜି ପବିତ୍ର ଜନ୍ମାଷ୍ଟମୀରେ ତାଙ୍କର ଯେଉଁ ରୂପ ପାଇଁ ତୁମେ ପୂଜାର ଆୟୋଜନ କରୁଛ, ସେହି ରୂପରେ ସେ ଯଶୋଦାଙ୍କ ନିକଟରେ କିପରି ଅଭିନବ ବାତ୍ସଲ୍ୟ ବନ୍ଧନରେ ବନ୍ଦୀ ହୋଇ ନିଜେ

ଖେଳୁଥିଲେ ଏବଂ ଖେଳାଉଥିଲେ । ସେତେବେଳେ ମମତାମୟୀ ଯଶୋଦାଙ୍କ ମନରେ ତାଙ୍କ କାହ୍ନା ବ୍ୟତୀତ ଆଉ କେହି ନଥିଲେ । ତେଣୁ ହେ ମୋର କଲ୍ୟାଣମୟୀ ଜନନୀ! ମୋ ପ୍ରତି ଯେଉଁ ମୋହରେ ଆକୃଷ୍ଟ ହୋଇ ମୋତେ ଏପରି ଅନାବିଳ ମମତା ଦେଇଚାଲିଛ, ତାକୁ ମୋ ନିକଟରୁ ଉଠାଇନେଇ ସେହି ପ୍ରେମମୟଙ୍କର ଠାରେ ଅର୍ପଣ କରିଦିଅ । କାରଣ ମୁଁ ଆଜି ତୁମ ନିକଟରେ ଅଛି । ଆସନ୍ତା କାଲି ଶ୍ରୀଗୁରୁଙ୍କ ନିର୍ଦ୍ଦେଶରେ ସେହି ପ୍ରଭୁଙ୍କ କାର୍ଯ୍ୟ କରିବାପାଇଁ ତୁମ ନିକଟରୁ ଚାଲିଯିବି । ସେତେବେଳେ ମୋର ସ୍ଥୁଳ ବିଚ୍ଛେଦ ତୁମକୁ ବହୁତ ବ୍ୟଥିତ କରିବ । ତୁମେ ଧୈର୍ଯ୍ୟ ରକ୍ଷା କରିବାକୁ ଅକ୍ଷମ ହେବ । କିନ୍ତୁ ଯଦି ତାଙ୍କୁ ମୋ ସ୍ଥାନରେ ବସାଇ ଏହି ସମ୍ପର୍କ ରଖିପାରିବ, ତେବେ ସବୁଦିନ, ସବୁସମୟ ପାଇଁ କେବଳ ତୁମରି ହୋଇ ସେ ରହିଯିବେ । ସେତେବେଳେ ''ଶାନ୍ତି''ର ପ୍ରକୃତ ଅର୍ଥ ତୁମେ ବୁଝି ପାରିବ । ଚାଲ ମା' ! ତାଙ୍କରି ପୂଜାମଣ୍ଡପକୁ ଯାଇ ପିତାଙ୍କ ସହ ପୁଷ୍ପାଞ୍ଜଳି, ଭକ୍ତିଅଞ୍ଜଳି ନିବେଦନ କରିବା ।'' ଏତିକି କହି ସୁଧାନନ୍ଦ ମାଆଙ୍କ କୋଳରୁ ତଳକୁ ଡ଼େଇଁ ପଡ଼ିଲେ ଏବଂ ଅନାୟାସରେ ଆଗକୁ ଚାଲିଲେ । ସ୍ତବ୍ଧ ହୋଇ ଶୁଣୁଥିବା ପିତା, ମାତା ସ୍ଥାଣୁପ୍ରାୟ କେବଳ ତାଙ୍କୁ ଅନୁସରଣ କଲେ । ପୂଜାସ୍ଥାନରେ ବସି ପହଞ୍ଚିବା ପରେ ଠିକ୍ ଏକ ଅଭ୍ୟସ୍ତ ତପସ୍ୱୀ ପରି ଶିଶୁ ସୁଧାନନ୍ଦ ପଦ୍ମାସନରେ ଚକ୍ଷୁ ମୁଦ୍ରିତ କରିଦେଲେ । ପିତା ସତ୍ୟବ୍ରତ ମାତାଙ୍କୁ କହିଲେ, ''ଦେଖୁଛ ସାରଥି ! ତୁମ ପୁଅ ବିନା ଚେଷ୍ଟା ଅଭ୍ୟାସରେ ଚାଲିପାରୁଛି । ସାଧାରଣ ଆସନ ନୁହେଁ-ପଦ୍ମାସନରେ ବସି ଧ୍ୟାନସ୍ଥ ହୋଇଯାଉଛି । ତେଣୁ ସ୍ୱାମୀ ଅଖଣ୍ଡାନନ୍ଦ ଚାରିବର୍ଷରେ ତାଙ୍କ ଆଶ୍ରମକୁ ନେଇଯିବା ପାଇଁ ଆମକୁ ନିର୍ଦ୍ଦେଶଦେବା ଅସ୍ୱାଭାବିକ କାହିଁକି ହେବ ?''ମାଆ ଆଉ କୌଣସି କଥା କହିବାକୁ ସେତେବେଳେ ସକ୍ଷମ ନଥିଲେ । କେବଳ ଆନନ୍ଦାଶ୍ରୁରେ ସ୍ନାନ କରିଚାଲିଥିଲେ । ସ୍ୱାମୀଙ୍କୁ ପଚାରିଲେ, ''ପୁଅ ତ ଧ୍ୟାନସ୍ଥ ହୋଇଗଲାଣି । ପୁଷ୍ପାଞ୍ଜଳି କିପରି ଦିଆଯିବ ?''ପିତା ଉତ୍ତର ଦେବାପୂର୍ବରୁ ସୁଧାନନ୍ଦ ଚକ୍ଷୁମେଲି କହିଲେ, ''ଆସ ମାଆ ! ପୁଷ୍ପଧାରଣ କର । ସମସ୍ତେ ମିଶି ପ୍ରଭୁଙ୍କୁ ଛନ୍ଦାଚରଣରେ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରିବା ।'' ପିତା, ମାତାଙ୍କ ସହ ପୁଷ୍ପାଞ୍ଜଳି ଦେବା ସମୟରେ ସୁଧାନନ୍ଦ ଆନନ୍ଦରେ ନାଚିଉଠିଲେ ଏବଂ ସ୍ତୁତି କରି କହୁଥିଲେ :

''ଅନନ୍ତ ଅସୀମ ତୁମେ ଅବ୍ୟକ୍ତ ପୁରୁଷ ।
ଇଚ୍ଛାମତେ ବ୍ୟକ୍ତ ହୋଇ ଦେଉଛ ଆଶିଷ ॥
କରୁଣା ଭଣାରେ ବ୍ରହ୍ମା ହୁଅନ୍ତି ଅଜଣା ।
ଦେବ ଦେବ ମହାଦେବ ହୋଇ ବାଟବଣା ॥
ଅହରହ ବନ୍ଦୁଛନ୍ତି ତୁମ ଶ୍ରୀପୟର ।
କେଉଁ ମନ୍ତ୍ରେ ପୁଷ୍ପ ଦେବୁ ଆମ୍ଭେ ନରଛାର ॥
ଯେଉଁ ପଦ କମଳାଙ୍କୁ ଅଛି ଅଗୋଚର ।
ସେ ପଦେ କିପରି ଦେବୁ ପୁଷ୍ପର ସମ୍ଭାର ॥
ଜ୍ଞାନହୀନ ମୂଢ଼ମତି କରୁଛୁ ମିନତି ।
ଶ୍ରୀପଦ ଦର୍ଶନ ଦେଇ ସ୍ଥିରକର ମତି ॥
ଘେନାକର ଭକ୍ତିପୁଷ୍ପ ଶ୍ରୀଛନ୍ଦା ଚରଣେ ।
ବିନ୍ଦୁସମ ସ୍ଥାନ ଦିଅ ସେହି ପଦ କୋଣେ ॥''





କ୍ରମଶଃ.....

❖❖❖

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

"ଅଣୁରେ ଅଣୁରେ ବିରାଜି ସେହି ।
ତୋ ଗୋପନ କଥା ଦେଉଛି କହି ॥
ତଥାପି ତାହାକୁ ଫାଙ୍କିବା ଆଶା ।
ମନେ ବାନ୍ଧିରଖିଅଛୁ ଭରସା ?"

— ଶ୍ରୀଶ୍ରୀଶ୍ରୀ ଠାକୁର ॥

ଧାରା ନେଇ ଅଭ୍ୟାସ କର୍ମଧାରା ପ୍ରତିଦିନ ଯଥାବିଧି କରୁଥିଲେ, ଚଗଲା ମନକୁ ଶାସନ କରିବା ସମ୍ଭବ ହେବ । କର୍ମଫଳର ଯାତନାରୁ ରକ୍ଷା ମିଳିବ । ସେହି ପଥରେ ଚାଲିବା ପାଇଁ ସୁଗମ ହେବ । ଯୁବ ସଂପ୍ରଦାୟ ପାଇଁ ଏ ପାଖୁଡ଼ାରେ ଆମର ନିବେଦନ-

## ମନସଂଯମ

ଅଧିକାଂଶ ଭାଇଭଉଣୀଙ୍କ ସହିତ ଆଲୋଚନା କରିବା ସମୟରେ ତାଙ୍କର ଅଭିଯୋଗ ଶୁଣିବାକୁ ମିଳେ ଯେ, ଶତଚେଷ୍ଟା କରି ମଧ୍ୟ ମନକୁ ପାଦପଦ୍ମରେ ଲଗାଇ ହେଉନାହିଁ । ମନ ଲଗାମଛଡ଼ା ପାଗଳ ଘୋଡ଼ା ପରି ଯେଣେ ଇଚ୍ଛା ତେଣେ ଧାଇଁ ଯାଉଛି । ମିଛଟାରେ ଆଖି ବୁଜି ଧ୍ୟାନରେ ବସି ରହିବାରେ କି ଲାଭ ମିଳିବ ? ମନ ଧିରସ୍ଥିର ହେଲେ ସିନା ଧ୍ୟାନ କରିବା ।

ଆମ ମତରେ, ମନକୁ ପ୍ରଥମେ ଧିର ସ୍ଥିର କରି ତା' ପରେ ଧ୍ୟାନରେ ବସିବାର ଅର୍ଥ ହେଉଛି ରୋଗୀର ରୋଗ ଭଲ ହୋଇଯିବା ପରେ ତା'କୁ ଔଷଧ ଖୁଆଇବା । ଏପରି କଥା କେବେ କେଉଁଠି ଘଟିଥିବାର କିଏ ଶୁଣିଛି ନା ଜାଣିଛି ? ଆରେ, ରୋଗ ହେଲାଣି ତ ଡାକ୍ତରଙ୍କ ପାଖକୁ ଯାଇ ଡାକ୍ତରଙ୍କର ପରାମର୍ଶ ଅନୁସାରେ ପଥ୍ୟ ଓ ଔଷଧ ଖାଇ ଚିକିତ୍ସାରେ ରହିଲେ ଯାଇ ସିନା ରୋଗ ଭଲ ହେବ । ସେହିପରି ମନକୁ ଧିରସ୍ଥିର କରିବାର ଉପାୟ କ'ଣ ? ଏହାର କ'ଣ କିଛି ସହଜ ଉପାୟ ନାହିଁ ? ଉପାୟ ନିଶ୍ଚୟ ଅଛି । କିନ୍ତୁ, ଉପାୟ ଅନୁସାରେ କାମରେ ଲାଗିଯିବା ଦରକାର । ଅଭ୍ୟାସରେ ପକାଇବା ଦରକାର । ତେବେ ଯାଇ ସୁଫଳ ମିଳିବ । ଧିରେ ଧିରେ ସବୁ ଠିକ ହୋଇଯିବ । ସୁଧୁରିଯିବ । ଆଉ ଅସୁବିଧା ରହିବ ନାହିଁ ।

ଏହାର ସହଜତମ ଉପାୟ ହେଉଛି ଗୁରୁ ବାକ୍ୟ ପାଳନ । ଗୁରୁବାକ୍ୟ ପାଳନ କରୁଁ କରୁଁ କ୍ରମଶଃ ଅଭ୍ୟାସରେ ପଡ଼ିଗଲେ, ମନ ଆପେ ଆପେ ଧିରସ୍ଥିର ସଂଯତ ହୋଇଯିବ । ପିଲା କଥା ନ ମାନି ଦୁଷ୍ଟ ହେଲେ କ'ଣ କରାଯାଏ । ତାହାଙ୍କୁ ନେଇ ଶିକ୍ଷକଙ୍କର ଜିମାରେ ଛାଡ଼ି ଦିଆଯାଏ । ଶିକ୍ଷକ ଅବାଧ୍ୟ ଦୁଷ୍ଟ ପିଲାକୁ ତାଙ୍କ ନିଜସ୍ୱ ଶୈଳୀରେ ଶାସନକରି ତାକୁ ଶିଷ୍ଟ, ବାଧ୍ୟ, ସୁଧାର କରିଦିଅନ୍ତି । ଏଥିପାଇଁ ଅବଶ୍ୟ କିଛି ସମୟ କଟିଯାଏ । ସଙ୍ଗେସଙ୍ଗେ ତ ଆଉ ଦୁଷ୍ଟ ପିଲା ଶିଷ୍ଟ ହୋଇଯାଏ ନାହିଁ । ସେହି ଅବାଧ୍ୟ ଶିଶୁ ରୂପକ ଚଞ୍ଚଳ, ଅସ୍ଥିର ମନକୁ ଶ୍ରୀଗୁରୁସ୍ୱାମୀଙ୍କର ଶ୍ରୀଚରଣ ତଳେ ଛାଡ଼ି ଦେବାକୁ ହେବ । ଠାକୁରେ ଯାହା କରିବା ପାଇଁ ବତାଇ ଦେବେ, ଯୁକ୍ତିତର୍କ ନକରି, ଅବାଧ୍ୟ ନ ହୋଇ, ଯେତେ କଷ୍ଟ ବା ଅସୁବିଧା ହେଉ ପଛକେ; ତାହା ନିର୍ବିବାଦରେ କରିବାକୁ ହେବ । ଏହିପରି ଗୁରୁବାକ୍ୟ ପାଳନ କରୁଁ କରୁଁ ତାହା କ୍ରମେ ଅଭ୍ୟାସରେ ପଡ଼ିଯିବ । ଏହାହିଁ ଅଭ୍ୟାସ ଯୋଗ । ତା'ପରେ କିଛି ଦିନ ପରେ ଦେଖିବ, ନିଜେ ଅନୁଭବ କରିବ; ଦୁଷ୍ଟମନ ସୁଧୁରି ଯାଇ ସୁମନରେ ପରିଣତ ହୋଇଯାଇଛି ॥

ଐହିକ ଜଗତରେ ଅନେକେ ସନ୍ଦିଗ୍ଧ ମନରେ ପ୍ରଶ୍ନ କରନ୍ତି, ଭଗବାନଙ୍କର ଭଗବତ୍ ଶକ୍ତି ଆମର ମାନସିକ ଶକ୍ତିଠାରୁ କ'ଣ କମ୍ ? ସେ କ'ଣ ତାଙ୍କର ଭଗବତ୍ ଶକ୍ତିବଳରେ ଆମର ମାନସିକ ଅବସ୍ଥାକୁ ନିୟନ୍ତ୍ରଣ କରି ମନକୁ ସ୍ଥିର, ଅଚଞ୍ଚଳ, ଧିର କରି ଦେବେ ନାହିଁ ? ଏଠାରେ କିନ୍ତୁ ଏ କଥା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, ଠାକୁରେ ହେଉଛନ୍ତି ଭକ୍ତବାଞ୍ଛା କଳ୍ପତରୁ । ଭକ୍ତଶିଷ୍ୟ ଅନୁଗତ ମାନଙ୍କର ମନୋବାଞ୍ଛା କେବଳ ସେ ପୂରଣ କରିଦେଉଛନ୍ତି । ଭାବି ଦେଖ ;ଆମେ ସମସ୍ତେ ତାଙ୍କ ପାଖୁ ବାରମ୍ବାର ଯାଉଛୁ । ପାଦପଦ୍ମରେ ସାଷ୍ଟାଙ୍ଗ ପ୍ରଣାମ, ଏପରିକି ଅର୍ଘ୍ୟତିଥିରେ କୃତାଞ୍ଜଳି ଅର୍ଘ୍ୟ ନିବେଦନ କରୁଛୁ । ଆମ୍ଭମାନଙ୍କ ମଧ୍ୟରୁ ସତରେ କେତେଜଣ ନିଜନିଜର ଆଧାତ୍ମିକ ଉନ୍ନତି ବା ଆତ୍ମିକ ଉନ୍ନୟନ ପାଇଁ ତାଙ୍କ ପାଦତଳେ ଗୁହାରି କରୁଛୁଁ । ଆମେ ମାଗୁଛୁ କ'ଣ ? କଣ ମାନସିକ ସ୍ତରରେ ଉନ୍ନତି କାମନା କରୁଛୁ ? ପ୍ରଭୁ ମୋ ପୁଅ ବାହାଘର ଯେପରି ହୋଇଯାଉ । ମୋ ଝିଅ ପାଇଁ ଭଲ ବର ଭଲ ଘରଟିଏ ଯୋଗାଡ଼ ହୋଇଯାଉ । ଭଲରେ ଭଲରେ ମୋ ଝିଅର ବାହାଘର ହୋଇଯାଉ । ପୁଅର ଚାକିରୀଟିଏ ଯୋଗାଡ଼ କରିଦିଅ ପ୍ରଭୁ, ପୁଅ ରୋଜଗାର କଲେ, ଘରକୁ ଟେକି ଧରିବ । ମୋର ମୋକଦ୍ଦମାରେ ଜୟ ହୋଇଯାଉ । ମୋର ଋଣ ପରିଶୋଧ ହୋଇଯାଉ । ମୋର ବଦଳି ଆଦେଶ ରହିତ ହୋଇଯାଉ । ମୋର ଭଲସ୍ଥାନକୁ ବଦଳି ହେଉ। ସବୁ ଜାଗତିକ ସାଂସାରିକ ସୁବିଧା ସୁଯୋଗ ପାଇଁ ଆମେ ସମସ୍ତେ ତାଙ୍କ ଠାରେ ଅଳି କରୁଛୁଁ । ସେ ତ ଆମର ଜନ୍ମଜନ୍ମାନ୍ତର କର୍ମଫଳର ହିସାବ ରଖିଛନ୍ତି । ସେହି ଅନୁସାରେ ସେ ଆମର ମଙ୍ଗଳ ପାଇଁ ଅଳି ପୂରଣ କରନ୍ତି । ଖାଲି ଅଳି କରିଦେଲେ ତ ହୋଇଯିବନି ? ମାତ୍ର, ଆମେ ଏପରି ଜନ୍ମ ଓ ଜୀବନ ପାଇଛୁଁ ଯେ, ନିଜର ଦୋଷ ନ ଦେଖି ସବୁଦୋଷ ତାଙ୍କରି ଉପରେ ଲଦି ଦେଉଛୁଁ । ଆମର ଅନ୍ତଃକରଣରେ ଆତ୍ମସ୍ୱାର୍ଥ, ଲାଭ, ପୂଜା, ପ୍ରତିଷ୍ଠା, ଉଚ୍ଚ ଆସନ,ଉଚ୍ଚ ପଦପଦବୀ, ଫୁଲମାଳ ଆଦି ପ୍ରାପ୍ତିର ଆଶା ଲହଡ଼ି ଭାଙ୍ଗୁଛି । ଅଥଚଃ ବାହାରକୁ ଆମେ ଛଳନାର ଆଶ୍ରୟ ନେଇ କେତେ କ'ଣ ଅଭିନୟ ନିଖୁଣ ଭାବରେ କରି ଚାଲିଛୁଁ । ଆମେ ଭାବୁଛୁଁ, ଆମେ ବଡ଼ ଚାଲାକ, ବଡ଼ ଚତୁର, ବଡ଼ ବୁଦ୍ଧିମାନ । ଠାକୁରଙ୍କୁ ଆମେ ଠକେଇ ଦେଇ ପାରୁଛୁଁ ଅତି ସହଜରେ । ହାୟରେ, ଦୁର୍ଭାଗ୍ୟ! ସେ ପରା ଅଣୁ ପରମାଣୁ, ପବନ ଆକାଶ ତେଜ ଜଳ ପୃଥ୍ୱୀରେ ସର୍ବତ୍ର ପରିବ୍ୟାପ୍ତ ହୋଇ ଆମର ସ୍ଥୂଳସୂକ୍ଷ୍ମ କାରଣ ସକଳକୁ ବେଶ ସୁନ୍ଦର ଭାବରେ ଚିହ୍ନିକିଣି ଜାଣି ପାରୁଛନ୍ତି । ସର୍ବାନ୍ତର୍ଯ୍ୟାମୀ ଠାକୁରଙ୍କର ଅଜଣା ବୋଲି କ'ଣ ଅଛି ? ତଥାପି, ତାଙ୍କର ମହତ୍ତ୍ୱ ହେଉଛି; ସେ ସବୁ ଜାଣି ନ ଜାଣିଲା ପରି ଧିରସ୍ଥିର ନୀରବ ଅଚଞ୍ଚଳ ରହି ନିଖୁଣ ଅଭିନୟ କରିଚାଲିଛନ୍ତି । ମନେ ମନେ ନୀରବରେ ହସି ଆମର ଠକାମି ଓ ଛଳନାର ଅଭିନୟ ଦେଖି ନୀରବରେ କହୁଛନ୍ତି: ହଉ, କେତେ ବାଟ ଏମିତି ଠକେଇ ଯାଇ ପାରୁଛ ଯାଅ । ଆମକୁ ଠକେଇ ଭଣ୍ଡେଇ ଯେବେ ଉପରକୁ ଉଠି ପାରୁଛ, ଉଠ । ସେଥିକୁ ଆମର ନିଘା ନାହିଁ । କ୍ଷତି ହୋଇ ଯିବନି ଆମର।

ଅହମିକାର ବଶବର୍ତ୍ତୀ ହୋଇ ଆମେ ଏତେ ବେଶି ମୋହଗ୍ରସ୍ତ ଯେ, ବସ୍ତୁ ପାଇ ମଧ୍ୟ ଆମେ ତା'ର ମୂଲ୍ୟ ବୁଝୁ ନାହୁଁ । ଚିନ୍ତାମଣି ପାଇ ତା'କୁ ବାଲିଗରଡ଼ା ଭାବି ସେଥିରେ ଖେଳ ଖେଳୁଛୁ । ତଥାପି ଠାକୁରଙ୍କ ପରି କଳ୍ପତରୁ ଆମର ଏପ୍ରକାର ଦୟନୀୟ ଅବସ୍ଥା ଦେଖି ସ୍ୱୟଂ ନିଜେ ନିଜର ଶ୍ରୀଚରଣ ଛାୟା ଅଯାଚିତ ଭାବରେ ଆମକୁ ଦେଉଛନ୍ତି । ଯେଉଁ କଳ୍ପତରୁ ମୂଳରେ ପ୍ରେମଭକ୍ତି ରୂପକ ମହାଧନ ଚାହିଁଲେ, ସହଜରେ ପାଇପାରିବା; ସେଠାରେ ଆମେ ମାଗିବସୁଛେ ଧନ, ଜନ, ମାନ, ମର୍ଯ୍ୟାଦା ପ୍ରଭୃତି ଅନିତ୍ୟ ଅସାର ଅକିଞ୍ଚିତ୍କର ବସ୍ତୁ । ସଂସାର ମରୁରେ ଘୁରି ଘୁରି ଏତେ ଦୁଃଖଯନ୍ତ୍ରଣା ସହି ମଧ୍ୟ ଆମର ଚୈତନ୍ୟ ଉଦୟ ହେଉନାହିଁ । ଏଥର ଭାବି ବୁଝନ୍ତୁ, ଆମଠାରୁ ବଳି ଅଭାଗା ଆଉ କିଏ ଅଛି ?

ତଥାପି ସେ କରୁଣାମୟ । ସେ ଯେତେବେଳେ ତାଙ୍କ ଶ୍ରୀଚରଣ ପଙ୍କଜରେ ଥରେ ସ୍ଥାନ ଦେଇଛନ୍ତି; ସେତେବେଳେ ସେ ଆମର ସବୁ ଦାୟିତ୍ୱ ବହନ କରି ସାରିଛନ୍ତି । ହେଲେ, ଆମେ ଆମର କର୍ତ୍ତବ୍ୟ ଠିକ୍‌ଭାବରେ

କରିପାରୁଛୁ ତ ? ଆମର ସର୍ବ ପ୍ରଧାନ ଓ ସର୍ବ ପ୍ରଥମ କର୍ତ୍ତବ୍ୟ ହେଉଛି-କେବଳ ଶ୍ରୀଗୁରୁସ୍ୱାମୀଙ୍କର ଆଜ୍ଞା ଆଦେଶକୁ ନିର୍ବିଚାରରେ ପାଳନ କରିବା । ତେଣିକି ଆମ ଭଲମନ୍ଦ ପାଇଁ ସେ ଦାୟୀ ରହିବେ । ସବୁ ଦୁଶ୍ଚିନ୍ତା ତ୍ୟାଗ କରି ତାଙ୍କରି ପଦ୍ମପାଦକୁ ଚିନ୍ତା କରବା । ଏହାବ୍ୟତୀତ ଆଉ ଆମର କ'ଣ ଅବା ଚିନ୍ତା ଅଛି ? ଏହା କମ୍ ବଡ଼ ସାଧନା ନୁହେଁ । ଏ ସାଧନ ପଥ ସାଧନା କରିବା ପରି ସାଧକ ଆମମାନଙ୍କ ମଧ୍ୟରେ ଅଛନ୍ତି କେତେ ଜଣ ? ?

ଦୁଷ୍ଟ ଅସଂଯତ ମନର ବଶବର୍ତ୍ତୀ ହେଲେ, ମଣିଷ କ'ଣ ନକରି ପାରେ ? ଏଦୁନିଆରେ କେତେ ପ୍ରକାରର ଅଦ୍ଭୁତ ଘଟଣା ପ୍ରତିମୁହୂର୍ତ୍ତରେ ଏହି ଦୁଷ୍ଟ ଅସଂଯତ ମନର ପ୍ରତିକ୍ରିୟାରୁ ପ୍ରତିଦିନ ଘଟି ଯାଉଛି । ଯେତେ ବାଦ ବିସମ୍ବାଦ,ଅଶାନ୍ତି ବିଶୃଙ୍ଖଳା, ଚୋରୀ, ଡକାୟତି, ଧର୍ଷଣ ଅପହରଣ ଆଦି ଘଟୁଛି, ସେ ସବୁ ଦୁଷ୍ଟ ଅସଂଯତ ମନର କାରସାଦି । ମନର କାମ ହେଉଛି; ସଂକଳ୍ପ, ବିକଳ୍ପ କରିବା । କାମନା ବାସନା ପୋଷଣ କରିବା । ପୁଣି ଏସବୁ ସଂକଳ୍ପ, ବିକଳ୍ପ ଓ କାମନାବାସନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଇନ୍ଦ୍ରିୟମାନଙ୍କୁ ପ୍ରବର୍ତ୍ତାଇବା ।

ଶ୍ରୀମଦ୍ ଭଗବତ୍ ଗୀତାରେ କୁହାଯାଇଛି- ''ମନ୍ମନା ଭବ ।'' ଅର୍ଥାତ୍, ସବୁବେଳେ ମୋଠାରେ ମନଦେଇ, ମୋତେ ହିଁ ଚିନ୍ତାକର । ଅନ୍ୟ ସବୁଚିନ୍ତା ମନରୁ ହଟାଇ ଦିଅ । ତା'ହେଲେ ସବୁ ଅସୁବିଧା ସୁଧୁରିଯିବ । ସବୁ ଠିକ୍ ହୋଇଯିବ । ଗୀତା ଭାଗବତ ଆଦି ବୈଦିକ ଶାସ୍ତ୍ର ମାନଙ୍କରେ ଦୁଷ୍ଟ ମନକୁ ଶାସନ କରିବା, ଅସଂଯତ୍ ମନକୁ ସଂଯତ୍ କରିବା ପାଇଁ ବାରମ୍ବାର ଉପଦେଶ ଦିଆ ଯାଇଅଛି । ମାତ୍ର, ଏ ଘୋର କଳିକାଳରେ ଶାସ୍ତ୍ର ଉପଦେଶ କଣ୍ଠସ୍ଥ କରି ଅନ୍ୟମାନଙ୍କୁ ଅନର୍ଗଳ ବକ୍ତୃତା ଦେଉଥିବା ପଣ୍ଡିତମନ୍ୟବ୍ୟକ୍ତି ମଧ୍ୟ ନିଜ ମନକୁ ସଂଯତ୍ କରିବା ପାଇଁ କିମ୍ବା ଠାକୁରଙ୍କର ପଦ୍ମପାଦରେ ମନୋନିବେଶ କରିବା ପାଇଁ ସାମାନ୍ୟତମ ଉଦ୍ୟମ ସୁଦ୍ଧା କରୁନାହିଁ । ଫଳରେ ସ୍ୱକର୍ତ୍ତବ୍ୟଭ୍ରଷ୍ଟ ହେଉଛି ।

ଜୀବ ଯେତେବେଳେ କର୍ତ୍ତବ୍ୟରୁ ଭ୍ରଷ୍ଟ ହେଉଛି, ତତ୍କ୍ଷଣାତ୍ ତା'କୁ ଦଣ୍ଡ ଭୋଗିବାକୁ ପଡୁଛି । ମାୟାର ତାଡ଼ନା ସହିବାକୁ ପଡୁଛି । ଜୀବ ସ୍ରଷ୍ଟା ପୁରୁଷଙ୍କୁ ଭୁଲିଯାଇ, ତାଙ୍କ ସୃଷ୍ଟିରେ ଆସକ୍ତହୋଇ ମୋହଗ୍ରସ୍ତ ହୋଇପଡୁଛି । ନିତ୍ୟବସ୍ତୁ ଛାଡ଼ି ଅନିତ୍ୟବସ୍ତୁ ପଛରେ ଧାଇଁବାରେ ଲାଗୁଛି । ଏହାଦ୍ୱାରା ସେ ପ୍ରତିକ୍ଷଣ ଆତ୍ମହତ୍ୟା କରିଚାଲିଛି । ଭଗବତ ଭଜନ ବ୍ୟତୀତ ଅନ୍ୟ କାମରେ ବୃଥାରେ ସମୟ କଟାଇବା ଦ୍ୱାରା ଜୀବନକୁ ନଷ୍ଟ କରିଚାଲିଛି । ଏହା ଆତ୍ମହତ୍ୟା ବ୍ୟତୀତ ଆଉ କ'ଣ ହୋଇପାରେ ? ଏ ଦେହ ପାଇଛୁଁ ନରକ ଯନ୍ତ୍ରଣାରୁ ନିସ୍ତାର ପାଇବା ପାଇଁ । ମାତ୍ର, ଆମେ ମୂଢ଼ । ଆମେ ଏ ଦେହ ଧରି ନରକରୁ ରକ୍ଷା ପାଇବାର ଉପାୟ କରିବା ପରିବର୍ତ୍ତେ ନରକରେ ପଡ଼ିବା ବାଟରେ ଶୀଘ୍ର ଶୀଘ୍ର ଆଗେଇ ଚାଲିଛୁଁ ।

''ଦୁର୍ଲଭ ମନୁଷ୍ୟ ଶରୀର ।
ନରକ ନିସ୍ତାରଣ ଦ୍ୱାର ।।'' — ଭାଗବତ/ଜଗନ୍ନାଥ ଦାସ ।।

ଏହାଛଡ଼ା ନରକରୁ ନିସ୍ତାର ପାଇବା ପାଇଁ ଯେତେସବୁ ଉପାୟ ରହିଛି, ସେସବୁ ଯଥେଷ୍ଟ ନୁହେଁ । ଶ୍ରୀଚଣ୍ଡିରେ ଉଲ୍ଲେଖ ଅଛି :

''ଜ୍ଞାନୀନାମପି ଚେତାଂସି ଦେବୀ ଭଗବତୀହି ସା
ବଳାଦାକୃଷ୍ୟ ମୋହାୟ ମହାମାୟା ପ୍ରଯଚ୍ଛତି ।।''

—ଜ୍ଞାନୀମାନଙ୍କର ଚିତ୍ତ ମଧ୍ୟ ମାୟା ମୋହଗ୍ରସ୍ତ ହୁଏ । ସେମାନେ ମଧ୍ୟ ମାୟାରେ ପଡ଼ନ୍ତି । ତେଣୁ ଦୁର୍ଲଭ ମନୁଷ୍ୟ ଜନ୍ମ, ଜୀବନ ଓ ଶରୀର ପାଇ ଯେଉଁ ବ୍ୟକ୍ତି ଭଗବତ୍ ଭଜନ ନକରେ, ସେ ଆତ୍ମଘାତୀ ବ୍ୟତୀତ ଅନ୍ୟ କିଛି ନୁହେଁ ।

ତେଣୁ ଭାଗବତ କହେ-

''ସର୍ବ ଶରୀର ମଧ୍ୟେ ସାର । ଦୁର୍ଲଭ ନର କଳେବର ॥
ସୁଲଭ ନାବ ରୂପ ଘାଟେ । ବନ୍ଧନ ଭବ ସିନ୍ଧୁ ତଟେ ॥
ଏ ନାବେ ଗୁରୁ କର୍ଣ୍ଣଧାର । ମୁହିଁ ଅନୁକୂଳ ସମୀର ॥
ଏମନ୍ତ ନାବ ଥାଉଁ କୂଳେ । ଯେବା ନତରେ ଭବଜଳେ ॥
ସେ ନର ହୀନ ମୁଢ଼ ମତି । ତାହାକୁ ବୋଲି ଆତ୍ମଘାତୀ ॥''

ତେଣୁ ମନକୁ ଶାସନ ଓ ସଂଯତ କରି ମାୟା ପାଶରୁ ରକ୍ଷା ପାଇବା ପାଇଁ ଏକମାତ୍ର ସହଜ ଉପାୟ ହେଉଛି; ;ଭଗବତ ଭଜନ କରିବା, ପ୍ରତିଦିନର କର୍ମଧାରା ଅଭ୍ୟାସ କରିବା, ଶ୍ରୀଗୁରୁସ୍ୱାମୀଙ୍କର ବାକ୍ୟ ଓ ଆଦେଶକୁ ପାଳନ କରିବା । ଏହାହିଁ ଆମ୍ଭମାନଙ୍କର ଶ୍ରେଷ୍ଠତମ କର୍ତ୍ତବ୍ୟ ।

''ଏମନ ପଦ୍ମପାଦେ ଦେଲେ । ମାୟା ନଲାଗେ ଜୀବେ ଭଲେ ॥''

(କ୍ରମଶଃ.....)

❖❖❖

ସାଷ୍ଟାଙ୍ଗେ ଅଷ୍ଟାଙ୍ଗ ଯୋଗ ନିରେଖ ।
ଅର୍ଘ୍ୟରେ ଗୃହୀତ ଫଳକୁ ଯୋଖ ॥
ପଞ୍ଚପ୍ରାଣେ ପଞ୍ଚ ପ୍ରଣାମ କରି ।
ସନ୍ଦେଶ ମୋଦକ ଗର୍ଭରେ ଧରି ॥
ଭାବର ଝୁଲାକୁ ନଉକା କର ।
ଦୃଢ଼ ଆହୁଲାରେ ହୁଅରେ ପାର ।

—ଶ୍ରୀଶ୍ରୀଶ୍ରୀ ଠାକୁର

# ଜିଜ୍ଞାସା : ଜିଜ୍ଞାସୁ

ଜୀବ ମନରେ ସନ୍ଦେହ, ସଂଶୟ, ଦ୍ୱନ୍ଦ୍ୱ, ସଂଘର୍ଷ ଆଦି ବହୁ ସମୟରେ ଉଦ୍ରେକ ହେବା ସ୍ୱାଭାବିକ । ଏହି ମାନସିକତାରୁ ଉଦୟ ହୁଏ ଜିଜ୍ଞାସା । ଜିଜ୍ଞାସାରୁ ସୃଷ୍ଟି ହୁଏ ପ୍ରଶ୍ନ । ପ୍ରଶ୍ନର ସମାଧାନ ନ ହେବା ପର୍ଯ୍ୟନ୍ତ ମନୁଷ୍ୟ ବିବ୍ରତ ହୋଇ ଅଶାନ୍ତିରେ ସମୟ କଟାଏ । କିନ୍ତୁ ଉପଯୁକ୍ତ ବ୍ୟକ୍ତି, ସମୟ, ପରିବେଶ ପାଇବା ସମ୍ଭବ ହୁଏ ନାହିଁ । ତେଣୁ ପ୍ରଶ୍ନ ମନରେ ମଉଳି ଯାଇ ହତାଶା, ଅସନ୍ତୋଷ, ଜମାଟ ବାନ୍ଧିଯାଏ ।

ବଳପୂର୍ବକ ଏଡ଼ାଇ ଯିବାପାଇଁ ଚେଷ୍ଟା କରି ମଧ୍ୟ ଯାହାର ମନରୁ ଉଇଁଥିବା ପ୍ରଶ୍ନ ବିସ୍ମୃତ ହୁଏନାହିଁ, ସେ ହିଁ ଜିଜ୍ଞାସୁ । ଏହିପରି ଜଣେ ବ୍ୟକ୍ତି ଥିଲେ କ୍ଷିତିଜ୍ୟୋତିଃ ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ଜଟାଶଙ୍କର ଦା' । ସେହିଁ ପ୍ରଥମେ ଆମ ପରମାରାଧ୍ୟ ପ୍ରେମମୟ ଠାକୁରଙ୍କର ଜ୍ଞାନଭଣ୍ଡାରର ସନ୍ଧାନ ପାଇଥିଲେ ଏବଂ ପର୍ଯ୍ୟାୟକ୍ରମେ ଅନେକ ପ୍ରଶ୍ନର ଉତ୍ତର ପାଇଥିଲେ । ସେହି ଅଲିଭା, ଅଭୁଲା ସ୍ମୃତିର ସ୍ମାରକ ହେଉଛି ଏଇ ସ୍ତମ୍ଭ ''ଜିଜ୍ଞାସା: ଜିଜ୍ଞାସୁ'' । ପାଠକ ପାଠିକାମାନେ ଏଥିରୁ ସେମାନଙ୍କର ନିଜ ନିଜ ସମସ୍ୟାର ସମାଧାନ ପାଇ ପାରିଲେ ଶ୍ରମ ସାର୍ଥକ ହେବ ॥

ପ୍ରଶ୍ନ : ଟିକେ ବିସ୍ତୃତ ଆଲୋଚନା କରନ୍ତୁ, କେଉଁ ଉପାୟରେ ପ୍ରକୃତିରୁ ସ୍ୱଭାବ ଉଦୟ ହେଉଛି ?

ଠାକୁର : ଆଲୋଚନାର ମୂଳ ମନେ ଅଛିତ । କଥା ତ ବଢ଼ି ବଢ଼ି ଚାଲିଲାଣି । ମୂଳ ଥିଲା ପ୍ରକୃତିର ଅଂଶ ପୁଣି ପ୍ରକୃତିର ସଂଜ୍ଞା ଓ ପୁନରାୟ ପ୍ରକୃତିରୁ ସ୍ୱଭାବ ଉତ୍ପତ୍ତିର ସୂତ୍ରରେ ପହଞ୍ଚିଲଣି ।

ପ୍ରଶ୍ନ : କଥାତ ଆପଣ ବଢ଼ାଉଛନ୍ତି । ଆଲୋଚନାରୁ ପ୍ରଶ୍ନ ଆପେ ଉଦୟ ହେଉଚି! ଆମେ କ'ଣ କରିବୁ ? ଆପଣ ତ ସଂପୂର୍ଣ୍ଣ ଉତ୍ତର ନ ଦେଇ ଉତ୍ତର ଭିତରେ ପ୍ରଶ୍ନ ରଖୁଛନ୍ତି! ଏଣୁ ଆମେ ପଚାରିବାକୁ ବାଧ୍ୟ ହେଉଛୁ ।

ଠାକୁର : ଏହା ଶିଷ୍ୟର ଶୁଭ ଲକ୍ଷଣ ଯେ, କିନ୍ତୁ ଏଥିପାଇଁ ଧୈର୍ଯ୍ୟ, ତ୍ୟାଗ ଓ ସମୟର ଦରକାର ପଡ଼ିଥାଏ । ଧାରାବାହିକ ଭାବେ ଆଲୋଚନା କଲେ ଗୋଟାଏ ସ୍ୱାଦ ଅନୁଭବ କରିହୁଏ ।

ପ୍ରଶ୍ନ : ନା ପ୍ରଭୁ ସେପରି ହେବନି । ଚେଷ୍ଟା କରିବୁ ଲାଗି ରହିବାପାଇଁ । ତେବେ ମାନସିକ ସନ୍ତୁଳନ କ'ଣ କେତେବେଳେ ହେବ କହିହେବ ନାହିଁ । ତେବେ ଆପଣଙ୍କ ଦୟା ।

ଠାକୁର : ଆପଦ ବିପଦରେ ନିଷ୍ଠା ଆଉ ଲକ୍ଷ୍ୟ ଥିଲେ ସବୁ ସମ୍ଭବ ହେବ ।

ପ୍ରଶ୍ନ : ତେବେ ଆଲୋଚ୍ୟ ମୂଳ ପ୍ରକୃତିରେ ସ୍ୱଭାବ ଉଦୟର ସୂତ୍ର କିପରି ?

ଠାକୁର : ପ୍ରକୃତି ଶବ୍ଦର ପାଖେ ପାଖେ ପୁରୁଷ ଶବ୍ଦଟି ସର୍ବଦା ଅଛି ଏକଥା ଜାଣିଛ ।

ପ୍ରଶ୍ନ : ହଁ ।

ଠାକୁର : ପ୍ରକୃତି ଆଉ ପୁରୁଷ ଅଙ୍ଗାଙ୍ଗୀ ଭାବେ ସର୍ବଦା ଜଡ଼ିତ ହୋଇ ରହିଛନ୍ତି । ଭାଗବତରେ ଗୋଟିଏ ପଦ ଅଛି ''ପୁରୁଷେ ପ୍ରକୃତି ନଛାଡ଼େ । ଏଣୁ ସେ ଥାନ୍ତି ଏକ ଜଡ଼େ'' । ଏହି ପୁରୁଷ ଯାହାକୁ ଚେତନା ବା ଚୈତନ୍ୟ କହନ୍ତି ତାଙ୍କରି ପ୍ରଭାବରେ ସୂକ୍ଷ୍ମର କାରଣ ରୂପୀ ଅବ୍ୟକ୍ତ ମୂଳ ପ୍ରକୃତିରେ ଆହ୍ଲାଦ ସୃଷ୍ଟି ହୋଇ ପ୍ରକୃତି ଆହ୍ଲାଦିତ ହୁଏ ।

ପ୍ରଶ୍ନ : କିପରି ?

ଠାକୁର : ଯେପରି ସୂର୍ଯ୍ୟ ରଶ୍ମିର ପ୍ରଭାବରେ ଅପେକ୍ଷାରତ ପଦ୍ମକଢ଼ି ଆହ୍ଲାଦିତ ହୋଇ ବିକଶିତ ହୋଇଥାଏ ।

ସେହିପରି ଉପାଦାନ ରୂପୀ ମୂଳ ପ୍ରକୃତି ପୁରୁଷ ବା ଚୈତନ୍ୟର ପ୍ରଭାବରେ ଆନ୍ଦୋଳିତ ପୂର୍ବକ ଆହ୍ଲାଦିତ ହୋଇଥାଏ । ଆହ୍ଲାଦର ଆନ୍ଦୋଳନରୁ ପ୍ରକୃତିର ଉର୍ମି ଉଠି ତହିଁରେ ଚେତନ ଜ୍ଞାନ ଜ୍ୟୋତି ରୂପରେ ପ୍ରତିତ ହୁଏ । ପ୍ରତିତ ଜ୍ୟୋତି ପ୍ରକୃତି ଆହ୍ଲାଦର ଉର୍ମିମାଳାରେ ନିକ୍ଷେପ ହେବାରୁ ତହିଁରୁ ବିନ୍ଦୁ ସ୍ୱରୂପର ସ୍ୱଭାବର ବୀଜ ସୃଷ୍ଟି ହୁଏ । ଏହି ବୀଜ ଅନେକ । ଯେପରି ଚନ୍ଦ୍ର ବିମ୍ବ ସମୁଦ୍ର ଢ଼େଉରେ ପ୍ରତିତ ହୋଇ ଢ଼େଉ ଜନିତ ଅନେକ ଚନ୍ଦ୍ର ବିମ୍ବରେ ପରିଣତ ହୋଇଥାଏ । ସେହିପରି ଚେତନ ପୁରୁଷର ବିମ୍ବ ପ୍ରକୃତିରେ ନିକ୍ଷେପ ହୋଇ ତା'ର ଉର୍ମିମାଳାରେ ଅନେକ ପ୍ରତିବିମ୍ବ ସୃଷ୍ଟି କରିଥାଏ । ସେହି ଜୀବ ସ୍ୱଭାବର ମୂଳ କାରଣ ଓ ଜଗତ ବୀଜ ସୃଷ୍ଟିର କାରଣ ।

ପ୍ରଶ୍ନ : ଏହି ସ୍ୱଭାବ କ'ଣ ଗୋଟିଏ ପ୍ରକାରର ?

ଠାକୁର : ନାଁ! ତାହା ଅନେକ ଓ ଅନନ୍ତ । ତାହା କଳନା କରିବା ମଧ୍ୟ ଅସମ୍ଭବ । କାହିଁକି ନା ପ୍ରକୃତି ଏଡ଼େ ବିଚିତ୍ର ଯେ, ତା'ର ଆହ୍ଲାଦର ଉର୍ମିମାଳାରୁ ପ୍ରତିମୁହୂର୍ତ୍ତରେ ଚୈତନ୍ୟ ବିମ୍ବ ପ୍ରତିତ ହୋଇ ନାନା ରଂଗ, ନାନାରୂପ, ନାନା ସ୍ୱଭାବର ବୀଜ ପ୍ରତିକ୍ଷଣରେ ଉଦୟ କରିଥାଏ । ଏହା ହେଉଛି ପ୍ରକୃତିର ବିଶେଷତ୍ୱ । ଚେତନ ଜ୍ଞାନର ବିମ୍ବ ରୂପୀ ବୀଜ ପ୍ରକୃତିରେ ନିକ୍ଷେପ ହେବା ମାତ୍ରେ ପ୍ରକୃତି ସହିତ ତଦାକାର ହୋଇଯିବାରୁ ନିଜର ପ୍ରକୃତ ସ୍ୱଭାବ ବଦଳିଯାଇ ଏକ ବିକୃତ ଅନିତ୍ୟ, ଅନିର୍ବଚନୀୟ ସ୍ୱରୂପ ଉଦୟ ହୁଏ ।

ପ୍ରଶ୍ନ : କିପରି ?

ଠାକୁର : ଯେପରି ବଟ ବୃକ୍ଷର ବୀଜ ମାଟିରେ ନିକ୍ଷେପ ହେଲେ ତା'ର ମୂଳ ସ୍ୱରୂପ ବଦଳିଯାଇ ପ୍ରକୃତି ଜାତ ବଟ ବୃକ୍ଷରେ ପରିଣତ ହୁଏ । ବୃକ୍ଷ ବଟ ବୃକ୍ଷ ବୀଜର ରୂପାନ୍ତରିତ ରୂପ । ଏହି ରୂପାନ୍ତରିତ କ୍ରିୟା ମୂଳ ତତ୍ତ୍ୱର ବିକୃତ ହେତୁ ଅର୍ଥାତ୍ କିଛି କାଳ ସ୍ଥାୟୀ ବା ଦୃଶ୍ୟ, ପୁନରାୟ ବିନାଶ ହେତୁ ଅଦୃଶ୍ୟ । ଅର୍ଥାତ୍ କାର୍ଯ୍ୟ ରୂପୀ ବୃକ୍ଷ କାରଣ ରୂପୀ ବୀଜରେ ପରିଣତ ହୋଇ ପୁନରାୟ ବୃକ୍ଷର ସ୍ୱରୂପ ଧରୁଥିବାରୁ ଅନିର୍ବଚନୀୟ । ଏହିପରି କ୍ରିୟା ସୃଷ୍ଟିର ଆଦ୍ୟରୁ ଆରମ୍ଭ ହୋଇ ଏ ପର୍ଯ୍ୟନ୍ତ ଚାଲିଅଛି ଓ ପ୍ରଳୟ ପର୍ଯ୍ୟନ୍ତ ଚାଲୁ ରହିବ ମଧ୍ୟ ।

ପ୍ରଶ୍ନ : ଏହି କାରଣରୁ ପ୍ରକୃତି ବିଚିତ୍ର ସ୍ୱରୂପାର ହେତୁ ବୋଲି କ'ଣ କୁହାଯାଇଥାଏ ?

ଠାକୁର : ହଁ ।

ପ୍ରଶ୍ନ : ପ୍ରଳୟ କ'ଣ ?

ଠାକୁର : କଥାତ ଲମ୍ବାଇଛ । ଧୈର୍ଯ୍ୟ ଅଛିତ ?

ପ୍ରଶ୍ନ : ବର୍ତ୍ତମାନତ ଅଛି । କେତେବେଳେ କ'ଣ ହେବ ଇଚ୍ଛାମୟଙ୍କର ଇଚ୍ଛା ।

ଠାକୁର : ପ୍ରକୃତିରେ ଯେତେବେଳେ ଚୈତନ୍ୟ ବିମ୍ବର ଅଭାବ ହୁଏ, ସେତେବେଳେ ପ୍ରକୃତି ତରଙ୍ଗ ପ୍ରଶମିତ ହୋଇ କାର୍ଯ୍ୟ ଧୀରେ ଧୀରେ ବନ୍ଦ ହୋଇଯାଏ ଓ ପ୍ରକୃତି ସ୍ୱୟଂ କ୍ରିୟା ରହିତ ହୋଇ ନିଜସ୍ୱ କାରଣରେ ଅବସ୍ଥାନ କରେ । ଏହି ଅବସ୍ଥାକୁ ପ୍ରକୃତିର ସାମ୍ୟଅବସ୍ଥା ବା ଅବ୍ୟକ୍ତ ଅବସ୍ଥା କୁହାଯାଇଥାଏ । ଉକ୍ତ ଅବସ୍ଥା ପ୍ରଳୟରୁ ସଂଘଟିତ ହେଉଥିବାରୁ ଏହାକୁ ପ୍ରଳୟ ଅବସ୍ଥା ମଧ୍ୟ କୁହାଯାଏ । ଏହି ପ୍ରଳୟ ପୁରୁଷର ଅଭାବରୁ ହିଁ ପ୍ରକୃତିରେ ସଂଘଟିତ ହୋଇଥାଏ ।

ପ୍ରଶ୍ନ : ପୁରୁଷର ଅଭାବ କାହିଁକି ହୁଏ ? ପୁରୁଷତ ସର୍ବଦା ଚୈତନ୍ୟ ରୂପେ ଜ୍ଞାନ ପୂର୍ବକ ଉଦୟ ହୋଇ ଅଛନ୍ତି ବୋଲି ତାଙ୍କୁ ନିତ୍ୟ, ଅବିନାଶୀ, ଅଚଳ ସାକ୍ଷୀ ସ୍ୱରୂପ କୁହାଯାଇଛି । ଯାହାର ଉଦୟ ନାହିଁକି ଅସ୍ତ ବି ନାହିଁ ସେହି ପୁରୁଷର ପ୍ରକୃତି ନିକଟରେ ଅଭାବ ହୁଏ କାହିଁକି ?

ଠାକୁର : କଥାଟି ସତ୍ୟ ଯେ, କିନ୍ତୁ ପ୍ରକୃତିର ପ୍ରଳୟ ହୁଏ ଏ କଥା ମଧ୍ୟ ସତ୍ୟ ।

ପ୍ରଶ୍ନ : କିପରି ?

ଠାକୁର : ଦୁଇଟି ଯାକ କଥା ସତ୍ୟ । ପୁରୁଷ ଥାଇ ମଧ୍ୟ ପ୍ରକୃତି ନିକଟରେ ତାହାର ଅଭାବ ହୁଏ ।

ପ୍ରଶ୍ନ : କାହିଁକି ?

ଠାକୁର : ଯେପରି ସୂର୍ଯ୍ୟଙ୍କ ତେଜର ପ୍ରଭାବରେ ସମୁଦ୍ରର ଜଳରାଶି ବାଷ୍ପରେ ପରିଣତ ହୋଇ ଆକାଶରେ ବାଦଲର ଛାୟା ସୃଷ୍ଟି କରେ । ପୁରୁଷ ଆଉ ପ୍ରକୃତି ସର୍ବଦା ଥିଲେ ମଧ୍ୟ କ୍ରିୟା ଜନିତ ବିକାର ଦ୍ୱାରା ଆଚ୍ଛାଦନ ସୃଷ୍ଟି ହୋଇ ପ୍ରକୃତି ନିକଟରେ ପୁରୁଷର ଅଭାବ ଘଟାଇଥାଏ । ସୂର୍ଯ୍ୟଙ୍କ ରଶ୍ମି ପ୍ରଭାବରେ ଶୀତଳ ଜଳରାଶି ଗରମ ହୋଇ କାର୍ଯ୍ୟ ରୂପୀ ବାଷ୍ପରେ ପରିଣତ ହୁଏ । ବାଷ୍ପ କ୍ରମେ ଜମାଟ ବାନ୍ଧି ଘନୀଭୂତ ହେବାରୁ ବାଦଲ ଖଣ୍ଡରେ ପରିଣତ ହୁଏ । ଏହି ବାଦଲ ପୃଥିବୀ ଓ ସୂର୍ଯ୍ୟଙ୍କ ମଧ୍ୟରେ ଥାଇ ଯେଉଁ ଛାୟା ସୃଷ୍ଟି କରେ, ଏହି ଛାୟାର ଆବରଣରେ ଆବୃତ ପୃଥିବୀ ନିକଟରେ ସୂର୍ଯ୍ୟ ରଶ୍ମିର ଅଭାବ ହୋଇଥାଏ । ରଶ୍ମିର ଅଭାବରେ ଜଳ ଧୀରେ ଧୀରେ ଶୀତଳ ହୋଇ ବରଫରେ ପରିଣତ ହୁଏ । ଏଣୁ ବରଫ ଜଳର ସାମ୍ୟ ବା ପ୍ରଳୟ ଅବସ୍ଥା । ସେହିପରି ପୁରୁଷର ପ୍ରଭାବରେ କ୍ରିୟାଶୀଳ ପ୍ରକୃତି କାର୍ଯ୍ୟରତ ହେବାରୁ କର୍ମଜନିତ ବିକାର ଦ୍ୱାରା ଆବୃତ ହୋଇ ପୁରୁଷ ଥିଲେ ମଧ୍ୟ ପୁରୁଷର ଅଭାବ ହୋଇଥାଏ । ଫଳ ସ୍ୱରୂପ ଧୀରେ ଧୀରେ କ୍ରିୟା ରହିତ ହୋଇ ଜଡ଼ ହୋଇଯାଏ । ଏହିପରି ପ୍ରକୃତିର ପ୍ରଳୟ ହୋଇଥାଏ ।

ପ୍ରଶ୍ନ : ତା ହେଲେ ପ୍ରକୃତିର ସ୍ୱାଭାବିକ କ୍ରିୟାରୁ ବିକାର ସୃଷ୍ଟି ହୁଏ । ଏହି ବିକାର ଆମର ଚୈତନ୍ୟ ପଥରେ ଛାୟା ସୃଷ୍ଟି କରିବାରୁ ଚୈତନ୍ୟ ଥାଇ ମଧ୍ୟ ଚୈତନ୍ୟ ଉଦୟ ନ ହେବାରୁ ଆମ ଭିତରେ ପ୍ରଳୟ ସୃଷ୍ଟି ହୋଇ ଧୀରେ ଧୀରେ ଆମେ ଜଡ଼ ହୋଇ ଯାଉଛୁ । ଏହାହିଁ କ'ଣ ତା'ର କାରଣ ?

ଠାକୁର : ହଁ ।

ପ୍ରଶ୍ନ : ଠାକୁରେ ! ମଣିଷର ସହଜାତ ପ୍ରକୃତିଗତ ସ୍ୱଭାବ କର୍ମମୁଖର ହୋଇ କାର୍ଯ୍ୟରତ ହେବାରୁ କର୍ମ ଜନିତ ବିକାର ସୃଷ୍ଟି ହେବା ସ୍ୱାଭାବିକ । ବିକାରରୁ ବିକୃତ ରୂପୀ ଛାୟାର ପ୍ରଭାବରେ ଚୈତନ୍ୟର ଚେତନା ଥାଇ ମଧ୍ୟ ସ୍ୱଭାବ ନିକଟରେ ତା'ର ଅଭାବ ଘଟିବା ସ୍ୱାଭାବିକ । ଚରିତ୍ରର ସଂଜ୍ଞା ଦେଇଛନ୍ତି-ପ୍ରକୃତିର ସ୍ୱଭାବ ବିରୁଦ୍ଧରେ ଯାହା କରାଯାଏ ତାହାର ପ୍ରତିକ୍ରିୟାର ଫଳ ରୂପ ହେଉଛି ଚରିତ୍ର । ଏଇଠି କୁହନ୍ତୁ ପ୍ରକୃତି ସ୍ୱଭାବର ବିରୁଦ୍ଧ ତତ୍ତ୍ୱଟି କ'ଣ ? ସ୍ୱାଭାବିକ ଧର୍ମର ବିରୁଦ୍ଧରେ ଆମେ କେମିତି ଯିବୁ ?

ଠାକୁର : ପ୍ରକୃତି ସ୍ୱଭାବର ବିରୁଦ୍ଧ କହିଲେ ଆମେ ବୁଝୁ ବିରୁଦ୍ଧ ମାନେ ବାଧା । ଅର୍ଥାତ୍ ଯେପରି ଗାଡ଼ିର ଚକାକୁ ବ୍ରେକ ଦେଇ ଚଲାଯାଏ, ଅନିୟନ୍ତ୍ରିତ ପ୍ରକୃତିଗତ ସ୍ୱଭାବକୁ ସେହିପରି ବ୍ରେକ ଦେଇ ଚର୍ଯ୍ୟା କରାଯାଇଥାଏ । ଏହି ବ୍ରେକ ହେଉଛି ବିବେକ । ବିବେକକୁ ବିନିଯୋଗ କରି ସ୍ୱଭାବକୁ ଚର୍ଯ୍ୟା କଲେ ତହିଁ ରୁ ଚରିତ୍ର ଆପେ ଫୁଟି ବାହାରେ ।

# ସମ୍ଭବାମି ଯୁଗେ ଯୁଗେ
# ରତ୍ନବେଦୀ



*ଜନନୀ ଜଠର ଜରାୟୁ ମାୟା । ବନ୍ଧନରେ ବିନ୍ଦୁ ଧରଇ କାୟା ॥*
*ଜନନୀର ରଜ ଜନକ ଓଜ । ଧରି ବିନ୍ଦୁ ଲଭେ ଅଶେଷ ତେଜ ॥*
*ପରମ ବ୍ରହ୍ମର ଆଦେଶ ଧରି । ଜରାୟୁ ବନ୍ଧନୁ ହୁଅଇ ପାରି ॥*
*ଧରାରେ ନୂତନ ଆଲୋକ ଦେଖି । ମୋହ ପାଶରେ ସେ ଯାଏରେ ଲାଖି ॥*
*ମାୟା ମୋହର ଏ ଖଳୁ ସଂସାର । ଯୋଗ ନଉକାରେ ହୁଅଇ ପାର ॥*
*ସେହି ହିଁ ନଉକା, ସେହି ନାଉରୀ । ଲୟ ସ୍ଥିରଥିଲେ କରନ୍ତି ପାରି ॥*

## ଜନନୀ, ଜଠର, ଜରାୟୁ

*ନିଗୁଢ଼ ନିଗମ ଜରାୟୁ ତତ୍ତ୍ୱ ଅତ୍ୟନ୍ତ ଗହନ । ନିବିଷ୍ଟ ମନରେ ଏକାଗ୍ରତାର ସହିତ ପାଠକେ ଏହା ଶ୍ରଦ୍ଧା ସମ୍ପନ୍ନ ମାନସରେ ବିଶ୍ଳେଷଣ ଓ ସଂଶ୍ଳେଷଣାତ୍ମକ ଶୈଳୀରେ ପାଠ ନକଲେ, ଏହି ଅନାଲୋଚିତ ତତ୍ତ୍ୱକୁ ଅବବୋଧରେ ଧାରଣ ନକରି ବରଂ ପଥଭ୍ରଷ୍ଟ ହୋଇ ବାତୁଳ ହୋଇଯିବାର ସମ୍ଭାବନା ରହିଛି । ଅସଂଖ୍ୟ କୋଷ, ଅଗଣିତ ସ୍ନାୟୁରେ ଗଠିତ ନରଶରୀର । ଏହି କୋଷ ଓ ସ୍ନାୟୁ କେନ୍ଦ୍ର ଗୁଡ଼ିକରେ ଜୀବର ପୂର୍ବ ସଂସ୍କାରର ଚାବିକାଠି ନିହିତ । ସେହି ଚାବିକାଠି ଦ୍ୱାରା ଜୀବର ଚିନ୍ତା, ବାକ୍ୟ ଓ କର୍ମ ପରିଚାଳିତ । ଜୀବର ସ୍ଥୂଳ ପିଣ୍ଡର କୋଷ ଓ ସ୍ନାୟୁ ସୂକ୍ଷ୍ମତଃ ତାହାର ଗୁଣଧର୍ମର ନିୟନ୍ତ୍ରକ ତଥା ପରିଚାଳକ । ଗହନ ରହସ୍ୟଘନାଚ୍ଛନ୍ନ ସୃଷ୍ଟିର ଏହା ଅନ୍ୟତମ ବିଶିଷ୍ଟ ରହସ୍ୟ । ଦ୍ରଷ୍ଟାପୁରୁଷଙ୍କର ଏହି ରହସ୍ୟର ଉଦ୍‌ଘାଟନେ ସ୍ୱୟଂ ଦ୍ରଷ୍ଟାପୁରୁଷ ହିଁ କରିଚାଲିଛନ୍ତି 'ଚରମ' ପୃଷ୍ଠାରେ । ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଏହା ପତ୍ରସ୍ଥ କରିବାର ସୌଭାଗ୍ୟ ଲାଭକରି ସଂପାଦନା ନିଜକୁ ଧନ୍ୟ ମଣୁଛି ॥*

''ଚରମ'' ଷଷ୍ଠପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ସପ୍ତବିଂଶତିତମ ସଂଖ୍ୟା ଅନୁସୃତିରୁ

## (୪୦) ରଜ୍ଜୁଗୁର୍ଜ୍ଜରୀ କୋଷ :

### (୧୭) ଶୃଣଭୃଙ୍ଗ ଶୈତାନୀ ସ୍ନାୟୁ :-

ସପ୍ତବିଂଶତିତମ ସଂଖ୍ୟାରେ ଆଲୋଚିତ ହୋଇଛି ଯେ, ''ଶୃଣଭଙ୍ଗ ଶୈତାନୀ ସ୍ନାୟୁ'' ଦର୍ଶନେନ୍ଦ୍ରିୟ ସାହାଯ୍ୟରେ ସନ୍ଦେଶ ପ୍ରେରଣ କରି ବକ୍ର ଶୈତାନୀ ସ୍ନାୟୁକୁ କାର୍ଯ୍ୟ କରାଇବାକୁ ଦୃଢ ଏବଂ ଟାଣ କରିଦିଏ । ଉକ୍ତ ''ଶୃଣ ଭୃଙ୍ଗ ଶୈତାନୀ ସ୍ନାୟୁ'' ତିନି ପର୍ଯ୍ୟାୟ ବିଶିଷ୍ଟ ଅଟେ । ଯଥା:- ୧.ବକ୍ରଭୃରଙ୍ଗୀ ସ୍ନାୟୁ, ୨. କ୍ରୁର କଟୁବହ ସ୍ନାୟୁ, ୩.ମୈତୀମାୟା ସ୍ନାୟୁ । ଶୃଣର ଏହି ଆଂଶିକ ଶୈତାନୀ ସ୍ନାୟୁ ଗୁଡ଼ିକର ପ୍ରଭାବ ଓ କାର୍ଯ୍ୟକାରିତା ପୃଥକଭାବେ ନିମ୍ନରେ ବର୍ଣ୍ଣନା କରାଯାଉଅଛି ।

### ବକ୍ରଭୂରଙ୍ଗୀ ସ୍ନାୟୁ :-

ଉକ୍ତ ସ୍ନାୟୁ ଜୀବର ଗୁଣସୂତ୍ରକୁ ନେଇ କାର୍ଯ୍ୟକ୍ଷମ ହୁଏ । ସ୍ନାୟୁଟି ଜୀବ ସ୍ଥୂଳଚେତାକୁ ଇଙ୍ଗିତ ଦେଇ ତତ୍‌କ୍ଷଣାତ୍ ହିରଣ୍ୟଗର୍ଭର ''ବ୍ରହ୍ମାଣ୍ଡକ'' ଚକ୍ରରେ ପହଞ୍ଚିଯାଏ ଏବଂ ସେଠାରେ ଜୀବର ଗୁଣସୂତ୍ର ଅନୁସାରେ ସଂଯମତା ପ୍ରଦାନ କରେ । ଶୈତାନୀ କାର୍ଯ୍ୟ କରିବାକୁ ସମ୍ବାଦ ପାଇବାମାତ୍ରେ ଜୀବର ଶରୀରରେ ଯଦି ସତ୍‌ଗୁଣର ପ୍ରାଧାନ୍ୟ ଥାଏ ତେବେ ସେ ଜୀବ ସଂଗେ ସଂଗେ ଭୟ ପାଇଯାଏ ଏବଂ ସତର୍କ ହୋଇ ଯାଇ ନିଜକୁ ଶୈତାନୀ କାର୍ଯ୍ୟରୁ କ୍ଷାନ୍ତ କରାଏ । ଉକ୍ତ ସଂଯମ ଅବସ୍ଥାକୁ ଆହୁରି ଦୃଢ଼ କରିଦେବାର ଲକ୍ଷ୍ୟରେ ସେ ଶୈତାନୀ କାର୍ଯ୍ୟ କରି କରାଉଥିବା ତମଗୁଣୀ ବ୍ୟକ୍ତିକୁ ସମ୍ମାନ ପ୍ରଦର୍ଶନ କରି ତା'ର କ୍ରୋଧ ଶାନ୍ତ କରିବାପାଇଁ ଚେଷ୍ଟାକରେ । ଫଳରେ ଏକ ନିଶ୍ଚିତ ଶୈତାନୀ କାର୍ଯ୍ୟରୁ ନିଜେ ରକ୍ଷା ପାଇବା ସଂଗେ ସଂଗେ ପରିବେଶ ଏବଂ ପରିସ୍ଥିତିକୁ ମଧ୍ୟ ଆୟତ୍ତାଧୀନ କରିପାରେ ।

କିନ୍ତୁ ତମଗୁଣ ପ୍ରାଧାନ୍ୟରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିର ଶରୀରରେ ଏହି ସ୍ନାୟୁ ଠିକ୍ ବିପରୀତ କାର୍ଯ୍ୟକରେ । ଏହି ବ୍ୟକ୍ତିର ସ୍ଥୂଳ ଚେତା ଇଙ୍ଗିତ ପାଇବାମାତ୍ରେ ତାର ସ୍ଥୂଳ **''ଧ୍ୱଜଟୟ ଚେତା''** ଜାଗ୍ରତ ହୋଇ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୋଇଯାଏ । ପରିଣାମରେ ସେ ବ୍ୟକ୍ତି ଭୟଙ୍କର କ୍ରୋଧର ଶୀକାର ହୋଇ ପ୍ରତିଶୋଧ ନେବାପାଇଁ ଦୃଢ଼ ପରିକର ହୋଇଯାଏ । ସୁଯୋଗ ପାଇବାମାତ୍ରେ ହିଂସାତ୍ମକ ପ୍ରତିଶୋଧ ନେଇଯାଏ । ଏହାପରେ କେବଳ ସେ ଶାନ୍ତ ହୁଏ । ପ୍ରତିଶୋଧ ନ ନେବା ପର୍ଯ୍ୟନ୍ତ କ୍ରୋଧ, ହିଂସାରେ ଜଳୁଥାଏ । ଏହି ଜ୍ୱଳନ ଅବସ୍ଥାରେ ଯଦି ବାଧ୍ୟତାମୂଳକ ଭାବେ ନିଜର ବିବେକ, ବୁଦ୍ଧି ପ୍ରୟୋଗ କରି ନିଜର ଭାବକୁ ପରିବର୍ତ୍ତନ କରି ସରଳ କରିବାକୁ ସକ୍ଷମ ହୋଇପାରେ, ତେବେ ଉକ୍ତ ସ୍ନାୟୁ ନିଷ୍କ୍ରିୟ ହୋଇଯାଏ । କିନ୍ତୁ ସେ ସମୟରେ ଭାବ ପରିବର୍ତ୍ତନ କରିବା ଏତେ ସହଜ ହୋଇନଥାଏ । ତେଣୁ ବାରମ୍ବାର ଅଭ୍ୟାସ କରି ନିଜ ପୌରୁଷର ପ୍ରୟୋଗ କଲେ ତାହା ସ୍ଥାୟୀ ଭାବରେ ସ୍ନାୟୁଟିକୁ ନିଷ୍କ୍ରିୟ କରାଇଦେଇ ଶରୀରରେ ସତ୍ ଗୁଣର ପ୍ରାଧାନ୍ୟ ବିସ୍ତାରିତ କରିଦିଏ । ନଚେତ୍ ଜୀବନସାରା ଦୁଷ୍ଟ, କ୍ରୁର ପ୍ରବୃତ୍ତିର ଦାସତ୍ୱ ସ୍ୱୀକାର କରାଇ ସ୍ନାୟୁଟି ଜୀବକୁ ଏକ ଅଭାବନୀୟ ଅବସ୍ଥାକୁ ନେଇଯାଏ ।

### କ୍ରୁର ଜତୁବହ ସ୍ନାୟୁ :

ଏହି ସ୍ନାୟୁ ଅତି ଚତୁର । ଜୀବକୁ ଏକ ନିଖୁଣ ଛଳନାର ଢ଼ାଙ୍କୁଣୀ ପିନ୍ଧାଇ ଦେଇପାରେ । ଯେଉଁ ଶରୀରରେ ଏହି ସ୍ନାୟୁ ପ୍ରାଧାନ୍ୟ ବିସ୍ତାର କରି ଜାଗ୍ରତ ଅବସ୍ଥାରେ ଥାଏ, ସେ ବ୍ୟକ୍ତିର ଲକ୍ଷଣ ଅତ୍ୟନ୍ତ ମଧୁର । ଖୁବ୍ ସରଳ,ନମ୍ର, ବିନୟୀ ଭାବ ଦେଖାଇ ମିଷ୍ଟ କଥା କହେ । ନିଜକୁ ସଂପୂର୍ଣ୍ଣ ନିର୍ଦ୍ଦୋଷ ଏବଂ ସତ୍ୱଗୁଣର ଏକ ସଫଳ ପ୍ରତୀକ ଭାବରେ ବାହାରକୁ ଆଚରଣ ଦେଖାଏ । କିନ୍ତୁ ଅନ୍ତର ଭିତରେ ଠିକ୍ ବିପରୀତ ଭାବରେ ଜଳୁଥାଏ । ଏ ବ୍ୟକ୍ତି ଭିତରେ ହିଂସା, ଈର୍ଷା, କଠିନତା, କ୍ରୁରତା, ପ୍ରତିଶୋଧପରାୟଣତା ପୂର୍ଣ୍ଣ ମାତ୍ରାରେ ଥାଏ । କିନ୍ତୁ ବାହ୍ୟ ଜଗତକୁ ଏହି ଗୁଣଗୁଡ଼ିକ ଆଦୌ ପ୍ରକାଶିତ ହୁଏ ନାହିଁ । ମୁହଁରେ ମଧୁର କଥା କହି, ଏକାନ୍ତ ବଂଧୁତାର ହାତ ବଢ଼ାଇ, ନିଜକୁ ଆତ୍ମୀୟତାର ସମସ୍ତ ଆଚରଣ ଦେଖାଇ ପ୍ରତିଶୋଧ ନେବାର ସୁଯୋଗ ଅପେକ୍ଷାରେ ଥିବ । ସମୟ ଉପସ୍ଥିତ ହେବାମାତ୍ରେ ତା'ର ଛଳନାର ଢାଙ୍କୁଣୀ ଅପରିବର୍ତ୍ତନୀୟ ରଖି ଅତି କୌଶଳପୂର୍ଣ୍ଣ ଉପାୟରେ ପ୍ରତିଶୋଧ ନେବ । ତେଣୁ ଉକ୍ତ ସ୍ନାୟୁ ଦ୍ୱାରା ପ୍ରଭାବିତ ବ୍ୟକ୍ତି ନିଜପାଇଁ ଏବଂ ସମାଜପାଇଁ ଅତି ଭୟଙ୍କର ।

ଏପରି କୁଗୁଣ ସୃଷ୍ଟି ହେବାର କାରଣ ହେଉଛି ଯେ, ''ଶୃଣଭୃଙ୍ଗ କୋଷ'' ସୂକ୍ଷ୍ମରେ ଦିନକୁ ଘ୧୨ଣ୍ଟା ଶୈତାନୀ ସ୍ନାୟୁ ସହ ମିଳିତ ହୋଇ ବିଚରଣ କରେ । ଏହି ଘ୧୨ଣ୍ଟା ମଧ୍ୟରୁ ଘ୮ଣ୍ଟା ପିଣ୍ଡ ମଧ୍ୟରେ ପୂର୍ଣ୍ଣ ଶକ୍ତି ସଂପନ୍ନ ହୋଇ ସତେଜ ରହେ । ଉକ୍ତ ମିଳନ ସମୟରେ ଯଦି ବ୍ୟକ୍ତିଜଣକ ସତ୍ୟାଶ୍ରୟୀ ହୋଇ ମନରେ ସତ୍‌ଚିନ୍ତା ଆଣୁଥାଏ, ଶ୍ରଦ୍ଧା, ପ୍ରେମ ଓ ବିଶ୍ୱାସର ସହ ଇଷ୍ଟଚିନ୍ତାରେ ଥାଏ, ତେବେ ଏହି ଶୈତାନୀ ସ୍ନାୟୁର ଅଣୁଚନ୍ଦ୍ରିକା ଗୁଡ଼ିକ

କ୍ରମଶଃ ନିଷ୍କ୍ରିୟ ହୋଇ ଶକ୍ତିହୀନ ହୋଇଯାଆନ୍ତି । ଯଦି ବ୍ୟକ୍ତି ସତ୍ ଚିନ୍ତା, ସତ୍ ଭାବରେ ନଥାଏ ତେବେ ସ୍ନାୟୁଟି ତାକୁ ପୂର୍ଣ୍ଣ କବଳିତ କରିଦିଏ । ଫଳରେ ବ୍ୟକ୍ତିର ମନରେ କେବଳ କ୍ରୋଧ, ହିଂସା ଜନିତ ଭାବ-ଯଥା:-ଧନ ଲୁଣ୍ଠନ କରିବି, ପ୍ରତାରଣା କରି ଅନ୍ୟଠାରୁ ଅର୍ଥ ସଂଗ୍ରହ କରି ନିଜେ ଧନୀ ହେବି, ଯେଉଁ ବ୍ୟକ୍ତି ମୋର ପଥରୁଦ୍ଧ କରୁଛି, ତାକୁ ଆବଶ୍ୟକ ହେଲେ ହତ୍ୟା କରିଦେବି, ଅଭକ୍ଷ ଖାଦ୍ୟ ଦ୍ୱାରା ନିଜର ଜିହ୍ୱାକୁ ସନ୍ତୁଷ୍ଟ କରିବି, ମୋ ଠାରୁ କେହି ଶ୍ରେଷ୍ଠ ନାହିଁ । ଯିଏ ମୋଠାରୁ ଶ୍ରେଷ୍ଠ ବୋଲି ସମାଜ କହୁଛି, ତା'ର ମର୍ଯ୍ୟାଦା, ପ୍ରତିଷ୍ଠାକୁ ଯେ କୌଣସି ଉପାୟରେ ନିନ୍ଦିତ, କଳୁଷିତ କରି ତାକୁ ନ୍ୟୁନରେ ରଖି ନିଜେ ଶ୍ରେଷ୍ଠ ଆସନରେ ବସିବି ଇତ୍ୟାଦି ସମସ୍ତ କୁଗୁଣ ବସାବାନ୍ଧିଯାଏ । ବ୍ୟକ୍ତି ଅନ୍ତଃକରଣରେ ଧୀରେ ଧୀରେ ପୂର୍ଣ୍ଣ କ୍ରୋଧୀ ହୋଇଯାଏ । ଶେଷରେ ସେହି କ୍ରୋଧ ହିଂସାରେ ପରିଣତ ହୋଇଯାଇ ଶରୀରରୁ ସତ୍‌ଭାବକୁ ସଂପୂର୍ଣ୍ଣ ଭାବରେ ବିଦାୟ ଦେଇଦିଏ । ଯେତେବେଳେ ସମାଜରେ ନିନ୍ଦିତ ହୋଇ ତର୍କ ମଧକୁ ଆସେ, ସେତେବେଳେ ସଫେଇ ଦେଇ କହେ ''ପିଣ୍ଡରେ ସମସ୍ତ କାର୍ଯ୍ୟ ତାଙ୍କ ଇଚ୍ଛାରେ ହେଉଛି । ଆମର କିଛି କରିବାର ନାହିଁ । ଯାହା ହେଉଛି ଠିକ୍ ହେଉଛି'' ଇତ୍ୟାଦି ଶଠତାପୂର୍ଣ୍ଣ ବାକ୍ୟ ଅତିନମ୍ର, ଭଦ୍ର ଭାବରେ ବ୍ୟବହାର କରି ନିଜକୁ ଏକ ମହାଜ୍ଞାନୀ ଭାବରେ ଉପସ୍ଥାପନ କରେ । କିନ୍ତୁ ଭିତରେ ସତଗୁଣକୁ ଧ୍ୱଂସ କରି ପ୍ରକୃତିର ଭାବ ବିକଳ୍ପ ନୀତି ଚିନ୍ତାରେ ବ୍ୟସ୍ତ ରହେ । ଏହି ଅଭ୍ୟାସ ବାରମ୍ବାର କରିବା ଫଳରେ ସତ୍‌ଚିନ୍ତା ଲୁଚିଯାଇ ବିକଳ୍ପଭାବ ପ୍ରତିଜ୍ଞାବଦ୍ଧ ହୋଇଯାଏ ।

ଏହି ସବୁ ଭାବରୁ ମୁକ୍ତ ହୋଇ ସତ୍‌ଭାବ ଓ ସତ୍‌ଚିନ୍ତାରେ ନିଜକୁ ପରିଚାଳିତ କରିବାକୁ ଚାହୁଁଥିବା ବ୍ୟକ୍ତିକୁ ନିଜର ବୁଦ୍ଧି, ବିବେକକୁ ସକ୍ରିୟ କରିବା ଏକାନ୍ତ ଜରୁରୀ । ସର୍ବଦା ସୁଚିନ୍ତା, ଚତୁର ସରଳ ନୀତିକୁ କଠୋର ଭାବରେ ଅଭ୍ୟାସ କରିବାକୁ ହେବ । ବାରମ୍ବାର ସତ୍ୟାଶ୍ରୟପାଇଁ ଚେଷ୍ଟା, ଅଭ୍ୟାସ କଲେ ସ୍ନାୟୁର ଅଣୁଚନ୍ଦ୍ରିକା ଗୁଡ଼ିକ ନିଷ୍କ୍ରିୟ ହୋଇଯିବେ ଏବଂ ଶରୀରରେ, ମନରେ କୁଚିନ୍ତା ଆଦୌ ରହିବ ନାହିଁ । ତେଣୁ ଜୀବର ଶରୀରରେ ସଂକଳ୍ପ ବିକଳ୍ପ ଉଭୟ ଭାବ ଓ ଶକ୍ତି ଦିଆଯାଇଛି । କୁଚିନ୍ତା ପ୍ରବେଶ କରିବାର କ୍ରିୟା ବଳବତ୍ତର ଥିବା ସମୟରେ ତାକୁ ଦୂର କରିବାପାଇଁ ବୁଦ୍ଧି, ବିବେକ ଓ ସୁଅଭ୍ୟାସ ଆଦି ଅସ୍ତ୍ର ମଧ ଦିଆଯାଇଛି । ଜୀବ ଯେପରି ଭାବରେ ଜୀବନ ବିତାଇବାକୁ ଆଗ୍ରହୀ ହେବ, ଠିକ୍ ସେହିପରି ଏକ ଜୀବନ ନିଶ୍ଚୟ ପ୍ରାପ୍ତ ହେବ,ଏଥିରେ କୌଣସି ସନ୍ଦେହ ନାହିଁ ।

କ୍ରମଶଃ...

❖❖❖

ଐଶ୍ୱର୍ଯ୍ୟ, ବିଭବ ସବୁ ତା ଖେଳ ।
ତା ମଧ୍ୟେ ରହିଛି ବିଷ ଅନଳ ॥
ସବୁ ତା'ର ବୋଲି ଭାବିବୁ ଯେବେ ।
ବିଷରେ ଅମୃତ ପାଇବୁ ତେବେ ॥

--ଶ୍ରୀଶ୍ରୀଶ୍ରୀ ଠାକୁର

# କେଶବ କୈବଲ୍ୟ କଣିକା

ଜନ୍ମ,ମୃତ୍ୟୁ ଚକ୍ର ପାର ହୋଇ ବ୍ରହ୍ମ ଦର୍ଶନ ଓ ପ୍ରାପ୍ତି ପାଇଁ ଗୁରୁବାଦ ମଧ୍ୟରେ ପ୍ରବେଶ କରିବା ଅପରିହାର୍ଯ୍ୟ । ଗୁରୁ ଗ୍ରହଣ କରି ଗୁରୁପ୍ରଦତ୍ତ ଧର୍ମଧାରା ନିର୍ଦ୍ଧାରିତ ବିଧି, ବିଧାନ ଅନୁଯାୟୀ ପାଳନ ନକଲେ କୌଣସି ଫଳପ୍ରାପ୍ତି ହୁଏ ନାହିଁ । ବରଂ ଅନେକ ଅପୂରଣୀୟ କ୍ଷତି ହୋଇଯାଏ । ଗୁରୁ ଆଜ୍ଞାଧୀନ ଶିଷ୍ୟ କଦାପି ଅକୃତକାର୍ଯ୍ୟ ହୁଏ ନାହିଁ ।

ଶିଷ୍ୟର ଜନ୍ମକୁଣ୍ଡଳୀ, ନକ୍ଷତ୍ର ସ୍ଥିତିକୁ ବିଚାରକୁ ନେଇ ଗୁରୁ ବିଭିନ୍ନ ଫଳ ଦକ୍ଷିଣା ପାଇଁ ସ୍ଥିର କରିଥାନ୍ତି । ସେହି ନକ୍ଷତ୍ର ବିଚାରରେ ସମର୍ପଣର ତିଥି ମଧ୍ୟ ନିର୍ଣ୍ଣୟ କରିଥାଆନ୍ତି । ଆଧାତ୍ମିକ ଭାବାର୍ଥରେ ଏହି ଦକ୍ଷିଣାକୁ ଅର୍ଘ୍ୟ କହନ୍ତି । ନିର୍ଦ୍ଧାରିତ ତିଥିରେ ଶିଷ୍ୟର ଅର୍ଘ୍ୟ ଗ୍ରହଣ କରି ପର୍ଯ୍ୟାୟକ୍ରମିକ ଆଶୀର୍ବାଦ ଜରିଆରେ ଗୁରୁ ଶିଷ୍ୟର କର୍ମଫଳ ହରଣ କରି ତାକୁ ମୁକ୍ତ କରିଦିଅନ୍ତି । ଏହି ମୁକ୍ତ ଅବସ୍ଥା ପ୍ରାପ୍ତି ସମୟ ଶିଷ୍ୟର ନିଷ୍ଠା, ଏକାଗ୍ରତା, ବିଶ୍ୱାସ ଓ ଭକ୍ତି ଉପରେ ନିର୍ଭର କରିଥାଏ ।

ଗୁରୁକ୍ଷେତ୍ର ବା ଧର୍ମକ୍ଷେତ୍ରରେ ବ୍ୟକ୍ତିବାଦ ରଖିବା ଅନୁଚିତ । ଏହା ଅପରାଧ ଭାବରେ ମଧ୍ୟ ଗୃହୀତ ହୋଇଥାଏ । କାରଣ ସେଠାରେ ଏକମାତ୍ର କ୍ଷେତ୍ରାଧିପତି ହିଁ ଶ୍ରେଷ୍ଠ ଏବଂ ସ୍ୱତନ୍ତ୍ର । ଜାତି, ଧର୍ମ, ବର୍ଣ୍ଣ, ଯୋଗ୍ୟତା, ଐଶ୍ୱର୍ଯ୍ୟ, ପଦବୀ ନିର୍ବିଶେଷରେ ଅନ୍ୟ ସମସ୍ତେ ସମାନ ।

ଗୋଟିଏ ପରିବାରର ସମସ୍ତ ସଦସ୍ୟ ଯଦି ଗୁରୁ ଆଶ୍ରୟୀ ହୋଇ ଧର୍ମଧାରା ଗ୍ରହଣ କରନ୍ତି, ତେବେ ପରମାର୍ଥ ପଥର ଅନେକ ବାଧା, ବନ୍ଧନ ଆପେ ଆପେ କଟିଯାଏ । ସମୂହ ଭାବର ଏକାଗ୍ରତା ଗୋଟିଏ ବିନ୍ଦୁରେ ମିଳିତ ହୋଇ କେନ୍ଦ୍ରସ୍ଥଳକୁ ଗତିକରେ । ତେଣୁ ଗତି ଖୁବ୍ ପ୍ରଖର ଓ ପ୍ରଭାବଶାଳୀ ହୋଇ ଅତିଶୀଘ୍ର ଲକ୍ଷ୍ୟ ପ୍ରାପ୍ତି ହୋଇଯାଏ ।


ଜୀବନରେ ସୁଖ, ଦୁଃଖ ଉଭୟ ଆସୁଛି, ଆସିବ । ସେ ସବୁକୁ ସେହିକ୍ଷଣରେ ତୁମ ପ୍ରିୟତମ ଇଷ୍ଟଙ୍କ ଚରଣକମଳରେ ସମର୍ପଣ କରିଦେଇ ତୁମେ, ମୁକ୍ତ ନିର୍ମଳ ହୋଇଯାଅ । ଧୀର ଅଭ୍ୟାସ କ୍ରମରେ ଏହି କ୍ରିୟା ସିଦ୍ଧି ପ୍ରାପ୍ତ ହୋଇଗଲେ ସଂସାର ଚକ୍ରର କୌଣସି ସମସ୍ୟା ତୁମକୁ ବିଚଳିତ କରିପାରିବ ନାହିଁ ।

ସାଂସାରିକ ଜଞ୍ଜାଳ ଜନିତ ଅଭାବ ଅସୁବିଧାର ସମାଧାନ ନହେଲେ ଗୁରୁଙ୍କ ଉପରେ ରାଗ, ଅଭିମାନ ଆସିବ । ଏହା ଜଣେ ସାଧାରଣ ବ୍ୟକ୍ତିର ସହଜାତ ପ୍ରବୃତ୍ତି । କିନ୍ତୁ ଆଧ୍ୟାତ୍ମିକ ସୂତ୍ରରେ ଏହା ଏକ ଅକ୍ଷମଣୀୟ ଅପରାଧ । କାରଣ ତୁମକୁ ବ୍ରହ୍ମ ଅନୁରାଗୀ କରାଇ ବ୍ରହ୍ମଙ୍କ ନିକଟବର୍ତ୍ତୀ କରାଇବାକୁ ଗୁରୁ ସର୍ବଦା ଚେଷ୍ଟା କରିଥାନ୍ତି । ତେଣୁ ସଂସାରର ଯେଉଁ ବସ୍ତୁ, କର୍ମ, ସୁଖ, ସୁବିଧା ତୁମକୁ ପରମାର୍ଥ ପଥରେ ବାଧା ସୃଷ୍ଟି କରିବ, ସେଗୁଡ଼ିକୁ ପୂର୍ଣ୍ଣମାତ୍ରାରେ ତୁମକୁ ପ୍ରଦାନ କରି ତୁମର ଅମଙ୍ଗଳ କିପରି ସେ ଚିନ୍ତା କରି ପାରିବେ ?

ସମୟେ ସମୟେ ଗୁରୁଙ୍କ ନିଷ୍ପତ୍ତି ଶିଷ୍ୟର ବା ତା'ର ପରିବାରର ଅସୁବିଧା ସୃଷ୍ଟି କରିଥାଏ । ସେତିକିବେଳେ ଗୁରୁ ମିଥ୍ୟାବାଦୀ ବୋଲି ଧାରଣା ସୃଷ୍ଟି ହୋଇ ଭିତରେ ଅବିଶ୍ୱାସ ବୋଧ ଆସିଯାଏ । ସେଥିରେ ଗୁରୁଙ୍କର କୌଣସି କ୍ଷତି ହୁଏନାହିଁ । କାରଣ ତାଙ୍କ ନିଷ୍ପତ୍ତିର ଫଳ ସୁଦୂର ପ୍ରସାରୀ । ଯେପରି ଶରୀରରେ ବଥ ହୋଇଥିଲେ ଡାକ୍ତର ଅପରେସନ କରିବାର ନିଷ୍ପତ୍ତି ନେଇଥାଏ । ଅପରେସନ ସମୟରେ ଯଥେଷ୍ଟ ଯନ୍ତ୍ରଣା ହେଉଥିଲେ ମଧ ଡାକ୍ତର କହେ ''କିଛି ହେବନାହିଁ ।'' କାରଣ ସେ ଜାଣେ ବର୍ତ୍ତମାନ କଷ୍ଟ ହେଲେ ବି ଅପରେସନ ନ କଲେ କ୍ୟାନସର ହୋଇ ମୃତ୍ୟୁ ହୋଇଯିବ । ତେଣୁ ରୋଗୀ ଯେତେ ଚିତ୍କାର କରୁଥିଲେ ମଧ ଡାକ୍ତର ଅବିଚଳିତ ଭାବେ ରୋଗୀର ମଙ୍ଗଳ ଉଦ୍ଦେଶ୍ୟରେ ତା'ର କାର୍ଯ୍ୟ ଶେଷ କରିଥାଏ ।

ଗୁରୁବିନା ଗତି ମିଳଇ ନାହିଁ ।
ଗୁରୁ ଏକା ପଥ ଦିଅନ୍ତି କହି ॥
ଗୁରୁପଦେ ନିଷ୍ଠା ଥାଏ ଯାହାର ।
ସଂସାର ମଧ୍ୟରେ ସେ ଶ୍ରେଷ୍ଠ ନର ॥

—ଶ୍ରୀଶ୍ରୀଶ୍ରୀ ଠାକୁର



# କଲ୍ୟାଣ ଦେଲି ତୋତେ

"ଚରମ ପୁରୁଷ"ଙ୍କ କଲ୍ୟାଣ ଟିକିଏ ପାଇଁ କେତେଯୁଗ ଅପେକ୍ଷା କରିବାକୁ ପଡ଼େ କେବଳ ଅପେକ୍ଷାରତ ସାଧକ ବ୍ୟତୀତ ଅନ୍ୟ କେହି ଅନୁଭବ କରିପାରିବେ ନାହିଁ । କିନ୍ତୁ ଆଜି କେଉଁ ଜନ୍ମର କେଉଁ ପୁଣ୍ୟ ପ୍ରଭାବରୁ ସେ ଅଯାଚିତ ଭାବରେ କଲ୍ୟାଣ ଦେଇ ଚାଲିଛନ୍ତି ତା କେବଳ ତାଙ୍କୁହିଁ ଜଣା । "ଚରମ" ମର୍ଯ୍ୟାଦାରେଣ କରିବା ଦିନଠାରୁ ଆଜି ପର୍ଯ୍ୟନ୍ତ ଚାରି ପୃଷ୍ଠାରେ ଚାରି ମାଧ୍ୟମରେ ଭକ୍ତ ବତ୍ସଳ ଭାବଗ୍ରାହୀ ଆମର ଠାକୁରେ ବିଶ୍ୱବାସୀଙ୍କୁ ଅକୁଣ୍ଠିତ ଚିତ୍ତରେ ତାଙ୍କର ଆଶୀର୍ବାଦ ଦେଇ ଆସୁଛନ୍ତି । 'ଚରମ' ପାଇବା ମାତ୍ରେ ପ୍ରତ୍ୟେକ ପାଠକ ବ୍ୟାକୁଳ ହୋଇ ଖୋଜିନେଉଛି କେଉଁଠି ସେହି ପୃଷ୍ଠା "କଲ୍ୟାଣ ଦେଲି ତୋତେ", ଯେଉଁଠି ପରମ ପ୍ରେମମୟଙ୍କର ମଧୁର, କୋମଳ ଭାଷାରେ ଝରିଆସିଛି ଅମୃତର ଧାରା । ତେଣୁ ବାରମ୍ବାର ଚରମ ପ୍ରକାଶନ ସେହି ପଦ୍ମପାଦପୀଠରେ ଅପେକ୍ଷାରତ ଭକ୍ତମଣ୍ଡଳୀ ପାଇଁ ଅଳି କରି ଆସିଛି । ଏଥରକ......

ଜନ୍ମରୁ ମରଣ ମରଣରୁ ଜନ୍ମ
ଶରଣ ଦେଇଛୁ ଯାଚି ।
ମାୟା ଚକ୍ରେ ପଡ଼ି ଦେହ ଭାବେ ବୁଡ଼ି
ମନରୁ ଦେଇଛି ପୋଛି ॥
ତଥାପି ହେ ସାଇଁ ଦୀନବନ୍ଧୁ ହୋଇ
କରୁଣା ଦେଇଛ ଢାଳି ।
ସେହି କୃପା କେବେ ନକରିବ ଊଣା
ଏତିକି କରୁଛି ଅଳି ॥

# ଚରମ ରେ ଧନ ମୋର !

ବୁଝିଛି ତୋହର ମନ ବେଦନା ।
ପୂରଣ ହୋଇନି ଅଳି ବାସନା ॥
ବୃଥା ଅଭିମାନ କରି ମନରେ ।
ରହିଛୁ ଭାବିଛୁ ଅତି ଦୂରରେ ॥
ଯେ ଦିନ ତୁ ଗଲୁ ମୋର କୋଳରୁ ।
ସେହି ଦିନ କଥା ହେଜ ମନରୁ ॥
ଧର୍ମ ଧାରା ଦେଇ ଶିଖାଇ ଥିଲି ।
ଆଚାର, ବେଭାର ଦେଖାଇ ଦେଲି ॥
ପାପ ପୁଣ୍ୟ କର୍ମ ବିଚାର ଧାରା ।
ବାର ବାର ତୋତେ ଦେଲି ଇଶାରା ॥
ପ୍ରକୃତି ନିୟମ ବୁଝାଇ ଥିଲି ।
ଘରରୁ ଚଳନି ଶିଖାଇ ଦେଲି ॥
ତଥାପି ଧନରୁ ଶିଖିଲୁ ନାହିଁ ।
କର୍ମ ଧାରା ଟାଣେ ରଖିଲୁ ନାହିଁ ॥
ବିଶ୍ୱାସୀର ସେହି ପୁରୁଣା କଥା ।
ମନରେ ରଖି ତୁ ନୋଇଁଲୁ ମଥା ॥
ତେବେ ବି ରେ ବାବୁ ମୁଁ ଭୁଲିନାହିଁ ।
ରହିଛି ତୋହର ବାଟକୁ ଚାହିଁ ॥
ଆଜି ଚାଲିଗଲେ କାଲି ଆସୁଛି ।
ମୁକତି ପଥକୁ ବାଟ ଦିଶୁଛି ॥
ମନେ ପକା ମୋର ପୂର୍ବ କଲ୍ୟାଣ ।
କର୍ମ ଧାରା ମନେ କରରେ ଟାଣ ॥
ଲଭିବୁ ଶେଷରେ ମୋର ଆଶିଷ ।
ବିଷ ନାଶ ହେବ ଲଭି ପୀୟୂଷ ॥

ତୋର ମଙ୍ଗଳାକାଂକ୍ଷୀ ପିତା




**'ଚରମ': ଷଷ୍ଠପୁଷ୍ପ:ଦ୍ୱିତୀୟ ପାଖୁଡ଼ା: ସପ୍ତବିଂଶତିତମ (୨୭ଶ) ସଂଖ୍ୟାର ଅନୁସୃତିରୁ.....**

ଦୀକ୍ଷା (ଧର୍ମଧାରା) ସମୟରେ ପ୍ରତ୍ୟେକଙ୍କୁ ସନ୍ଦେଶପତ୍ର ସହିତ ସନ୍ଦେଶପଥ ଦିଆ ଯାଇଅଛି । ପ୍ରତ୍ୟେକଙ୍କର ଜୀନ୍ (ସୂକ୍ଷ୍ମଶରୀର) ଅନୁସାରେ ବୀଜମନ୍ତ୍ର (ଧ୍ୟାନ ସମୟରେ ତଥା ଅନ୍ୟସମୟରେ ମାନସ ଜପପାଇଁ), ପ୍ରଣାମ ମନ୍ତ୍ର (ସାଷ୍ଟାଙ୍ଗ ପ୍ରଣାମ ଓ ଆସନ ପ୍ରଣାମ ପାଇଁ), ଅର୍ଘ୍ୟ ମନ୍ତ୍ର (ନିର୍ବାଚିତ ତିଥିରେ କୃତାଞ୍ଜଳି ପୁଟରେ ନିର୍ଦ୍ଧାରିତ ତିଥିରେ ଅର୍ଘ୍ୟଫଳ ସହ ଅର୍ଘ୍ୟ ନିବେଦନ ପାଇଁ), ଭୋଜନ ମନ୍ତ୍ର, ସ୍ନାନ ମନ୍ତ୍ର ଆଦି ଦିଆଯାଇଅଛି । ଏହା ସହିତ ଆସନ (ବସିବା ଶୈଳୀ), ପ୍ରଣାମ ମୁଦ୍ରା (ପ୍ରଣାମ ସୂତ୍ର), ଅର୍ଘ୍ୟଫଳ, ଅର୍ଘ୍ୟତିଥି, ଅର୍ଘ୍ୟମୁଦ୍ରା ଓ ଆସନ (କୃତାଞ୍ଜଳି ଅର୍ଘ୍ୟ ନିବେଦନ କରିବାର ଧାରା ଓ ଶୈଳୀ) ମଧ୍ୟ ଶିକ୍ଷା ଦିଆଯାଇଅଛି । ଲୟ ଓ ଧ୍ୟେୟ ମଧ୍ୟ ପ୍ରତ୍ୟେକଙ୍କୁ ଦିଆଯାଇଅଛି । ତୁମେମାନେ ପ୍ରତ୍ୟେକେ ସନ୍ଦେଶ ପଥ (ଧାରା ଗ୍ରହଣ ସମୟରେ ଦିଆ ଯାଇଥିବା ମନ୍ତ୍ରଲେଖା ଛପା କାଗଜ) ଦେଖି ତାହା ପ୍ରତିଦିନ ସକାଳେ ଓ ସଞ୍ଜରେ ଅଭ୍ୟାସ କରିବା ଉଚିତ । ସନ୍ଦେହ ଥିଲେ ଆଶ୍ରମକୁ ମଝିରେ ମଝିରେ ଆସି ଆଚାର୍ଯ୍ୟ / ପୂଜାଚାର୍ଯ୍ୟ ବା ଠାକୁରଙ୍କ ଦ୍ୱାରା ଦାୟିତ୍ୱ ବହନ କରିଥିବା ଗୁରୁଭାଇ / ଭଉଣୀଙ୍କଠାରୁ ତାହା ବୁଝି ସୁଧାରିନେବା ଦରକାର ।

ଏହାକୁ କର୍ମଯୋଗ ବା ଅଭ୍ୟାସ କର୍ମଧାରା କୁହାଯାଏ । ଭକ୍ତି, ଶ୍ରଦ୍ଧା, ନିଷ୍ଠା ଓ ଦୃଢ଼ ବିଶ୍ୱାସର ସହିତ ଏହା ବିଧିବଦ୍ଧ ଭାବରେ ଅଭ୍ୟାସ କଲେ, ଫଳ ଅବଶ୍ୟ ପାଇବ । ଏଥିରେ ସନ୍ଦେହ ନାହିଁ । ଯେଉଁମାନେ ପ୍ରତିଦିନ ଏହି ଧାରା ଅଭ୍ୟାସ କରିଚାଲିଛନ୍ତି, ସେମାନଙ୍କୁ ଲକ୍ଷ୍ୟକଲେ, ନିଶ୍ଚୟ ଏହା ବୁଝିପାରିବ । ନହେଲେ, ସେମାନଙ୍କୁ ପଚାରି ବୁଝିନିଅ । ଆମକଥା ସତ କି ମିଛ ।

ଧାରା ଗ୍ରହଣ ସମୟରେ ଓ ସନ୍ଦେଶ ପତ୍ର ଗ୍ରହଣ କାଳରେ ତୁମେ ଯେଉଁ ସଂକଳ୍ପ ଓ ଶପଥ କରିଥିଲ, ତାହା ତୁମକୁ ଦିଆଯାଇଥିବା ସନ୍ଦେଶ ପତ୍ରରେ ରହିଛି । ସଂକଳ୍ପ ଓ ଶପଥ କଲେ, ତାହା ରକ୍ଷା କରିବା ଉଚିତ । ତୁମେ ଏହା ଜାଣି ମଧ୍ୟ ତୁମ ଶପଥ ତୁମେ ରକ୍ଷା କରୁନାହଁ । କାହିଁକି ? ଧାରାଧରି ଧୀରସ୍ଥିର ଭାବରେ ନୀରବରେ କିଛି ନ କରି ଧାରା ଗ୍ରହଣ ପୂର୍ବରୁ ଯେପରି ଥିଲ ସେହିପରି ବସି ରହିଲେ, ତୁମର କ'ଣ ଲାଭ ହେବ ବୋଲି ମନେ କରୁଛ ?

ଏହା ସେପରି କିଛି କଷ୍ଟକର ସାଧନା ନୁହେଁ । ପ୍ରତିଦିନ ସକାଳେ ସଂଜରେ ଦଶ ପନ୍ଦର ମିନିଟ ସମୟ ମଧ୍ୟରେ ଏହା ମନଦେଇ ଅଭ୍ୟାସ କରିହେବ । ଥରେ ମନଦେଇ ଏଥିରେ ଲାଗି ଗଲେ, ତେଣିକି ଅଡୁଆ ଅସୁବିଧା ଲାଗିବ ନାହିଁ । ଧ୍ୟାନ, ପ୍ରାର୍ଥନା, ଜପ, ପ୍ରଣାମ - ଏସବୁ କ'ଣ ନିଷ୍ଫଳ ହୁଏ ନା ହୋଇଛି । ଏହାଦ୍ୱାରା ପରା ଦେହ ସୁସ୍ଥ ରହେ, ମନ ସୁସ୍ଥ ରହେ, ଅନ୍ତରରେ ଆନନ୍ଦ ମିଳେ । ଚବିଶଘଣ୍ଟା ମଧ୍ୟରୁ ଏଓଳି ସେଓଳି ଦଶ ପନ୍ଦର ମିନିଟ କରି ନିଜର ମଙ୍ଗଳ ପାଇଁ ତୁମେ ଦେଇ ପାରିବନି ? ଧର୍ମଧାରା ଅଭ୍ୟାସ ଯୋଗରେ ପରା ତୁମ ନିଜ କଲ୍ୟାଣ ରହିଛି । ପୂର୍ବରୁ ତ ପୁଣି ଗୁରୁ ଗ୍ରହଣ କରି ଶିଷ୍ୟମାନେ କେତେକେତେ କଠୋର ସାଧନ କରୁଥିଲେ । ଏହାତ ସେପରି କଠୋର ନୁହେଁ । ଘରଦ୍ୱାର, ପରିବାର, ବୃତ୍ତିଚାକିରୀ, ବ୍ୟବସାୟ ଆଦି ତ ଛାଡ଼ିବାକୁ ତୁମକୁ କୁହାଯାଇ ନାହିଁ । ସବୁ ଯେପରି ଥିଲା ଠିକ୍ ସେହିପରି ଥିବ, ମାତ୍ର ନିଷ୍ଠା ଓ ବିଶ୍ୱାସରେ ଧାରାଟି କେବଳ ଅଭ୍ୟାସ କରିଚାଲିଥିବ । ତୁମେ ଶିକ୍ଷିତ, ବୁଦ୍ଧିମାନ, ବିବେକବନ୍ତ ହୋଇ ମଧ୍ୟ ଯଦି ନିଜର ବିଚାର ଶକ୍ତି ଖଟେଇ ନିଜର ମଙ୍ଗଳମୟ କର୍ମଧାରା କରି ନଚାଲିବ, ତେବେ ଦୋଷ ଦେବ ଆଉ କାହାକୁ ? ନିଜକୁ ନିଜେ ଦୋଷ ଦେବା ବ୍ୟତୀତ ଆଉ ଅନ୍ୟ ବାଟ କାହିଁ କହିଲ ?

କ୍ରମଶଃ....

ସମର୍ପି ଦେ' ତୋ ମନର ବାସନା ।
କର୍ମଯୋଗ ଧର୍ମଧାରା ତୁ ଭୁଲନା ।।
ପୁରାଇବି ନିଶ୍ଚେ କାମନା ତୋହର ।
ଦୃଢ଼କର ଏହି ବଚନ ଆମ୍ଭର ।।

-ଶ୍ରୀଶ୍ରୀଶ୍ରୀ ଠାକୁର

## 'ଚରମ': ନଂ୨୭ରେ ପ୍ରକାଶିତ 'ଶିବକଳ୍ପ'ରୁ ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା

*'ଚରମ'ର ଷଷ୍ଠପୃଷ୍ଠ-ଦ୍ୱିତୀୟ ପାଖୁଡ଼ା-୨୭ ନମ୍ବର ସଂଖ୍ୟାରେ ଅଚ୍ୟୁତଙ୍କର ଅମୃତନିସ୍ୟନ୍ଦିନୀ ଲେଖନୀରୁ ପ୍ରସରିତ 'ଶିବକଳ୍ପ'ର ଦ୍ୱାଦଶନିର୍ଘଣ୍ଟରୁ ସୁନିର୍ବାଚିତ ଏଗାରଟି ପଦ ଉଦ୍ଧୃତ ହୋଇ ପତ୍ରସ୍ଥ ହୋଇଥିଲା । ତାହାର ଯଥାସମ୍ଭବ ସରଳ ଓ ସହଜ ବ୍ୟାଖ୍ୟା ଏଠାରେ ଯେତିକି ସମ୍ଭବ ସେତିକି ସ୍ଥାନିତ ହେଉଅଛି । କାରଣ, ଉଦ୍ଧୃତାଂଶର ଅନେକାଂଶ ଅନୁଭୂତିର ବାର୍ତ୍ତା । ତାହା ଭାଷାରେ ପ୍ରକାଶ କରିବା ଦୁରୁହ ଓ କଠିନ । ପୁଣି କେତେକାଂଶ ଯୋଗ ଗଣିତର ଅନ୍ତର୍ଭୁକ୍ତ ଓ ଚିତ୍ରଦ୍ୱାରା କେତେକାଂଶ ପ୍ରକାଶ ସାପେକ୍ଷ, ଯାହା 'ଚରମ'ର ସୀମିତ ପୃଷ୍ଠା ଓ ପରିସର ମଧ୍ୟରେ ସ୍ଥାନିତ କରିବା ଆମ ପକ୍ଷରେ ସମ୍ଭବ ହୋଇ ପାରିବ ନାହିଁ । ସହୃଦୟ ପାଠକ ପାଠିକାମାନଙ୍କ ନିକଟରେ ତେଣୁ ସଂପାଦକ ଯୋଡ଼ହସ୍ତରେ କ୍ଷମାପ୍ରାର୍ଥୀ ।*

### ଶନି ସ୍ଥାପି ଶବଦକୁ .................. ଭକ୍ତଙ୍କୁ ସେକାଳେ ।।୧।।

ଜୀବର ରଜ ଓ ତମଗୁଣରୁ ଅମ୍ଳିକକୋଷସ୍ନାୟୁର ଜନ୍ମ । ଏ ଜୀବକୁ ସଂଜ୍ଞାବାହୀ ନାଡ଼ି ମାଧ୍ୟମରେ ବିକଳ୍ପ ଓ ଆଜ୍ଞାବାହୀ ନାଡ଼ି ମାଧ୍ୟମରେ ସଂକଳ୍ପ କରାଏ । ଜୀବ ଗୁରୁ ଗ୍ରହଣ କରି ଗୁରୁ ନିର୍ଦ୍ଦେଶିତ ଯୋଗମାର୍ଗରେ ପରିଚାଳିତ ହେଲେ, କ୍ରମଶଃ ଜୀବର ବିକଳ୍ପାବସ୍ଥା ନଷ୍ଟ ହୋଇ ସଂକଳ୍ପ ଦୃଢ଼ କରାଏ । ଏହାକୁ ମହାପୁରୁଷ 'ଶନିସ୍ଥାପିବା' ବୋଲି ବ୍ୟକ୍ତ କରି ଅଛନ୍ତି ।

ଅଭେଦକ ଶଶି ଓ ଚେତାଶୂନ୍ୟ ପଥକୁ 'ଶବଦକୁ ଲେଖ ଦକ୍ଷିଣରେ' ବୋଲି ଅଚ୍ୟୁତାନନ୍ଦ କହିଅଛନ୍ତି । ଯୋଗୀର ସଂଜ୍ଞାବାହୀନାଡ଼ିର ବିକଳ୍ପାବସ୍ଥା ନଷ୍ଟ ହୋଇଗଲେ, ଯୋଗୀର ଚେତନା ଚେତାଶୂନ୍ୟ ପଥରେ ଗତି କରେ । ଏହା ସମାଧିଅବସ୍ଥା । ଏହି ଅବସ୍ଥାରେ ପିଣ୍ଡ ମଧ୍ୟରେ ଚେତାଦ୍ୱାରର ପଥରୁଦ୍ଧ ହୋଇଯାଏ ଓ ସେଠାରୁ ସୁଷୁମ୍ନାକୁ ଲମ୍ବିଥିବା ସାତକୋଷସ୍ନାୟୁ ମଧ୍ୟରେ ଯୋଗୀର ଚେତନା ଗତି କରିଥାଏ । ଚେତନା କ୍ରମଶଃ ଗତିଶୀଳ ହୋଇ ତ୍ରିବେଣୀ (ଇଡ଼ା, ପିଙ୍ଗଳା, ସୁଷୁମ୍ନାର ମିଳନ ସ୍ଥଳ)ର କୁମ୍ଭ ଦ୍ୱୟସ୍ଥ ସ୍ନାୟୁ କୋଷରେ ପହଞ୍ଚିଯାଏ । ଏଠାରେ ଯୋଗୀକୁ ଚେତାଶୂନ୍ୟ (ସମାଧି) ଅବସ୍ଥା 'ମନ୍ତ୍ରଚୈତନ୍ୟ' କରାଏ ।

ତତ୍ପରେ ଯୋଗୀର ତ୍ରିକୂଟରେ ଥିବା ପୃଶଳସ୍ନାୟୁରେ ମନ୍ତ୍ରଠୁଳ ହୋଇ ହରିଦ୍ରାବର୍ଣ୍ଣ ଧାରଣ କରେ । ତାହା କ୍ରମେ ବୀଜମନ୍ତ୍ରରେ ରୂପାନ୍ତରିତ ହୋଇ ସତ୍ୟୋନ୍ଦ୍ରିୟ ବୃତ୍ତି ଗଠନରେ ଯୋଗୀକୁ ଚୈତନ୍ୟ ସାହାଯ୍ୟ ପ୍ରଦାନ କରେ । ନିର୍ବିକଳ୍ପ ସମାଧିରେ ଯୋଗୀ ଏହି ମନ୍ତ୍ରକୁ ମାନସରେ ସାଇତି ରଖେ ଏବଂ ଜ୍ୟୋତିଃବ୍ରହ୍ମଃ ସହିତ ନୀଳବର୍ଣ୍ଣର ଶିଖା ସୂକ୍ଷ୍ମତଃ ଅନୁଭବ କରେ । ଏହାହିଁ ସଂକ୍ଷେପରେ ପ୍ରଥମପଦର ଦ୍ୱିତୀୟପାଦର ସରଳୀକୃତ ବ୍ୟାଖ୍ୟା ।

### ଭକତମାନଙ୍କ ପାଇଁ ..................... ମହିମାବାସିବ ।।୨।।

ଯୋଗୀ ନିର୍ବିକଳ୍ପ ସମାଧି ଆରୂଢ଼ ହେଲେ ତା'ର ଜ୍ଞାନଲୀଳା ପ୍ରକଟ ହୁଏ । ଯୋଗୀ ନିରାକାର ବ୍ରହ୍ମଙ୍କର **ସାକ୍ଷାତଲାଭ କରି ସୃଷ୍ଟି ରହସ୍ୟ, ଜୀବରହସ୍ୟ, ଯୋଗ ରହସ୍ୟ, ପ୍ରେମ ରହସ୍ୟ, ଜ୍ଞାନରହସ୍ୟ, ମୃତ୍ୟୁ ରହସ୍ୟାଦି ଅବଗତ ହୁଏ** । ଯୋଗୀ ସେହି ଅବସ୍ଥାରେ ସକଳ ରହସ୍ୟର ମୀମାଂସା କରିପାରେ । ଏହାକୁ ମହାପୁରୁଷ 'ଭକତ **ମାନଙ୍କ ପାଇଁ** ଲୀଳା ପ୍ରକାଶିତ' ବୋଲି କବିତାରେ ଉଲ୍ଲେଖ କରିଅଛନ୍ତି ।

ଜୀବର ଯୋଗ ସାଧନ ପୂର୍ବାବସ୍ଥାରେ ତା'ର ବୀଜେନ୍ଦ୍ରିୟ ବୃତ୍ତି ସକଳ ମ୍ଳେଚ୍ଛରୂପ ଧାରଣ କରି ପିଣ୍ଡ ମଧ୍ୟରେ ସ୍ଥୂଳରେ, ମନ ମଧ୍ୟରେ ସୂକ୍ଷ୍ମରେ ଓ ଚେତନା ମଧ୍ୟରେ କାରଣ ସ୍ୱରୂପରେ ନାନାଦି ବିକଳ୍ପ ବିକୃତି ସୃଷ୍ଟି କରିଥାଆନ୍ତି । ଜୀବ ଯୋଗମାର୍ଗରେ ଅଗ୍ରସର ହୋଇ ଯଥା ପର୍ଯ୍ୟାୟରେ ଉପନୀତ ହେଲେ, ସାଧନସୂତ୍ର ବଳରେ ବିଜେନ୍ଦ୍ରିୟ ବୃତ୍ତିଗୁଡ଼ିକ ନିବୃତ୍ତ ହୋଇ ଯାଆନ୍ତି ଓ ପରିଣାମ ସ୍ୱରୂପ ସତ୍ୟୋନ୍ଦ୍ରିୟ ବୃତ୍ତି ସକଳ ଜୀବାତ୍ମାକୁ ଧ୍ୟାନ କରନ୍ତି । ପୂର୍ବସ୍ଥିତିର ସମସ୍ତ ବିକଳ୍ପ ବିକୃତି ପରିବର୍ତ୍ତିତ ହୋଇ ସଂକଳ୍ପ ସୁକୃତିରେ ରୂପାନ୍ତରିତ ହୋଇଯାଏ ଓ ଯୋଗୀ ଆତ୍ମସୁଖ

ଓ ଆତ୍ମସ୍ୱାର୍ଥ ବିବର୍ଜିତ ହୋଇ ବିଶ୍ୱଜନର କଲ୍ୟାଣ ଓ ମଙ୍ଗଳରେ ନିଜର କାୟମନୋବାକ୍ୟ ବିନିଯୋଗ କରେ । ସିଦ୍ଧ ସାଧକ ଅଚ୍ୟୁତାନନ୍ଦ ଏହି ତତ୍ତ୍ୱକୁ 'ଗୁପତଭକତ' ବୋଲି କହି ଅଛନ୍ତି । ସେହିପରି 'ମହିମା ବାସିବ'ର ଅର୍ଥ ସଦ୍‌ଭାବର ଆଧାର ବ୍ରହ୍ମରନ୍ଧ୍ରରୁ ନିର୍ଗତ ଅବାଧ ପରମତମ କର୍ମ ଓ ଚିନ୍ତାଧାରା । ବ୍ରହ୍ମରନ୍ଧ୍ର ହିଁ ଆଧାର ଶକ୍ତିର ଉସ । ଏଠାରୁ ଶୁଦ୍ଧବୃତ୍ତି, ଶୁଦ୍ଧଚିତ୍ତ, ଶୁଦ୍ଧଚେତା ଓ ସୁବୃତ୍ତି ସଂସ୍କାର ତୋଳେ । ଯୋଗୀ ନିର୍ବିକଳ୍ପ ସମାଧି ଅବସ୍ଥାରେ ପହଞ୍ଚିଲେ, ତା'ର ଜାଗତିକ ସ୍ମୃତିଚେତନା ଭ୍ରଷ୍ଟ ହୋଇ ଆଧାତ୍ମିକ ଓ ପରମାର୍ଥ ଚେତନା ସ୍ପଷ୍ଟତର ହୁଏ । ଏହାକୁ 'ମହିମା ବାସିବା' ଅର୍ଥରେ ମହାପୁରୁଷ ପ୍ରକାଶ କରି ଅଛନ୍ତି ।

**ଦେବଗଣ ମେଳିହେବ.............................ଭକ୍ତଙ୍କ ସଙ୍ଗରେ ।।୩।।**

ଦେବଗଣ ବୋଇଲେ, କୌଶିକସ୍ନାୟୁ, ଉଦେକୟ ସ୍ନାୟୁ ଓ ଶ୍ରୁତିକସ୍ନାୟୁକୁ ବୁଝାଏ । ଏହି ସ୍ନାୟୁ ସକଳ ଯୋଗୀର ଜ୍ଞାନଲାଭ ପ୍ରକ୍ରିୟାରେ ସହାୟକ ହୋଇଥାଆନ୍ତି । କୌଶିକ ସ୍ନାୟୁ ସାହାଯ୍ୟରେ ଯୋଗୀ ପିଣ୍ଡତତ୍ତ୍ୱ ମଧ୍ୟରେ ବ୍ରହ୍ମାଣ୍ଡ ତତ୍ତ୍ୱଜ୍ଞାନ ଲାଭ କରିଥାଏ । ବୃତ୍ତିଭୂମି ସ୍ନାୟୁର ସହାୟତାରେ ଯୋଗୀ ପିଣ୍ଡସ୍ଥ ହୋଇ ପିଣ୍ଡତତ୍ତ୍ୱଜ୍ଞାନ ଲାଭକରେ । ଉଦେକୟ ସ୍ନାୟୁ ଦ୍ୱାରା ଯୋଗୀ ହିରଣ୍ୟଗର୍ଭର ବର୍ଣ୍ଣ ଏବଂ ପ୍ରତ୍ୟେକ ମଣ୍ଡଳର ତତ୍ତ୍ୱଜ୍ଞାନ ଅଙ୍ଗେ ନିଭାଇ ଅନୁଭୂତିରେ ଆଣି ଜାଣିପାରେ । ସେହିପରି ଶ୍ରୁତିକ ସ୍ନାୟୁ ବଳରେ ଯୋଗୀ ଶବ୍ଦ, ନାଦ ଓ ଧ୍ୱନିର କ୍ରିୟା ପରିବର୍ତ୍ତନ ଅନୁଭବ କରିପାରି ତହିଁର ତତ୍ତ୍ୱଜାଣିପାରେ । ଯୋଗୀ ଯୋଗରୂଢ଼ ଅବସ୍ଥାରେ ଏହି ସ୍ନାୟୁ ଗୁଡ଼ିକ କପାଳରେ ଏକତ୍ର ମିଳିତ ହେବା ପ୍ରକ୍ରିୟା ଓ ପରିଣାମକୁ ସ୍ପଷ୍ଟ ଅନୁଭବ କରିପାରେ । କପାଳରେ ବୌହିକ ଗ୍ରନ୍ଥିର ସ୍ନାୟୁ ତ୍ରିକୂଟରେ ଅବସ୍ଥିତ । ତାହା ଆତ୍ମା ପରମାତ୍ମା, ଜୀବ ପରମ ବା ବ୍ରହ୍ମଙ୍କର ସ୍ଥାନ । ସେହି ସ୍ନାୟୁ କୋଷ ଗହ୍ୱର ହିଁ ତ୍ରିକୂଟ । ତ୍ରିକୂଟର ସାମାନ୍ୟ ଊର୍ଦ୍ଧ୍ୱରେ ବଙ୍କନାଳ ଓ ତଦୁର୍ଦ୍ଧ୍ୱରେ ଗୋଲାହାଟ ଅବସ୍ଥିତ । ଏହି ଅଞ୍ଚଳକୁ ଖଣ୍ଡଗିରି ବୋଲି ମହାପୁରୁଷ ସାଙ୍କେତିକ ଭାଷାରେ ପ୍ରକାଶ କରିଅଛନ୍ତି । ଆତ୍ମା ହେଉଛି ଜୀବାତ୍ମା ଏବଂ ପରମାତ୍ମା ହିଁ ପରଂବ୍ରହ୍ମ ଭଗବାନ । ଜୀବାତ୍ମାକୁ ଭକ୍ତ ବୋଲି ଏଠାରେ ସିଦ୍ଧଯୋଗୀ ଅଚ୍ୟୁତାନନ୍ଦ କହିଅଛନ୍ତି । ପୂର୍ବରୁ ଗୁପ୍ତରେ ଥିବା ସତ୍ୟେନ୍ଦ୍ରିୟ ବୃତ୍ତିଗୁଡ଼ିକ ସାଧନସୂତ୍ରରେ ଯୋଗୀ ପିଣ୍ଡ ମଧ୍ୟରେ ଚୈତନ୍ୟଶୀଳ କରିଥାଏ । ପରବର୍ତ୍ତୀ ଅବସ୍ଥାରେ ତାହା ଜଗତକଲ୍ୟାଣକର ଚିନ୍ତା ଓ କର୍ମରେ ବିନିଯୁକ୍ତ ହୋଇଥାଆନ୍ତି । ପର୍ଯ୍ୟାୟକ୍ରମେ ଯୋଗୀକୁ ପୂର୍ବୋକ୍ତ ଭକ୍ତଭାବ ତତ୍ତ୍ୱଜ୍ଞାନ ଅନୁଭୂତ ହୁଏ । ପିଣ୍ଡରେ ପରଂବ୍ରହ୍ମ ଛପି ଯାଇ ଲୁଚି ଯାଆନ୍ତି । ଯୋଗୀ ଭକ୍ତ ଭାବରେ ପ୍ରଭୁଙ୍କର ଲୀଳାମହିମା ପ୍ରକଟ କରେ । ସେତେବେଳେ ଭକ୍ତ ଏବଂ ଭଗବାନ ଗୁପ୍ତଲୀଳାରେ ଏକ ଓ ଅଭିନ୍ନ ହୋଇଯାଆନ୍ତି । ଏହା ଯେଗୀର ସାଧନସୂତ୍ରରେ ସମ୍ଭବ ହୁଏ ।

**ଅଗ୍ନିମୁହାଁ ଦେବୀ.................... ଯୋଗ ସାଧୁଛନ୍ତି ।।୪।।**

ଅଗ୍ନିମୁହାଁ ଦେବୀ ବୋଇଲେ ମହାମାୟା । ଗ୍ରାମ ବୋଇଲେ ଗୋଲାହାଟ । ଗୋଲାହାଟରେ ମହାମାୟାଦେଶ ଅବସ୍ଥିତ । ଯୋଗମାର୍ଗରେ ଯୋଗୀ ଗତି କରୁଥିବା ଅବସ୍ଥାରେ ଯୋଗୀର ଚିତ୍ତ, ଚେତା ଓ ଚୈତନ୍ୟ ସୂତ୍ରୀକରଣରେ ମହାମାୟା ଚୈତନ୍ୟ ଅବସ୍ଥାକୁ ଗୈରିକ ବର୍ଣ୍ଣ ଧାରଣ କରି ଚେତା ବାଟରେ ଭବିଷ୍ୟ ନୀତି ଗୁଡ଼ିକର ସୂଚନା ଦିଅନ୍ତି । ମାଂସ ବୋଇଲେ ମାଆର ଅଂଶ ବା ପ୍ରକୃତିର ଭାବ । ଯୋଗୀର ସାଧନପରେ ତା'ର ଭାବସବୁ ସିଦ୍ଧହୁଏ । ପ୍ରକୃତିସିଦ୍ଧ ଭାବ ଶକ୍ତ ଓ ଦୃଢ଼ ହେବା କାରଣରୁ ଯୋଗୀର ଜୀବଭାବ ନଷ୍ଟହୁଏ ଓ ଇନ୍ଦ୍ରିୟାଦିଗଣ ସାଧାରଣ ଅବସ୍ଥାରେ ବିଷୟ ଗ୍ରହଣ, ଆହାର ବା ଗ୍ରାସ କରନ୍ତି ନାହିଁ । ତେଣୁ ପରାସ୍ତ ହୁଅନ୍ତି ।

**ମୁଣ୍ଡମାଳ........................... ସଂସାର ଖେଦିବ ।।୫।।**

ମୁଣ୍ଡମାଳ ବୋଇଲେ ଯୋଗମାୟାଙ୍କର ପ୍ରଭାବରୁ ଭକ୍ତଯୋଗୀର ଭକ୍ତିଭାବର ମାଳ । ଭକ୍ତିଭାବ ଦୃଢ଼ ଓ ଟାଣ ହେଲେ, ଭକ୍ତର କଣ୍ଠ (ଗଳା) ଚକ୍ରରେ ଧଣ୍ଡା (ବିଭୂତି) ସ୍ୱରୂପ ଭକ୍ତି ଓ ଯୋଗର ପରିଣାମ କଣ୍ଠଚକ୍ରରୁ

ହୃଦୟଚକ୍ର ପର୍ଯ୍ୟନ୍ତ ଲମ୍ବିଯାଏ । ଏହାର ପ୍ରଭାବରୁ ଯୋଗୀଭକ୍ତ ବିଶ୍ୱଜନର ମଙ୍ଗଳ ସାଧନରେ ବାସ୍ତବ ଭାବରେ ବ୍ରତୀହୁଏ । 'ଦେବୀଙ୍କ ପଛେ ଗୋଡ଼ାଇ ସଂସାର ଖେଦିବ'ର ଅର୍ଥ ହେଉଛି ଯୋଗୀର ସାଧନ ପ୍ରକ୍ରିୟାର ପ୍ରଭାବରୁ ଯୋଗୀପିଣ୍ଡର ଜୀବଭାବ, ପ୍ରକୃତିଭାବ ଓ ଇନ୍ଦ୍ରିୟାନୁଭୂତିର ଭାବ ସଂସ୍କାରିତ ହୋଇଯାଆନ୍ତି । ଫଳତଃ ଆସୁରିକ ଶକ୍ତିଗଣ ଯୋଗମାୟା ପ୍ରଭାବରୁ ଯୋଗୀର ଭାବ ସଂସ୍କାରିତ ହୋଇଯିବା ପରେ ବିଶ୍ୱସଂସାରରେ ସର୍ବତ୍ର ପରମଭାବକୁ ଅନୁଭବ କରି 'ଜୀବେ ଦୟା' ନୀତିରେ ଜଗତର ମଙ୍ଗଳ ଓ କଲ୍ୟାଣ ସାଧନ କରିଥାଆନ୍ତି ॥

## ଯୋଗ୍ମୀମାନେ ଗୋଡ଼ାଇବେ................. ମୋଡ଼ିବେ ପାମରେ ॥୬॥

ବ୍ରହ୍ମାଣ୍ଡ ତତ୍ତ୍ୱରେ ''ଯୋଗ୍ମୀମାନେ'' ବୋଇଲେ କୃମି, କୀଟ, ଜୀବାଣୁ ଓ ଭୂତାଣୁ । ଏମାନେ ଅସିଦ୍ଧ ଜୀବ ମାନଙ୍କର ମାୟା ବନ୍ଧନ କାରଣରୁ ଅକ୍ଳେଶରେ ତାଙ୍କୁ କବଳରେ ପକାଇ ରୋଗ ଓ ଜରାଗ୍ରସ୍ତ କରି ବହୁ ସଂଖ୍ୟାରେ ବିନାଶ କରିବେ । ପିଣ୍ଡ ତତ୍ତ୍ୱରେ 'ଯୋଗ୍ମୀମାନେ' ର ଅର୍ଥ ହେଉଛି ମୌଧିକ ସ୍ନାୟୁର କୋଷ ସମୂହ । ସାଧାରଣ ମାୟା ମୋହ ବନ୍ଧନରେ ପଡ଼ିଥିବା ଜୀବ ମୌଧିକ ସ୍ନାୟୁ କୋଷ ସମୂହରେ ଅବସ୍ଥିତ ଆସୁରୀ ଭାବଗଣଦ୍ୱାରା ପ୍ରଭାବିତ ହୋଇ ନାନାଦି ନାରକୀୟ ଘଟଣା ଘଟାଇଥାଏ । ଯୋଗୀ ଯୋଗମାର୍ଗରେ ଗତି କରି ଚଉଷଠି କଳା ଆୟତ୍ତ କରିବାପରେ ଊର୍ଦ୍ଧ୍ୱଧୂର୍ମ୍ମ କଳାର ପାର୍ଶ୍ୱସ୍ଥ ଲାଲବର୍ଣ୍ଣର ନାଦ ପଥ ଦେଇ ଆତ୍ମାର ନିକଟବର୍ତ୍ତୀ ହୋଇଥାଏ । ଏହି ନାଦପଥରେ ଗତି କରିବା ଅବସ୍ଥାରେ ଯୋଗୀର ପାମର ବା ମ୍ଳେଚ୍ଛ ସ୍ୱରୂପ ବିଜେନ୍ଦ୍ରିୟ ବୃତ୍ତିର ଆସୁରିକ ଗଣ ଯୋଗମାୟାର ପ୍ରଭାବରୁ ସଂପୂର୍ଣ୍ଣ ନଷ୍ଟ ହୋଇ ଯାଆନ୍ତି । ଯୋଗୀର ମୌଧିକ ସ୍ନାୟୁ ଓ କୋଷ କାର୍ଯ୍ୟକାରିତା ହରାଇ ବସେ ॥

## ବହୁ ସଂଖ୍ୟା ମ୍ଳେଚ୍ଛମାନେ...................ମୀନଶନି ଯୋଗେ ॥୭॥

ଯୋଗୀର ଯୋଗ ସାଧନ ପ୍ରକ୍ରିୟାରୁ ମ୍ଳେଚ୍ଛ ନୀତି ଓ ଆସୁରିକ ବୃତ୍ତି ସକଳ ନଷ୍ଟ ହୋଇଯାଏ ଏବଂ କୁସଂସ୍କାର ଗୁଡ଼ିକର ଦମନ ହୋଇଯାଏ । ବ୍ରହ୍ମାଣ୍ଡ ସୂତ୍ରରେ ମୀନ ବୋଇଲେ ଶକାହ ରେଖା ଓ ଶନି ବୋଇଲେ ଧୂର୍ମ୍ମହ ରେଖା । ଯୋଗ ହେଲେ ଯୁଗର ପରିବର୍ତ୍ତନ ପାଇଁ ପ୍ରଳୟ ହୁଏ । ପିଣ୍ଡସୂତ୍ରରେ ମୀନ ହେଉଛି ଇଡା ନାଡ଼ିର ବୈଭକ ସ୍ନାୟୁ ଓ ପିଙ୍ଗଳା ନାଡ଼ିର ଧୃହୋକ ସ୍ନାୟୁକୁ ଶନି କୁହାଯାଏ । ଯୋଗୀ ଯୋଗବଳରେ ଉଭୟ ନାଡ଼ିର ଉଭୟ ସ୍ନାୟୁକୁ ସୁଷୁମ୍ନାରେ ମିଳାଇ ପାରିଲେ, ପ୍ରଳୟ ଅର୍ଥାତ୍ ପ୍ରକୃଷ୍ଟ ଭାବରେ ଲୟ ପଦ୍ମପାଦରେ (ପରଂବ୍ରହ୍ମଙ୍କ ଠାରେ) ସ୍ଥିର ଓ ଅବିଚଳିତ ଅବସ୍ଥାରେ ରହିପାରେ । ସେହି ଅବସ୍ଥାରେ ଯୋଗୀର ବ୍ରହ୍ମରନ୍ଧ୍ରରୁ ତୁଣ୍ଡସୂତ୍ରୀୟ ଅମୃତରସର କ୍ଷରଣ ହୁଏ ଓ କ୍ଷୁଧାତୃଷା ନିବାରଣ କରେ । ଏହି ଅବସ୍ଥାକୁ ସିଦ୍ଧଯୋଗୀ ମହାପୁରୁଷ 'ମନ୍ଦବୃଷ୍ଟି'' ବୋଲି ଏଠାରେ କହି ଅଛନ୍ତି ॥

## କାମ ପରା ବୀଜ ବେନି......................ବ୍ରହ୍ମସୂତ୍ରଧର ॥୮॥

ମହାପୁରୁଷଙ୍କ ରଚିତ ରଚନାବଳୀରେ କାମବୀଜ, ରାଧାବୀଜ, କୃଷ୍ଣବୀଜ, ବଳରାମବୀଜ, ପରାବୀଜ ଆଦିର ସ୍ପଷ୍ଟ ସଙ୍କେତ ରହିଅଛି । ଧ୍ଲାଂ, ସ୍ଥାଂ, କ୍ଲାଂ, ହ୍ଲିଂ, ଶ୍ଲାଂ ଆଦି ପଞ୍ଚ ମହାବୀଜ ତାହାର ଅନ୍ତର୍ଭୁକ୍ତ ଅଟେ । ଯୋଗୀ କାମବୀଜ ଓ ପରାବୀଜ ମାନସଜପ କରି ତ୍ରିକୂଟସ୍ଥ ପୃଶଳ ସ୍ନାୟୁରେ ଠୁଳ କରିବା ପରେ ଓଁକାର (ନିରାକାର) ଏବଂ ଆକାର (ସାକାର) ବ୍ରହ୍ମଙ୍କୁ ଲୟ କରି ଉଭୟଙ୍କୁ ଏକତ୍ର ଧରି ଇଡ଼ା, ପିଙ୍ଗଳା, ସୁଷୁମ୍ନା ସହିତେ ବ୍ରହ୍ମଦଣ୍ଡର ସାଧନଯୋଗରେ ଯୋଗମାର୍ଗକୁ ଧାରଣ କରି ଅଗ୍ରସର ହେବାପାଇଁ ଅଚ୍ୟୁତାନନ୍ଦ ଏଠାରେ ଯୋଗନିର୍ଦ୍ଦେଶ ଦେଇଅଛନ୍ତି ।

**ଧ୍ଲିଂଫ୍ଲିଂ ବୋଲିଣ ଯେ.......................ଶୂନ୍ୟରେ ବିହାର ।।୯।।**

ପୂର୍ବୋକ୍ତ ପଞ୍ଚମହାବୀଜ ମଧ୍ୟରୁ ଧ୍ଲିଂ ଓ ଫ୍ଲିଂ କାମବୀଜ ଓ ପରାବୀଜ ଅଟେ । ଏହି ଦୁଇ ବୀଜ ମୁଖ୍ୟତଃ ଓଁକାର ସାଧନଯୋଗରେ ବିନିଯୋଗ କରାଯାଏ । 'ମ୍, ଅ, ଉ' କାର ସାଧନଯୋଗ ବଳରେ ଓଲଟି ଯାଇ 'ଅ,ଉ,ମ'ରେ ରୂପାନ୍ତରିତ ହୋଇ ମୂଳାଧାରରୁ ଉଠି ସହସ୍ରାର ବା ଶୂନ୍ୟମଣ୍ଡଳରେ ବିସ୍ତୃତଭାବରେ ବିହାର କରେ । ଯୋଗୀ ଏହା ଚୈତନ୍ୟରେ ଅନୁଭବ କରେ ।

**ଇକାର ଆକାର ଯୋଗ..................... ମକାରକୁ ଘେନି ।।୧୦।।**

ଅକ୍ଷର ବ୍ରହ୍ମର କ୍ଷର ସ୍ୱରୂପ ବର୍ଣ୍ଣ ଆକାରରେ ଧରାପୃଷ୍ଠକୁ ଖସିଅଛି । ତାହାକୁ ଆମେ ଅକ୍ଷର ବୋଲି କହୁଅଛୁ । ଏହା ପିଣ୍ଡସ୍ଥ ଛଡ଼ (ଷଡ଼) ଚକ୍ରରେ ମନ୍ତ୍ର ବୀଜ ସ୍ୱରୂପରେ ରହିଅଛି । ବ୍ୟଞ୍ଜନବର୍ଣ୍ଣରେ ସ୍ୱରବର୍ଣ୍ଣ ମିଳିତ ହୋଇ ଶବ୍ଦ ପ୍ରକଟ କରୁଅଛି । ହ୍ଲିଂ ବୀଜ ଓ ଶ୍ଲିଂ ବୀଜ ସହିତ ଉକାର ମକାର ଯୁକ୍ତ ଓଁକାର ଯୋଗ ସାଧନ କରି ଯୋଗୀ ସୂକ୍ଷ୍ମରେ ଏହାର ସ୍ଥୁଳ ସ୍ୱରୂପ ପିଣ୍ଡ ମଧ୍ୟରେ ପ୍ରତି ଚକ୍ର ଭେଦକାଳରେ ଅନୁଭବ କରିପାରେ ।

**ବିଜୟୀ ଶବଦ ଜ୍ୟୋତି...........................ସାରସ୍ୱତ ବୀର ।।୧୧।।**

ଶୂନ୍ୟମଣ୍ଡଳ ବୋଇଲେ ସହସ୍ରାର ଚକ୍ର । ଏହି ଶୂନ୍ୟ ମଣ୍ଡଳରେ ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଉଚ୍ଚାରିତ ହୁଏ ନାହିଁ । ଏଠାରେ ଶବ୍ଦ ଜ୍ୟୋତିଃସ୍ୱରୂପରେ ଅଧିଷ୍ଠିତ ହୋଇ ରହିଥାଏ । ଯୋଗୀ ଯୋଗ ସାଧନ ପ୍ରକ୍ରିୟାରେ କୁଣ୍ଡଳିନୀ ଯୋଗ ସିଦ୍ଧ ହୋଇ ଷଡ଼ଚକ୍ର ଭେଦ କରି ଇଡ଼ା ଓ ପିଙ୍ଗଳା (ଗଙ୍ଗା ଓ ଯମୁନା) ର ନିୟତ ବନ୍ଧନରୁ ମୁକ୍ତ ହେବା ପରେ ସୁଷୁମ୍ନା (ସରସ୍ୱତୀ) ବା ଗଙ୍ଗାଯମୁନାର ସମାବସ୍ଥାରେ ନାମ ବା ବୀଜ ଜପ କରେ ନାହିଁ, କାରଣ ସେହି ଯୋଗରୂଢ଼ ଅବସ୍ଥାରେ ଏହା କରିବା ଆବଶ୍ୟକ, ପଡ଼େ ନାହିଁ । ଯୋଗୀ ପୂର୍ବ ଅଭ୍ୟାସ ବଶତଃ ମାତ୍ରା (ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ, ଂ, ଃ, ଁ ଇତ୍ୟାଦି) ଭଜନ ପ୍ରକ୍ରିୟା କରି ଯଥାକାଳରେ ତହିଁରେ ସିଦ୍ଧ ହୁଏ । ସେତେବେଳେ ଯୋଗୀ ଅକ୍ଷର ବ୍ରହ୍ମଙ୍କ ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ସ୍ଥାପନ କରି ସରସ୍ୱତୀ +ଅ =ସାରସ୍ୱତ ଯୋଗୀବର ରୂପେ ପରିଗଣିତ ହୋଇଥାଏ । ସିଦ୍ଧସାଧକ ମହାଯୋଗୀ ମହାପୁରୁଷ ଅଚ୍ୟୁତାନନ୍ଦ ସ୍ୱୟଂ ଏତାଦୃଶ ସାରସ୍ୱତ ବୀର ଥିଲେ ।

❖❖❖

ଦିନ ଚାଲିଯିବ ଚିହ୍ନ ରହିଯିବ
ପିଣ୍ଡ ତୋ ରହିବ ନାହିଁ ।
କର୍ମବୀର ହୋଇ କର୍ମ ତୁ କରିଯା
ସୁଖ, ଦୁଃଖ ସବୁ ସହି ।।

# ପୁରାଣ ପୃଷ୍ଠାରୁ : ଗଳ୍ପାଂଶ

## ''ଶଙ୍ଖଚୂଡ଼ ବୃତ୍ତାନ୍ତ'' ର ମୀମାଂସା ଖଣ୍ଡ :

*ପୌରାଣିକ ଗଳ୍ପାଂଶ ''ଶଙ୍ଖଚୂଡ଼ ବୃତ୍ତାନ୍ତ'' ଚରମ ସଂଖ୍ୟା ୨୭ ରେ ପ୍ରସ୍ତୁତ ହୋଇଥିଲା । ଏହି ଗଳ୍ପାଂଶର ପିଣ୍ଡତାତ୍ତ୍ୱିକ ମୀମାଂସା ପାଠକ ପାଠିକାମାନଙ୍କର ଅବଗତି ନିମନ୍ତେ ଏହି ସଂଖ୍ୟାରେ ପ୍ରସ୍ତୁତ ହୋଇଅଛି ।*

ଏହି ଗଳ୍ପାଂଶରେ ପିଣ୍ଡତତ୍ତ୍ୱ ମତରେ ଧର୍ମଧ୍ୱଜ ହେଉଛନ୍ତି ଚେତାପୁରୁଷ । ଶୁଧାକାର୍ଣ୍ଣି ଚିତ୍ତ ହିଁ ଚେତା ପୁରୁଷ ଏବଂ କୃତକାନ୍ତି ଚିତ୍ତ ଚୈତନ୍ୟ । ଏହା ଘଟତତ୍ତ୍ୱ ଅନୁଭବ କରେ । ସାଧକ ଯୋଗ ମାର୍ଗରେ ସାଧନା କରି ମନକୁ ଚୈତନ୍ୟରେ ପ୍ରବେଶ କରାଇପାରିଲେ, ଘଟତତ୍ତ୍ୱ ବା ପିଣ୍ଡତତ୍ତ୍ୱ ଅନୁଭବ କରେ । ଯୁବତୀ କନ୍ୟା ତୁଳସୀ ବୋଇଲେ ସାତ୍ତ୍ୱିକ ମାୟା । ଏହି ସାତ୍ତ୍ୱିକ ମାୟା ଚୈତନ୍ୟ ବା କୃତକାନ୍ତି ଚିତ୍ତରୁ ଜନ୍ମଲାଭ କରି ସାଧକଯୋଗୀର ଅନ୍ତଃସ୍ଥଳରେ ସାତ୍ତ୍ୱିକ ଗୁଣ ଜାତ କରାଇ ସାତ୍ତ୍ୱିକ ଚିନ୍ତା ଓ କର୍ମ ପ୍ରତି ଆସକ୍ତ କରିଥାଏ । ରାଧାମନ୍ତ୍ର ବୋଇଲେ ପିଣ୍ଡସ୍ଥ ଚୈତକ ଗ୍ରନ୍ଥି । ଯାହା ଜୀବକୁ କର୍ମଯୋଗରେ ସାହାଯ୍ୟକରେ । ଏହିଠାରେ ୩୨ ମନ୍ତ୍ର ଅଛି । ସେହି ୩୨ମନ୍ତ୍ରର ଅଂଶ ବିଶେଷ ହେଉଛି-'ଓଁ ରାଁ କଂ କ୍ରୀଁ ଶ୍ରୀଦେବାୟ ନମଃ' । ଏହି ୩୨ ମନ୍ତ୍ର ସ୍ୱତଃ ପିଣ୍ଡ ମଧ୍ୟରେ କାର୍ଯ୍ୟକାରୀ ହୋଇ ଜୀବକୁ କର୍ମଯୋଗ ଅଭ୍ୟାସରେ ପ୍ରବୃତ୍ତ କରେ । ଯାହାର ପିଣ୍ଡରେ ଏହା କାର୍ଯ୍ୟକାରୀ ହୁଏ ନାହିଁ, ସେ କର୍ମଯୋଗ ଅଭ୍ୟାସ ମଧ୍ୟ ଶତଚେଷ୍ଟା ସତ୍ତ୍ୱେ କରିପାରେ ନାହିଁ । ଆସୁରୀ ମାୟାରେ ଜଡ଼ିତ ଜୀବବ୍ରହ୍ମକୁ ମହାମତି ଶଙ୍ଖଚୂଡ଼ ଭାବରେ ଏଠାରେ ଗ୍ରହଣ କରାଯାଇଛି । ରଜଗୁଣର ଭାବକୁ ବ୍ରହ୍ମା ବୁଝାଯାଏ । ଏ ଗଳ୍ପାଂଶରେ ନାଭିଚକ୍ରକୁ ବ୍ରହ୍ମା ଆଖ୍ୟା ଦିଆ ଯାଇଛି । କୃଷ୍ଣମନ୍ତ୍ର ହେଉଛି କୁତକ୍ଷ ଚୈତକ ଗ୍ରନ୍ଥି । ଏହା ଜୀବକୁ ମୋକ୍ଷ ଦିଏ । ଜୀବାତ୍ମାକୁ ଜଗୁଳାଇଁ ସ୍ୱଥଜ୍ଞାନ ବଳରେ ପରମାତ୍ମା ସହିତ ମିଳିତ କରାଏ । ଅନାହତ ନାଦର ଶୌରୀକାୟ ସ୍ନାୟୁ କୋଷକୁ ପୁଷ୍କର ତୀର୍ଥ ବୋଲାଯାଏ । ରଜଗୁଣ ଭାବରୁ ସୃଷ୍ଟି ହେଉଥିବା ଆସୁରୀକର୍ମକୁ ମନୋରମାଯୁବତୀ ବୋଲି ଏଠାରେ କୁହାଯାଇଛି । ଏହା ଅସ୍ନାୟୁ ସ୍ନାୟୁକୋଷର କର୍ମ ଅଟେ । ନାଭିଚକ୍ରର ରଜଗୁଣ ଭାବର ତାଡ଼ନାରେ ଆସୁରୀମାୟାରେ ଜଡ଼ିତ ଜୀବବ୍ରହ୍ମ ପିଣ୍ଡ ମଧ୍ୟରେ ଅସ୍ନାୟୁ ସ୍ନାୟୁକୋଷର ପ୍ରଭାବରେ ଆସୁରୀକର୍ମ ସମ୍ପାଦନରେ ବ୍ୟସ୍ତ ରହେ । ଏହି ବ୍ୟସ୍ତତା ମଧ୍ୟରେ ଜୀବବ୍ରହ୍ମ ମସ୍ତକର ଶୀର୍ଷଦେଶ ହୈତୁକଚକ୍ର ଯାହାକୁ ଏଠାରେ ବଦରିକାବନ ବୋଲି କୁହାଯାଇଛି, ସେଠାରେ ସାତ୍ତ୍ୱିକ ମାୟାକୁ ଦର୍ଶନ କରେ । ସାଧକ ଯୋଗମାର୍ଗରେ ଗତି କରୁଁ କରୁଁ ଦୈବାତ୍ ସଂଯୋଗ ବଶତଃ ଏହା ଘଟିଥାଏ । ଆସୁରୀମାୟାରେ ଜଡ଼ିତ ଜୀବବ୍ରହ୍ମ ହୈତୁକଚକ୍ରରେ ସାତ୍ତ୍ୱିକ ମାୟାର ପରିଚୟ ପାଇ ନିଜର ପରିଚୟ ଅର୍ଥାତ୍ ଆସୁରୀଶକ୍ତି ଓ ଦୈବୀଶକ୍ତିର ମିଶ୍ରଣରୁ ଜାତ ଭକ୍ତିଭାବ-ଅନ୍ତଃକରଣରେ ପ୍ରଗାଢ଼ ଭକ୍ତିସତ୍ତ୍ୱେ ବାହ୍ୟଜଗତରେ କ୍ରୂର ଶକ୍ତିଭାବର ପରିଚୟ ପ୍ରଦାନ କରେ । ଗୋଲୋକଧାମ ବୋଇଲେ ତ୍ରିକୂଟ ସନ୍ଧି । ଏହା ମଧ୍ୟରେ ପୂର୍ବରେ ମହଃ ଗୋଲାଧୀର ମଣ୍ଡଳ, ପଶ୍ଚିମରେ ଉନ୍ନପୟୋଧ୍ୱଶବ୍ଦ, ଉତ୍ତରରେ ହରିଦ୍ରାବର୍ଣ୍ଣର ଶକଟା କୈଭନାଦର ଅଂଶ ଏବଂ ଦକ୍ଷିଣରେ ନୀଳବର୍ଣ୍ଣର ତ୍ରୈକୁଟକ ମାୟା ଅବସ୍ଥିତ । ଏହା ତାଳଶବ୍ଦ ଜ୍ଞାନଲାଭରେ ସାହାଯ୍ୟ କରେ । ରାଧାଙ୍କ ଅଭିଶାପ ବୋଇଲେ କର୍ମଧାରା ଚୈତ୍ୟକ ସ୍ନାୟୁ ସକ୍ରିୟ ହେବାକୁ ବୁଝାଯାଏ । କୃଷ୍ଣମନ୍ତ୍ର ଅର୍ଥାତ୍ କୁତକ୍ଷ ଚୈତକ ଗ୍ରନ୍ଥିର ପ୍ରଭାବରୁ ଜଗୁଳାଇଁ ସ୍ୱଥଜ୍ଞାନ ପ୍ରଭାବରେ ପରମାତ୍ମାଙ୍କ ସହିତ ମିଳିତ ହୋଇ ସାଧକ ଯୋଗୀ ଯୋଗ ପର୍ଯ୍ୟାୟରେ ଜୀବବ୍ରହ୍ମକୁ ଦାତାହ ଚୈତନ୍ୟ ସଦାସର୍ବଦା ଚେତକ ଜ୍ଞାନ ଦର୍ଶାଏ । ଏହି ଅବସ୍ଥାକୁ ଏଠାରେ ଜାତିସ୍ମର ବୋଲି କୁହାଯାଇଅଛି । ଗନ୍ଧର୍ବମତରେ ବିବାହ ବୋଇଲେ କାର୍ଣ୍ଣିକ ସ୍ନାୟୁ (ପୁରୁଷ) ଏବଂ ବୃତ୍ତିକ ସ୍ନାୟୁ (ସ୍ତ୍ରୀ) ପିଣ୍ଡ ମଧ୍ୟରେ ଯୋଗ ହେବାର କ୍ରିୟାକୁ କୁହାଯାଏ । ସଦ୍‌ଜ୍ଞାନ ପ୍ରାପ୍ତିରେ ସାହାଯ୍ୟ କରିବା ଏହାର କାର୍ଯ୍ୟ ଅଟେ । ପତିରୂପରେ ବରଣ କରିବାର ଅର୍ଥ ହେଉଛି, ଆତ୍ମାର ଚତୁଃପାର୍ଶ୍ୱରେ ଚାନ୍ୟକ ସ୍ନାୟୁ ଜଗୁଆଳି ସଦୃଶ ରହିବା । ଗୋଲକ ନଗର କହିଲେ, ବିଭୁକ୍ତିକ ତ୍ରିକୂଟ ବୋଲି ଏହି ଗଳ୍ପାଂଶରେ

କୁହାଯାଇଛି । ବ୍ରହ୍ମାଙ୍କ ଭୁବନ ବୋଇଲେ ହୃଦେଶ ନିମ୍ନ ନାଭିଚକ୍ର । ହୃଦେଶରୁ ନାଭିଚକ୍ର ପର୍ଯ୍ୟନ୍ତ ବ୍ରାହିକ ସ୍ନାୟୁ ବିସ୍ତାରିତ ହୋଇ ପିଣ୍ଡ ମଧ୍ୟରେ ରହିଅଛି । ଦେବଲୋକରେ ଦୁନ୍ଦୁଭିନିନାଦ କହିଲେ, ସାଧକଯୋଗୀ ଶ୍ରବଣ କରୁଥିବା ଦ୍ୱାଦଶ ସାତ୍ତ୍ୱିକ ନାଦ ମଧ୍ୟରୁ ଗୋଟିଏ । କାର୍ଣ୍ଣିକ ସ୍ନାୟୁ ଓ ବୃତିକ ସ୍ନାୟୁର ସଂଯୋଗରେ ଆସୁରୀମାୟାରେ ଜଡ଼ିତ ଜୀବ ବ୍ରହ୍ମ କୁଣ୍ଡକାନ୍ତି ଚିତ୍ତରୁ ଉତ୍ପନ୍ନ ସାତ୍ତ୍ୱିକ ମାୟା ସହିତ ମିଳିତ ହେଲେ ସାଧକଯୋଗୀ ଏହି ଦୁନ୍ଦୁଭି ନିନାଦ ଶୁଣିପାରେ । ଧରାପୃଷ୍ଠରେ ଅବିରତ ପୁଷ୍ପବୃଷ୍ଟି ହେବାର ଅର୍ଥ ହେଉଛି, ଜୀବାତ୍ମା ଓ ପରମାତ୍ମାର ମିଳନରେ ବଦ୍ଧଜୀବ କର୍ମଯୋଗ ଓ ଧର୍ମଧାରା ଅଭ୍ୟାସରେ ନିୟମିତ ସକ୍ରିୟହୋଇ ପର୍ଯ୍ୟାୟକ୍ରମରେ ଅମୃତଜ୍ଞାନରସ ପାନ କରି ପରିତୃପ୍ତ ହେବା । ପ୍ରଜାପାଳନର ଅର୍ଥ ପିଣ୍ଡତତ୍ତ୍ୱମତରେ ପ୍ରକୃତିରଂଜନ ଅର୍ଥାତ୍ ଇନ୍ଦ୍ରିୟଲାଳସାର ପରିପାଳନ ଓ ପରିତୃପ୍ତିକୁ ବୁଝାଇଥାଏ । ଦେବତାଙ୍କୁ ଯୁଦ୍ଧରେ ପରାସ୍ତ କରି ଯଜ୍ଞଭାଗ ହରଣ କରିବାର ଅର୍ଥ ହେଉଛି, ସୈତୃଭାନୁ ସ୍ନାୟୁ ସହିତ ଇନ୍ଦ୍ରିୟ ପ୍ରକୃତିର ସଂଘର୍ଷ ଓ ସୈତୃଭାନୁ ସ୍ନାୟୁର କାର୍ଯ୍ୟକାରିତାର ବିଜୟ ଘଟିବା ପରେ ତାହା ଚୈତନ୍ୟ ବ୍ରହ୍ମକୁ ଆସିବା । ଏହି ଗଳ୍ପାଂଶରେ କୈଳାସପୁର ବୋଇଲେ, ରୌଦ୍ରିକ କଣ୍ଠଚକ୍ରକୁ ବୁଝାଯାଏ । ହରିଙ୍କ ନିକଟରେ ଉପସ୍ଥିତ ହେବା ବୋଇଲେ, ଯୋଗୀ ଯୋଗ ସାଧନା କାଳରେ ଯୋଗୀ ହୃଦଚକ୍ରର ଭୁଜଙ୍ଗ ଚିତ୍ତରେ ସୂକ୍ଷ୍ମ ଅନୁଭବ । ସମୟ ସମୟରେ ଯୋଗୀ ଧ୍ରୁବି ଚୈତନ୍ୟରେ ଆତ୍ମାନୁଭବ ଯୋଗକ୍ରିୟା ପର୍ଯ୍ୟାୟରେ ଆସିଥାଏ । ଏହି ଉଭୟ ଅନୁଭୂତିରେ ଉପନୀତ ହେବାକୁ ଏଠାରେ ଏହି ଗଳ୍ପାଂଶରେ ପିଣ୍ଡତତ୍ତ୍ୱ ମତରେ ହରିଙ୍କ ନିକଟରେ ଉପସ୍ଥିତ ହେବା ଅର୍ଥକୁ ପ୍ରକାଶ କରୁଅଛି ।

ବିପ୍ରରୂପରେ ଯିବାର ଅର୍ଥ ହେଉଛି ରମ୍ଭାରାସ୍ନାୟୁ ଶୁଣଭଙ୍ଗରେ ପରିଣତ ହେବା । ପତ୍ନୀର ସତୀତ୍ୱ ଭାଙ୍ଗିବା ବୋଇଲେ, ଦୁଷ୍ଟ ରଜବୃତ୍ତିକ ସ୍ନାୟୁର ଦମନ କରି ସତ୍‌ବୃତ୍ତିର ଉତ୍ତେଜିତ କ୍ରିୟାମାନ ପିଣ୍ଡ ମଧ୍ୟରେ ସମ୍ପନ୍ନ କରିବା । ଯୋଗୀ ଧ୍ରୁବି ଚୈତନ୍ୟରେ ଆତ୍ମାକୁ ଅନୁଭବ କରିବା ପରେ ଏହିକାର୍ଯ୍ୟ ପିଣ୍ଡରେ ସମ୍ପନ୍ନ ହୋଇଥାଏ । ସ୍ୱୀର ଜୀବନ ତ୍ୟାଗର ଅର୍ଥ ହେଉଛି, ରଜଗୁଣୀ ଭାଜ୍ୟକସ୍ନାୟୁର ଦମନ ଓ କାର୍ଯ୍ୟକାରିତା ପିଣ୍ଡ ମଧ୍ୟରେ ସଂପୂର୍ଣ୍ଣ ନଷ୍ଟ ହୋଇଯିବା । ସମୟ ସମୟରେ ଆତ୍ମା ପିଣ୍ଡ ମଧ୍ୟରେ ବୈରିୟିକ ଚିତ୍ତରେ ଆଶ୍ରୟ ନେଇ ଏକ ପ୍ରହରରୁ କମ୍ ସମୟ ମଧ୍ୟରେ ଏକୋଇଶ ବ୍ରହ୍ମାଣ୍ଡ ପିଣ୍ଡତତ୍ତ୍ୱ ଦର୍ଶାଇଥାଏ । ଏହାକୁ 'ହରିଙ୍କର ପ୍ରିୟତମା ହୋଇ ରହିବା' ବୋଲି ଏଠାରେ ବୁଝାଇ ଦିଆ ଯାଇଛି । ଯୋଗ ସାଧନା ପର୍ଯ୍ୟାୟରେ ଯୋଗୀର ଅନୁଭବ ଚିତ୍ୟ ଚିତ୍ତରେ ପହଞ୍ଚିଲେ, ସାଧକ ଯୋଗୀର ବୈବତ୍ର୍ୟକ ଜ୍ଞାନ ଅନୁଭବ ହୁଏ । ଏହାକୁ ଶଙ୍ଖଚୂଡ଼ ସହିତ ମହାଦେବଙ୍କୁ ଯୁଦ୍ଧ ନିମନ୍ତେ ନିର୍ଦ୍ଦେଶ ବୋଲି କୁହାଯାଇଛି ।

ଚିତ୍ତ ଆତ୍ମାର ଦୂତ । ଏହାକୁ 'ପୁଷ୍ପଦନ୍ତ ନାମକ ଗନ୍ଧର୍ବ ଦୂତ ହୋଇଯିବା' ଅର୍ଥରେ ପ୍ରକାଶ କରାଯାଇଛି । କାର୍ତ୍ତିକ ଆଦି ଦେବଗଣ ବୋଇଲେ, ସୈଧ୍ରୁକ୍ ଆତ୍ମା କୁମାର ସତ୍‌ପ୍ରକୃତି ଭାବକୁ ବୁଝାଏ । ଶଙ୍ଖଚୂଡ଼ ଦୈତ୍ୟ ପ୍ରାଣତ୍ୟାଗ ପୂର୍ବରୁ ଯୋଗାସନରେ ବସି ରହିବାର ଅର୍ଥ ହେଉଛି, ଯୋଗୀ ସମାଧିସ୍ତରରେ ସମାଧିର ସପ୍ତମ ଅବସ୍ଥାରେ ତମ ଓ ଅହଂର ବୁଦ୍ଧିବିନାଶ ହେବା ଅବସ୍ଥା । ଗୋପବେଶ ଧାରଣ କରିବା ବୋଇଲେ, ଭୌମିକ ଜ୍ଞାନ ପ୍ରବେଶ କରିବା । ଏହା ସମାଧି ସୋପାନ ପର ଅବସ୍ଥା ଅଟେ । ରାସ ବୃନ୍ଦାବନ ହେଉଛି, ଆଜ୍ଞାଚକ୍ର ମଧ୍ୟରେ ସଂଘଟିତ ତ୍ରିକୂଟମାୟାରାସ । ସମାଧି ସୋପାନର ସାମ୍ପ୍ରଦାୟିକ ସମାଧିସ୍ତର ଅତିକ୍ରମ କରିବା ପରେ ସାଧକ ଯୋଗୀ ଏହା ଅନୁଭବ କରେ । ସେହି ମଙ୍ଗଳମୟ ସ୍ଥଳରେ ଜୀବବ୍ରହ୍ମଜୀବ ଆତ୍ମାର ଭୌମିକ ଜ୍ଞାନାପିଣ୍ଡତତ୍ତ୍ୱଜ୍ଞାନ ଉଦୟ ଦେଖି ସକଳ ସତ୍ତ୍ୱଭାବରେ ଯୋଗୀର ତନୁମନ ପୁଲକିତ ହୁଏ । ଲବଣ ସାଗର ବୋଇଲେ, ଶୁଧକ ଗ୍ରନ୍ଥି । ଶଙ୍ଖଚୂଡ଼ର ଅସ୍ଥି କହିଲେ,ବୈମ୍ୟିକ ସୁତ୍ରୀକୋଷ । ଶଙ୍ଖର ଉତ୍ପତ୍ତି ବୋଇଲେ ଧବଳବର୍ଣ୍ଣର ରୌଦ୍ରୀ ସ୍ନାୟୁକୋଷ । ଶଙ୍ଖଧ୍ୱନିର ଅର୍ଥ ହେଉଛି, ରୌଦ୍ରୀ ଶବ୍ଦ । ଏହା ମଧ୍ୟ ସାତ୍ତ୍ୱିକ ନାଦ (ଦ୍ୱାଦଶନାଦ) ମଧ୍ୟରୁ ଅନ୍ୟତମ । ଶଙ୍ଖଜଳରେ ଦେବଦେବୀଙ୍କର ପ୍ରୀତି କହିଲେ, ଜୀବର ଜ୍ଞାନ ଉପଲବ୍ଧିରେ ବ୍ରହ୍ମଙ୍କର ଆନନ୍ଦକୁ ବୁଝାଉ ଅଛି ।

ତ୍ରୟୋବିଂଶତିତ୍ତ୍ୱ (ମହତତ୍ତ୍ୱ,ଅହଂକାରତ୍ତ୍ୱ, ପଞ୍ଚତନ୍ମାତ୍ର, ପଞ୍ଚମହାଭୂତ ଓ ଏକାଦଶ ଇନ୍ଦ୍ରିୟ) ରେ ଜୀବର ଜ୍ଞାନ ଉଦୟ ହେଲେ, ପିଣ୍ଡସ୍ଥ ଜୀବବ୍ରହ୍ମ ପରମ ଆନନ୍ଦ ଲାଭ କରନ୍ତି ଏବଂ ଯୋଗୀର ଆନନ୍ଦମୟ କୋଷ ଉନ୍ମୀଳିତ ହୋଇଯାଏ । ଗଳ୍ପାଂଶର ପ୍ରତ୍ୟେକଟି ସୋପାନ ଯୋଗ ମାର୍ଗର ପ୍ରତ୍ୟେକ ଭିନ୍ନଭିନ୍ନ ସୋପାନର ଅନୁଭୂତି ସହିତ ସାମଞ୍ଜସ୍ୟ ରକ୍ଷାକରେ । ଏହା ପାଠକରି ଯୋଗମାର୍ଗରେ ପର୍ଯ୍ୟାୟକ୍ରମରେ ଗତିକଲେ, ପାଠକ ପାଠିକାମାନେ ଏହି ସୂକ୍ଷ୍ମାନୁଭୂତି ଲାଭ କରିବା ସହିତ ଆନନ୍ଦ ମଧ୍ୟ ଲାଭ କରିବାକୁ କ୍ଷମ ହୋଇ ପାରିବେ ॥

❖❖❖

# ଉତ୍ସବ ପରିଚିତି

ବନ୍ଦଇ ଶ୍ରୀପଦ ପାଦକୁ ।
ଭରସା ଚରମନାଥକୁ ॥

ଶ୍ରୀପଦ ପାଦୁକା ତ୍ରେତାରେ ଥିଲ ।
ରାମ ଅବତାରେ ଭରତେ ଦେଲ ॥

ଶ୍ରୀପଦ ପାଦୁକା ଦ୍ୱାପରେ ଥାଇ ।
କୃଷ୍ଣ ଅବତାରେ ଉଦ୍ଧବ ପାଇ ॥

*କଳ୍ପଯୁଗରୁ ଅନ୍ତିମ କଳିଯୁଗ ପର୍ଯ୍ୟନ୍ତ ସର୍ବଯୁଗ ଓ ସର୍ବକାଳରେ ମହାପ୍ରଭୁଙ୍କର ପଦ୍ମପାଦ ମଣ୍ଡନ କରୁଥିବା ଶ୍ରୀପାଦୁକା ଭକ୍ତଗଣଙ୍କୁ ଉଦ୍ଧାର କରିବା ନିମନ୍ତେ ଉଦ୍ଦିଷ୍ଟ । ଶ୍ରୀପଦ ପାଦୁକା ପ୍ରତ୍ୟକ୍ଷ ଚରମନାଥ ଚରମ ପୁରୁଷ ଅଟନ୍ତି । ତ୍ରେତାଯୁଗରେ ଭରତଙ୍କୁ ଓ ଦ୍ୱାପରରେ ଉଦ୍ଧବଙ୍କୁ ଏହା ପ୍ରାପ୍ତ ହୋଇଥିଲା । କଳିର ଅନ୍ତିମ ପ୍ରହରରେ ଶ୍ରୀପଦ ପାଦୁକା ପ୍ରତ୍ୟେକ ଶାଖାରେ ଓ କେତେକଙ୍କ ଗୃହରେ ସିଂହାସନ ପରିଶୋଭିତ ହୋଇ ପୂଜା ପାଇ ଆସୁଛନ୍ତି ।*

*ମାଳିକା ମତେ 'ଶ୍ରୀପଦ ପାଦୁକା ସ୍ନାନ ଓ ବନ୍ଦନା' ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତି ଜ୍ୟୋତିଃ ଆଶ୍ରମ ପରିସରରେ ଶ୍ରୀପାଦୁକା ସ୍ନାନ ମଞ୍ଚରେ ୧୪୦୫ ସାଲ, ଶ୍ରାବଣ ଦି୧୭ନ କର୍କଟ ଦି୨୪ନ, ଶନିବାର ଇଂରାଜୀ ତା ୮.୮.୯୮ ରିଖ ଦିନ ସମବେତ ସହସ୍ରାଧିକ ଭକ୍ତ ଅନୁଗତଙ୍କର ମସ୍ତକ ଆନୀତ ଘଟଜଳରେ ସ୍ନାନାଭିଷେକ କରାଯାଇ ବନ୍ଦନା କରାଗଲା । ଏହି ବ୍ରତସ୍ତ ଉତ୍ସବ ସମ୍ପର୍କରେ ପୌରାଣିକ ଓ ମାଳିକା ଉକ୍ତ ମତାବଲମ୍ବନରେ ଏକ ସଂକ୍ଷିପ୍ତ ବିବରଣୀ ''ଚରମ'' ପୃଷ୍ଠାରେ ପାଠକ / ପାଠିକା ମାନଙ୍କର ଅବଗତି ନିମନ୍ତେ ''ଉତ୍ସବ ପରିଚିତି'' କ୍ରମରେ ପରିବେଷ୍ଟ କରାଯାଉଅଛି ।*

## ଶ୍ରୀପଦ ପାଦୁକା ବନ୍ଦନା

**୧୪୦୫ ସାଲ, ଶ୍ରାବଣ ଦି୧୭ନ, କର୍କଟ ଦି୨୪ନ, ଶନିବାର**

ଆଜି ପବିତ୍ର ଶ୍ରାବଣ ପୂର୍ଣ୍ଣିମା । ଶ୍ରୀ ବଳଭଦ୍ରଙ୍କର ଜନ୍ମ ଦିବସ । ପୂର୍ବ ବର୍ଷଧରି ଆଜି ଚଳିତ ବର୍ଷର ଉତ୍ସବସୂଚୀ ଅନୁଯାୟୀ ସ୍ୱର୍ଣ୍ଣକ୍ଷେତ୍ର ପରିସର ମଧ୍ୟରେ ପାଳିତ ହେଉଛି ଶ୍ରୀପଦପାଦୁକା ସ୍ନାନ ଓ ବନ୍ଦନା ଉତ୍ସବ । ମାତ୍ର ପାଳନ ବିଧି ସ୍ୱତନ୍ତ୍ର । କେଉଁ କାରଣରୁ ଆଜି ସ୍ୱତନ୍ତ୍ର ବିଧାନରେ ଉତ୍ସବଟି ପାଳିତ ହେଉଛି, ତାହାହିଁ ଏହି ''ସ୍ମରଣିକା'' ର ବିଷୟ ବସ୍ତୁ । କାରଣ ଉନ୍ମୋଚନ ପୂର୍ବରୁ ଶ୍ରୀପଦ ପାଦୁକାର ଜନ୍ମ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିବା ଏକାନ୍ତ ଜରୁରୀ ମନେହୁଏ ।

### ଶ୍ରୀପାଦ, ''ପଦ୍ମପାଦ''

ବ୍ରହ୍ମ ଦର୍ଶନ, ବ୍ରହ୍ମ ଉପଲବ୍ଧି କରିଥିବା ଯୋଗୀ, ମୁନି, ଋଷି, ସାଧୁ, ସନ୍ଥ ଓ ଭକ୍ତମାନେ ସେମାନଙ୍କର ଉପସିତ ତଥା ପ୍ରାପ୍ତ ''ବ୍ରହ୍ମଙ୍କର ସାକାର ରୂପମାଧୁରୀରେ ବିସ୍ମିତ ହୋଇ ସେହି ରୂପକୁ ସର୍ବଦା ଚିନ୍ତନ, ମନନ ଓ ପୂଜନ କରୁଥାଆନ୍ତି । କିନ୍ତୁ ପ୍ରତିକ୍ଷଣରେ ସେମାନେ ଇଷ୍ଟଦେବଙ୍କ ''ପଦ୍ମପାଦ'' କୁ ଲୟ କରୁଥାଆନ୍ତି ଏବଂ ଦର୍ଶନ କରିବା ପାଇଁ ଆକୁଳ ନିବେଦନ କରୁଥାଆନ୍ତି । ପ୍ରାର୍ଥନାରେ ଜୀବନର ଅନ୍ତିମ ସମୟ ଉପସ୍ଥିତ ହେଲେ ସେହି ''ପଦ୍ମପାଦ''ରେ ଚିର ବିଶ୍ରାମ ନେବାପାଇଁ ଅଳି କରୁଥାଆନ୍ତି । ମାତ୍ର କାହିଁକି ? କେଉଁ କାରଣରୁ ବ୍ରହ୍ମଙ୍କର ଅନ୍ୟ ଅଙ୍ଗ ବିଶେଷକୁ ଲକ୍ଷ୍ୟ ନ ରଖି ନିଜର ଲୟ, ଧ୍ୟେୟକୁ କେନ୍ଦ୍ରୀଭୂତ କରାଇଥାନ୍ତି ''ପଦ୍ମପାଦ''ରେ ?

''ପଦ୍ମପାଦ'' କହିଲେ ଅନେକ ଅର୍ଥ ମନକୁ ଆସେ । ଯଥା : ପଦ୍ମପରି ପାଦ ଯାହାର ସେ ''ପଦ୍ମପାଦ'' । ପଦ୍ମ ଆକାର ଯେଉଁ ପାଦ ସେ ପାଦ ''ପାଦପଦ୍ମ'' । ଯେଉଁ ପାଦରେ ପଦ୍ମଫୁଟେ ସେ ପାଦ ''ପାଦପଦ୍ମ'' । ଏହିପରି ଅନେକ ଭାବ, ବିଭିନ୍ନ ମତ । ମାତ୍ର ପରମେଶ୍ୱରଙ୍କ ଶ୍ରୀପଦକୁ କାହିଁକି ''ପଦ୍ମପାଦ'' କୁହାଯାଏ, ତାହାର ରହସ୍ୟ ଉପଲବ୍ଧି କରିଥିଲେ ମହାପୁରୁଷ ଅଚ୍ୟୁତାନନ୍ଦ । ନିର୍ବିକଳ୍ପ ସମାଧିରେ ଦର୍ଶନ କରିବା ସମୟରେ ସେ ଦେଖିଥିଲେ ସେହି ପଦ୍ମଫୁଲ ଯାହା ଉପରେ ପ୍ରଭୁଙ୍କର ଶ୍ରୀପାଦ ରହିଥିଲା । ସେହି ଅନୁଭୂତିକୁ ସେ ''ଗୁରୁଭକ୍ତି ଗୀତା'' ତୃତୀୟ ଖଣ୍ଡ ଷଷ୍ଠ ଚତ୍ୱାରିଂଶତ ପଟଳ ପୃ୪୨୫ରେ ବର୍ଣ୍ଣନା କରିଛନ୍ତି । ଯଥା :

''ପଦ୍ମ ଫୁଟିଛି ସେ ଚରଣ । ଫେଡିଲେ ପାଇବୁ କାରଣ ॥
ଶୁଣ ହେ ଚବିଶ ଗୋପାଳ । ପଦ୍ମ ଫୁଟିଛି ପାଦତଳ ॥
ଅଥର୍ବ ପୃଥ୍ୱୀ ଯେ ଅଟଇ । ସାମ ଯେ ଜଳ ପୁଣ ହୋଇ ॥
ଋକ ଯେ ପୁଷ୍ପ ପତ୍ର ଜାଣ । ଯଜୁଃ ଯେ କେଶର ପ୍ରମାଣ ॥
ଅର୍ଥବ ପଙ୍କ ବୋଲି ଜାଣ । ସାମ ଯେ ବୃକ୍ଷ ମତ ପୁଣ ॥
ଶିଶୁ ଯେ ବୀଜ ପୁଣ ହୁଏ । ଏମନ୍ତ ପଦ୍ମ ଫୁଟି ରହେ ॥
ଏ ପଦ୍ମ ପରେ ପାଦ ରହେ । ଅକାରୁ ''କ୍ଲୀଂ'' ବୀଜ ହୁଏ ॥
ଅକାରେ ଏକାର ମିଶିଣ । ପାଦ ବୋଲିଣ ଏହା ଜାଣ ॥
ଏ ପାଦ ସୁମରଣା କର । ଷୋଡ଼ଶ ମନ୍ତ୍ର ହୃଦେ ଧର ॥
ଚାରି, ଚାରିରେ ଆଠ ହୋଇ । ଆଠ ଆଠରେ ଷୋଳ କହି ॥
ହରେ ବସଇ ଯଜୁଃ ଦଳେ । କୃଷ୍ଣ ବସଇ ସାମ ମୂଳେ ॥
ରାମ ବସଇ ଋକ୍ ଦଳ । ସାମ ଅଥର୍ବ ଦଳେ ମେଳ ॥
ଏମନ୍ତେ ଚାରିଦଳ ହୋଇ । ଚାରି ଦଳରେ ଚାରି ହୋଇ ॥
ହ୍ରୀଂ ଯେ ଶ୍ରୀଂ କ୍ଲୀଂ ଦାମ । ନନ୍ଦ କନ୍ଦ ଯେ ଦୀନ ଧର୍ମ ॥
ସାଧୁ, ମଧୁ କାମ ବ୍ରହ୍ମରେ । ଷୋଡ଼ଶ ନାମ ଏ ବିଧିରେ ॥
ପାଦ, ପଦ୍ମକୁ ସୁମରିବ । ଷୋଡ଼ଶ ମନ୍ତ୍ର ଜପୁଥିବ ॥
ପଦ୍ମୁଁ ଅମୃତ ଝରୁଅଛି । ଚରଣୁଁ ଝାଳ ଯେ ବୋହୁଛି ॥
ସେ ଝାଳ ଅମୃତ ଅଟଇ । ଅର୍ଦ୍ଧାଙ୍ଗେ ଗଳିଣ ପଶଇ ॥
ଓଁକାରେ ମିଶି ପାଦତଳ । ମିଳଇ ମୂଳ ଯେ କମଳ ॥''

ଉପରୋକ୍ତ ପଦ୍ୟାଂଶର ବିଶଦ ବ୍ୟାଖ୍ୟା ତ ଏକ ବୃହତ ପୁସ୍ତକ ହେବ । ତେଣୁ ସଂକ୍ଷେପରେ ସାରାଂଶ ହେଉଛି : ଏ ସୃଷ୍ଟିର ଆଦି ବୀଜ ''କ୍ଲୀଂ, ଶ୍ରୀଂ, ହ୍ରୀଂ'' ''ଓଁକାର'' ସହ ଏକତ୍ର ହୋଇ ସ୍ରଷ୍ଟାଙ୍କ ଅଙ୍ଗର ଯେଉଁ ସ୍ଥାନରେ ଅବସ୍ଥାନ କରନ୍ତି ସେହି ସ୍ଥାନର ନାମ ହେଉଛି ''ପାଦ'' । ଏହିଠାରୁ ହିଁ ସୃଷ୍ଟିର ଉତ୍ପତ୍ତି, ସ୍ଥିତି ଓ ସଂହାର । ସୁତରାଂ ଏହି ''ପାଦ'' ହିଁ ସକଳ ଶକ୍ତି, ସର୍ବତୀର୍ଥ, ଧାମର କେନ୍ଦ୍ରସ୍ଥଳ । ଏହି ପାଦ ଚାରିଦଳ ବିଶିଷ୍ଟ ପଦ୍ମଫୁଲ ଉପରେ ରହିଅଛି । ପଦ୍ମଫୁଲର ସ୍ଥିତି ଓ ଆକୃତି ବର୍ଣ୍ଣନା କରିବାକୁ ଯାଇ ମହାପୁରୁଷ କହନ୍ତି- ''ଅଥର୍ବ'' ବେଦ ହେଉଛି ପୃଥ୍ୱୀ ବା ସ୍ଥଳଭାଗ । ଏହି ସ୍ଥଳଭାଗରେ ''ସାମବେଦ'' ହେଉଛି ଜଳରାଶି । ଏ ଜଳରାଶି ମଧ୍ୟରେ ପୃଥ୍ୱୀ ରୂପକ ଅଥର୍ବ ହିଁ ପଙ୍କ ହୋଇ ରହିଛି । ଉକ୍ତ ପଙ୍କରୁ ପୁନଶ୍ଚ ''ସାମବେଦ'' ପଦ୍ମବୃକ୍ଷ ହୋଇ ଉଭାହୋଇଛି । ''ଶାମ'' ରୂପକ ବୃକ୍ଷରେ ଋକ୍ , ବେଦ ପଦ୍ମ ପତ୍ର ଓ ପଦ୍ମ ପୁଷ୍ପ ହୋଇ ଶୋଭା ପାଉଛି । ଏହି

ଅଦ୍ଭୁତ ''ପଦ୍ମ'' ଫୁଲରେ''ଶିଶୁ'' ବେଦ କେଶର ହୋଇ ରହିଛି । ପୁନର୍ବାର ବିଶଦ ବର୍ଣ୍ଣନାରେ କହୁଛନ୍ତି : ଜୀବର ଉଦ୍ଧାର ପାଇଁ ଯେଉଁ ଷୋଡ଼ଶ ମନ୍ତ୍ର ସାଧନର ପ୍ରୟୋଜନ ଥାଏ ସେହି ଷୋଡ଼ଶ ମନ୍ତ୍ର ଉକ୍ତ ପଦ୍ମ ପାଖୁଡ଼ାରେ ବିକ୍ଷିପ୍ତ ଭାବରେ ସ୍ଥିତ ହୋଇଛି । ଏଠାରେ ସରଳୀକରଣ କରିବାକୁ ଗଲେ ମହାପୁରୁଷ ମୁଖ୍ୟତଃ ''ତାରକମନ୍ତ୍ର''ର ପ୍ରାଧାନ୍ୟ ଏଠାରେ ପ୍ରକାଶ କରିଛନ୍ତି । ''ହରେକୃଷ୍ଣ ହରେକୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ । ହରେ ରାମ, ହରେ ରାମ, ରାମରାମ ହରେ ହରେ ।'' ଏହିନାମ ମଧ୍ୟରୁ ଚାରିବେଦର ଆକାର ଗ୍ରହଣ କରିଥିବା ପଦ୍ମଫୁଲର ''ଯଜୁଃବେଦ'' ସ୍ଥିତ ଦଳରେ ''ହରେ'' ଅଛନ୍ତି । ''କୃଷ୍ଣ'' ''ସାମ'' ଦଳରେ ଓ ''ରାମ'' ''ଋକ୍'' ଦଳରେ ଅବସ୍ଥାନ କରିଛନ୍ତି । ଏ ସମସ୍ତ ନାମ ପୁନଶ୍ଚ ଏକତ୍ର ମିଳିତ ହୋଇ 'ଅଥର୍ବ' ବେଦ ବା ପଦ୍ମର ମୂଳାଧାରରେ ମିଳିତ ହୋଇଛନ୍ତି । ଏହି ପବିତ୍ରତମ ପଦ୍ମପାଖୁଡ଼ାରେ ''ହ୍ରୀଂ'', ''ଶ୍ରୀଂ'' ଓ ''କ୍ଲୀଂ'' ଆଦି ବୀଜ ଅବସ୍ଥାନ କରିଛନ୍ତି ।

ମତାନ୍ତରେ ''ବେଦ'' ଅର୍ଥାତ୍ ଶରୀର । ଜୀବର ସଂସ୍କାର, କର୍ମପ୍ରବାହ ଓ ସିଦ୍ଧି ଅବସ୍ଥାକୁ ନେଇ ଏହି ଚତୁଃର୍ବେଦ ''ଶ୍ୟାମ, ଯଜୁଃ, ଋକ୍ ଓ ଅଥର୍ବ'' ର ବିଚାର କରାଯାଇଥାଏ । ପିଣ୍ଡସାଧନାର ଚରମ ପର୍ଯ୍ୟାୟରେ ସାଧକ ସମାଧି ଅବସ୍ଥାରେ ହିଁ ପଦ୍ମଫୁଲର କେଶର ରୂପରେ ରହିଥିବା ''ଶିଶୁବେଦ''କୁ ଉପଲବ୍ଧି କରିପାରେ । ପୁନଶ୍ଚ ଏ ଧରିତ୍ରୀ ହେଉଛି ପଦ୍ମର ଆଧାର । ଏହାରି ଉପରେ ପଞ୍ଚବେଦ, ଷୋଡ଼ଶ ମନ୍ତ୍ର ପଦ୍ମର ପାଖୁଡ଼ା, ପତ୍ର, ଫୁଲ ଓ କେଶର ରୂପରେ ଅବସ୍ଥାନ କରିଅଛନ୍ତି । ସୁତରାଂ ଆଲୋଚ୍ୟ ''ପଦ୍ମ'' ଟି ହିଁ ହେଉଛି ଏ ସୃଷ୍ଟି । ଏହି ସୃଷ୍ଟି ପଦ୍ମ ଉପରେ ସ୍ରଷ୍ଟା ଯେଉଁ ପାଦ ରଖିଛନ୍ତି ସେ ପାଦର ନାମ ''ପଦ୍ମପାଦ'' ଏବଂ ତାଙ୍କର ନାମ ମଧ୍ୟ ''ପାଦପଦ୍ମ'' ।

ପ୍ରଭୁଙ୍କର ସେହି ପାଦରୁ ଅହରହ ଯେଉଁ ''ଝାଳ'' ବହୁଛି, ତାହାର ନାମ ''ଅମୃତ'' । ପାଦ, ପଦ୍ମ ଉପରେ ଥିବାରୁ ଅମୃତ ପଦ୍ମ ମାଧ୍ୟମରେ ଝରି ଆସୁଛି । ତେଣୁ ନିତ୍ୟ ସିଦ୍ଧ ସାଧୁ, ଦର୍ଶନ ଯୋଗୀମାନେ ସେମାନଙ୍କର ନିର୍ବିକଳ୍ପ ସମାଧି ଅବସ୍ଥାରେ ଉକ୍ତ ଦୁର୍ଲଭ ଅବସ୍ଥା ଉପଲବ୍ଧି କରୁଥିବାରୁ କେବଳ ''ଅମୃତଝରା ପାଦପଦ୍ମ'' ଉପରେ ହିଁ ସେମାନଙ୍କର ଲୟ ଆବଦ୍ଧ କରନ୍ତି ଏବଂ ଅହରହ ସେହି ସ୍ଥାନକୁ ଧ୍ୟାନ କରି ସେଥିରେ ମଗ୍ନ ହୋଇ ଯିବାକୁ ବ୍ୟାକୁଳ ହୁଅନ୍ତି । କଠୋର ସାଧନ ମାଧ୍ୟମରେ ଏହି ସ୍ଥିତିରେ ନ ପହଞ୍ଚିବା ପର୍ଯ୍ୟନ୍ତ ''ପାଦପଦ୍ମ'' ଦର୍ଶନ ହୁଏ ନାହିଁ । ସେହି ମର୍ମରେ ମହାପୁରୁଷ ଉପରବର୍ଣ୍ଣିତ ଗ୍ରନ୍ଥରେ ଲେଖିଛନ୍ତି :

**''ନବ ନିମିଷ କ୍ଷଣେ ଦଣ୍ଡେ । ସାଧୁଣ ଥିବ ଜୀବ ପିଣ୍ଡେ ॥**
**ବିଅର୍ଥ ଜନମ ନୋହିବ । ଗୋଲକ ସେବାରେ ରହିବ ॥**
**ପାଦ ପଦ୍ମ ସେ ଯାହା କହି । ଚକ୍ଷୁ ଗୋଚର ନ ଦିଶଇ ॥**
**ଚକ୍ଷୁ, ମୁଦ୍ରିତ କରି ରହି । ଭୁରୁଥାନରେ ମନ ଦେଇ ॥**
**ତେବେ ଦର୍ଶନ ପଦ୍ମପାଦ । ଖଣ୍ଡଇ ସକଳ ବିପଦ ॥**

ତେଣୁ ''ପଦ୍ମପାଦ'' କେବଳ ସୂକ୍ଷ୍ମ ଦର୍ଶନରେ ପ୍ରାପ୍ତ ହୁଏ । ସାଧନର ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ଥୂଳ ବସ୍ତୁର ଆଧାର ଅପରିହାର୍ଯ୍ୟ । ତେଣୁ ତପସ୍ୱୀଗଣ ସେମାନଙ୍କ ତପବଳରେ ବ୍ରହ୍ମ ତତ୍ତ୍ୱ ପ୍ରାପ୍ତ ହୋଇ ''ପଦ୍ମପାଦ'' ର ସ୍ଥୂଳ ରୂପ ଅବତରଣ କରାଇଥିଲେ ''ଶ୍ରୀପାଦୁକା'' ରୂପରେ ।

## ଶ୍ରୀପାଦୁକାଙ୍କ ଜନ୍ମ :

ମର୍ତ୍ତ୍ୟଭୂମି ଗଠନ ପରେ ସୃଷ୍ଟିର ପ୍ରଥମ ଛନ୍ଦପୁଷ୍ପର ସ୍ୱରୂପ ''ସତ୍ୟଯୁଗ'' ଅବତରଣ କଲା । ସେହି ଯୁଗରେ ପୁଣ୍ୟବଳ ପୂର୍ଣ୍ଣ ଭାବରେ ଥିଲା । ସତ୍ୟ, ଧର୍ମ, ନ୍ୟାୟର ମାତ୍ରା ସର୍ବାଧିକ ଥିଲା । ତେଣୁ ସେ ସମୟରେ ଜୀବମାନେ ସର୍ବଦା ସଚେତନ ରହୁଥିଲେ । ନିଜର କର୍ମଯୋଗ ମାଧ୍ୟମରେ ଅକ୍ଲେଶରେ ''ପଦ୍ମପାଦ'' ର ସୂକ୍ଷ୍ମ ଦର୍ଶନ ଲାଭ କରି ଜନ୍ମ, ଜୀବନ ଧନ୍ୟ କରୁଥିଲେ । ସେଥିପାଇଁ ସ୍ରଷ୍ଟାଙ୍କର ମାନବରୂପ ଧାରଣ କରି ଧରାଧାମରେ ଜନ୍ମ

ନେବାର ଆବଶ୍ୟକତା ନଥିଲା । କିନ୍ତୁ ସମୟର ଆହ୍ୱାନରେ ଯେତେବେଳେ ତାଙ୍କର ଉପସ୍ଥିତି ଆବଶ୍ୟକ ହେଉଥିଲା ସେହି ସମୟରେ ସେ ହଠାତ୍ ଆବିର୍ଭାବ ହୋଇ କାର୍ଯ୍ୟ ସମାପ୍ତ ପରେ ଫେରି ଯାଉଥିଲେ । ସମୟର ଆହ୍ୱାନରେ ବ୍ରହ୍ମଙ୍କର ଅବତାର ପ୍ରକଟ ହେବାର ଯେଉଁ ନିଷ୍ପତ୍ତି ନିଆଯାଉଥିଲା, ତାହାକୁ ସେ ଯୁଗର ତପସ୍ୱୀମାନେ ସେମାନଙ୍କର ଧ୍ୟାନ ମାଧ୍ୟମରେ ଦର୍ଶନ କରିପାରୁଥିଲେ ।

ସେହି ସତ୍ୟଯୁଗରେ ଯେତେବେଳେ ଅବତାର ଧାରଣର ସମୟ ଆସି ଉପସ୍ଥିତ ହେଲା, ନୈମିଷ୍ୟା ଅରଣ୍ୟରେ ଅବସ୍ଥାନ କରୁଥିବା ତପସ୍ୱୀଗଣ ଯଥା : ମଧୁଭୃତ, ଚୟମାଦ୍ରି, ଉପାଶ୍ରନ୍ନ, ପୈଉକନ୍ଦ, ଅନ୍ତବୃଷ୍ଟା, ଆଭ୍ରସ୍ୱିନୀ, ପ୍ରାପକ, ଋଧନ୍ଧି ବିଚାର କଲେ ଯେ, ଶ୍ରୀମନ୍ନ ନାରାୟଣ ଅବତାର ଗ୍ରହଣ କରି ମର୍ତ୍ତ୍ୟଭୂମିକୁ ଆସିବେ । କିନ୍ତୁ ତାଙ୍କର ସ୍ଥାୟୀ ସ୍ମାରକ କ'ଣ ରହିବ ? ଶେଷରେ ନିଷ୍ପତ୍ତି ନେଲେ ପ୍ରଭୁ ଅବତାର ନେବା ସମୟରେ ଶ୍ରୀପାଦୁକା ସମର୍ପଣ କରାଯିବ । ସେହି ପାଦୁକା ଧାରଣ କରି ସ୍ୱାମୀ ଅବତରିତ ହେବେ ଓ ଅର୍ପିତ ଶ୍ରୀପାଦୁକା ପଦ୍ମପାଦ ସ୍ପର୍ଶରେ ଜୀବନ୍ୟାସ ପାଇ ''ପାଦପଦ୍ମ''ର ସ୍ଥୂଳ ରୂପରେ ଧରିତ୍ରୀରେ ପୂଜିତ ହୋଇ ଜ୍ଞାନ, ସିଦ୍ଧି, କୈବଲ୍ୟ ଓ ବିଭୂତି ପ୍ରଦାନ କରି ଜୀବ ଜଗତକୁ ଉଦ୍ଧାର କରିବେ । ଏହି ଭାବ ନେଇ ସେମାନେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ପ୍ରାର୍ଥନା କଲେ ଶ୍ରୀ ସ୍ୱାମୀଙ୍କ ପାଇଁ ଶ୍ରୀପାଦୁକା ନିର୍ମାଣ କରିବାପାଇଁ । ବିଶ୍ୱକର୍ମା ତପସ୍ୱୀମାନଙ୍କର ପ୍ରାର୍ଥନା ଗ୍ରହଣ କରି ଭକ୍ତଶ୍ରେଷ୍ଠ ''କନ୍ଦୁକନ୍ତ''ଙ୍କ ଦ୍ୱାରା ଶ୍ରୀପାଦୁକା ନିର୍ମାଣ କରାଇ ତପସ୍ୱୀମାନଙ୍କୁ ପ୍ରଦାନ କଲେ । ଏହାପରେ ତପସ୍ୱୀମାନେ ବୈଦିକରୀତିରେ ଶ୍ରୀପାଦୁକାଙ୍କୁ ପ୍ରାଣପ୍ରତିଷ୍ଠା କରାଇ ପରମେଶ୍ୱରଙ୍କୁ ନିବେଦନ କଲେ । ଏହାହିଁ ଶ୍ରୀପାଦୁକାଙ୍କର ଜନ୍ମବୃତ୍ତାନ୍ତ । ସତ୍ୟଯୁଗରେ ପ୍ରଭୁ ଯେତେ ଅବତାର ଗ୍ରହଣ କରିଛନ୍ତି ଶ୍ରୀପାଦୁକା ପଦ୍ମପାଦରେ ଧାରଣ କରି ଆସିଛନ୍ତି । ସେହି ସମୟରୁ ଧରାପୃଷ୍ଠରେ ''ଶ୍ରୀପାଦୁକା''ଙ୍କର ଆରାଧନା ହୋଇ ଆସୁଅଛି ।

ପରବର୍ତ୍ତୀଯୁଗ ତ୍ରେତୟା ଓ ଦ୍ୱାପରରେ ମଧ୍ୟ ''ପଦ୍ମପାଦ''ର ରୂପାନ୍ତରିତ ଅବସ୍ଥା ଉକ୍ତ ''ଶ୍ରୀପାଦୁକା'' ଯଥାକ୍ରମେ ''ଭରତ'' ଓ ''ଉଦ୍ଧବ''ଙ୍କୁ ପ୍ରାପ୍ତ ହୋଇଥିଲା । ସେମାନେ ''ଶ୍ରୀପାଦୁକା'' ପୂଜା କରି ତାଙ୍କରି ଦ୍ୱାରା ପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ହୋଇଥିଲେ ।

## କଳିଯୁଗରେ ଶ୍ରୀପାଦୁକା :

କଳିଯୁଗରେ ସାଧନର ଶୀର୍ଷ ସ୍ଥାନରେ ପହଞ୍ଚିଥିବା ନିତ୍ୟ ସ୍ମରଣୀୟ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କର ସମାଧି ଅବସ୍ଥାରେ ''ପଦ୍ମପାଦ'' ଓ ''ଶ୍ରୀପାଦୁକା''ର ସମସ୍ତ ରହସ୍ୟ ଜାଣି ପାରିଥିଲେ । ତେଣୁ ଶରଣାଗତିର ଚରମ ସୋପାନରେ ପହଞ୍ଚିଥିବା ଏହି ମହାସାଧକ ସର୍ବଦା ''ପଦ୍ମପାଦ'' ଓ ''ଶ୍ରୀପଦପାଦୁକା''କୁ ନିଜର ଲକ୍ଷ୍ୟ, ଧ୍ୟେୟରେ ପ୍ରତିଷ୍ଠା କରିଥିଲେ ।

ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସମୟରେ ତାଙ୍କ ସହ ଗୋପପୁର୍‌ରେ ନିତ୍ୟ ରାହାସରେ ଯୁକ୍ତ ହୋଇଥିବା ଗୋପାଳ ଓ ଗୋପାଳୁଣୀମାନେ କଳିଯୁଗରେ ୬୪ (ଚଉଷଠି) ମହନ୍ତ ନାମରେ ଜନ୍ମ ଗ୍ରହଣ କରି ଶ୍ରୀଚୈତନ୍ୟଦେବଙ୍କ ପ୍ରଚଳିତ ପ୍ରେମ ସାଧନରେ ବ୍ରତୀ ହୋଇଥିଲେ । ଏହି ମହନ୍ତମାନେ ଅଚ୍ୟୁତଙ୍କ ସହ ନିତ୍ୟବାସ କରୁଥିଲେ । ସେମାନେ ଆଲୋଚନା ପ୍ରସଙ୍ଗରେ ମହାପୁରୁଷଙ୍କଠାରୁ ଶ୍ରୀପାଦୁକା ଧ୍ୟାନ, ବନ୍ଦନା ଆଦିରେ ନିଜକୁ ହଜାଇ ଦେଲେ । ସମାଧି ଅବସ୍ଥାରେ ଏହି ମହନ୍ତମାନେ ଅଳି କରିଥିଲେ ସମସ୍ତେ ଏକତ୍ର ହୋଇ ''ଶ୍ରୀପାଦୁକା'' ଯଜ୍ଞ ସହ ସ୍ନାନ, ମହାସ୍ନାନ, ବନ୍ଦନା କରି ପାଦୁକା ତୀର୍ଥ ପ୍ରତିଷ୍ଠା ସହ, ସେହି ପାଦଦୋକ ପାନ କରି ଧନ୍ୟ ହେବାପାଇଁ । ସେମାନଙ୍କର ସେହି ଅଳି ପୂର୍ଣ୍ଣ ହେବାପାଇଁ ଶ୍ରୀପାଦୁକାଙ୍କ ନିକଟରୁ ବରପ୍ରାପ୍ତ ହୋଇଥିଲେ । ମହାପୁରୁଷ ତାଙ୍କର ''କଳିଯୁଗଗୀତା'' ଦ୍ୱିତୀୟ ଭାଗରେ ଉକ୍ତ ଉତ୍ସବ ସଂପର୍କରେ ସୂଚନା ଦେବାକୁ ଯାଇ କହିଛନ୍ତି -

''କହୁଅଛି ତୋତେ ଗୁପତ ବାରତା ।
ତ୍ରିଗୁଣକୁ ଯୋଖି ଯୋଗ ଲଲାଟରେ ଚିତା ।।

ꕥ ꕥ ꕥ ꕥ ꕥ ꕥ ꕥ ꕥ ꕥ ꕥ ꕥ

ପୁରାଣ ଚାନ୍ଦରେ ରାମ ପାଦୁକାର ମେଳି ।
ସାତ ଶପଥରେ ବାବୁ ଶ୍ରାବଣର ଧୂଳି ।।୧।।
ସଭିଏଁ ମହନ୍ତ ମେଳି ପାଦୁକାକୁ ଅଳି ।
ହୋମ, ଯାଗ, ଯଜ୍ଞ ପ୍ରତିପଦେ ହେବୁ ବୋଲି ।।୨।।
କଳିଶେଷେ ବାର ରାମ ବେନି ମିଶାଇବୁ ।
ଶତକ ତ୍ରିଗୁଣ ଦୁଇ ଶ୍ରାବଣ ଭେଟିବୁ ।।୩।।
କର୍କଟ ଚବିଶ ଦିବା ବଳରାମ ଜାତ ।
ପୁନେଇଁ ଜନ୍ମରେ ହେବ ପାଦୁକାର ତୀର୍ଥ ।।୪।।
ଯଜ୍ଞଗୁଣେ ଯୋଖିଥିବୁ ସାତ ଶତକରେ ।
ଚାରିବେଦ ଏକଶିଶୁ ମିଶାଇବୁ କ୍ଷରେ ।।୫।।
ଦିବା ଅର୍ଦ୍ଧେ କାଳବେଳା ଯାଗ ଆରମ୍ଭିବ ।
ନିଶାର୍ଦ୍ଧ ହୋଇଲେ ରାମ ଅଶୁଦ୍ଧି ଘଟିବ ।।୬।।''

ଉକ୍ତ ପଦ୍ୟାଂଶରେ ମହାପୁରୁଷ ସ୍ପଷ୍ଟ ସୂଚନା ଦେଇ କହିଛନ୍ତି, ''ହେ ରାମ ! ସଭିଏଁ ମହନ୍ତ ମେଳି ହୋଇ ଶ୍ରୀପାଦୁକାଙ୍କୁ ଅଳି କରିଥିଲେ । ଶ୍ରାବଣର ଧୂଳିରେ ପୂର୍ଣ୍ଣଚନ୍ଦ୍ର ଅର୍ଥାତ୍ ପୂର୍ଣ୍ଣିମା ଦିନ ଶ୍ରୀପାଦୁକାଙ୍କର ସ୍ନାନ ବନ୍ଦନା ହେବ । ପ୍ରତିପଦରେ ଅର୍ଥାତ୍ ସ୍ନାନ, ବନ୍ଦନା ପରଦିନ ହୋମ, ଯାଗ ଯଜ୍ଞ ହେବ ଓ ସେହି ପବିତ୍ର ଧୂଳିକୁ ଆମେ ବୋଲି ହୋଇ ଏ ଜନ୍ମ ଜୀବନ ଧନ୍ୟ କରିବୁ । ବର୍ଷ ବା ସାଲ ସୂଚନାରେ କହିଛନ୍ତି ''ବାର ରାମ ବେନି ମିଶାଇବୁ'' । ଅର୍ଥାତ୍ ୧୨+୨=୧୪; ''ଶତକ ତ୍ରିଗୁଣ ଦୁଇ ଶ୍ରାବଣ ଭେଟିବୁ ।'' ୧୪ ଶତକ = ୧୪୦୦ । ତ୍ରିଗୁଣ ଅର୍ଥ - ୩ ଏଥି ସହିତ ୨ ଯୋଗ କରି ମିଶ୍ରଫଳ ଯାହା ହେଲା ସେହି ବର୍ଷ ଶ୍ରାବଣ ପୂର୍ଣ୍ଣିମା । ୧୪୦୦+୩+୨=୧୪୦୫ । ଅର୍ଥାତ୍ ୧୪୦୫ ସାଲ ଶ୍ରାବଣ ପୂର୍ଣ୍ଣିମା । ଦିବସର ଆହୁରି ସ୍ପଷ୍ଟ ଚିତ୍ର ଦେଇ କହିଛନ୍ତି; ଏହିଦିନ କର୍କଟ ୨୪ (ଚବିଶ) ଦିନ ହେବ ଓ ଦିବାଭାଗରେ ଶ୍ରୀବଳରାମଙ୍କର ଜନ୍ମ ଦିନ ହୋଇଥିବ । ଏହିଦିନ ପୂର୍ଣ୍ଣଚନ୍ଦ୍ର ଯୋଗରେ ''ପାଦୁକା''ର ତୀର୍ଥ ପ୍ରତିଷ୍ଠା ହେବ । ଯଜ୍ଞ ସମ୍ପର୍କରେ ସଙ୍କେତ ଦେଇ କହିଛନ୍ତି ''ଯଜ୍ଞଗୁଣେ ଯୋଖିଥିବୁ ସାତ ଶତକରେ, ଚାରିବେଦ ଏକଶିଶୁ ମିଶାଇବୁ କ୍ଷରେ ।'' ''ଯଜ୍ଞ''ର ଗୁଣ ହେଉଛି ''ଶ୍ଳୋକ''/''ଆହୁତି'' । ''ସାତ ଶତକରେ ଚାରିବେଦ ଏକଶିଶୁ ମିଶାଇବୁ'' ସାତଶତକ=୭୦୦, ଚାରିବେଦ=୪ ଏକଶିଶୁ = ୧ (୭୦୦+୪+୧)=୭୦୫ । ଅର୍ଥାତ୍ ପ୍ରତିପଦ ଦିନ ଯେଉଁ ଯଜ୍ଞ ହେବ ସେଥିରେ ୭୦୫ (ସାତଶହପାଞ୍ଚ) ଶ୍ଳୋକର ଆହୂତି ପ୍ରଦାନ ହେବ । ଏହି ଦିବା ଅର୍ଦ୍ଧକାଳରେ ''କାଳବେଳା'' ପ୍ରବେଶ କରିବ । ତେଣୁ ତାକୁ ଦେଖି ଯଜ୍ଞ ଆରମ୍ଭ ହେବ ଓ ନିଶାର୍ଦ୍ଧରେ ଅଶୁଦ୍ଧି ସମୟ ଆସୁଥିବାରୁ ସେହି ଅନୁସାରେ ଯଜ୍ଞ ସମାପ୍ତ ହେବ ।

ସାରାଂଶ : ୧୪୦୫ ସାଲ ଶ୍ରାବଣ ପୂର୍ଣ୍ଣମା, କର୍କଟ ଦି୨୪ନରେ ଶ୍ରୀପାଦୁକା ସ୍ନାନ, ବନ୍ଦନା ଓ ପୂଜା ହୋଇ ପାଦୁକାତୀର୍ଥ ପ୍ରତିଷ୍ଠା ହେବ । ତାପରଦିନ ଅର୍ଥାତ୍ ପ୍ରତିପଦ୍ ତିଥିରେ ୭୦୫ ଆହୂତି ପ୍ରଦାନ ହୋଇ ହୋମ, ଯଜ୍ଞ ହେବ ।

ଏହାପରେ ନିର୍ଦ୍ଦେଶ ଦେଇ ତାଙ୍କର ଶିଷ୍ୟ ରାମଦାସଙ୍କୁ ପୁନର୍ବାର କହୁଛନ୍ତି :

''ଯାଗ ପୁରୁଷକୁ ବାରେ ଜଗି ରହିଥିବୁ ।
ପାତକୀ ମେଳରେ ତୁ ଯେ ବେଶକୁ ଭୁଲିବୁ ।।

ଘୋର ପାପୀମାନେ ଯେତେ ଏହିଠାରେ ଠୁଳ ।
ଛିଟିକା ମାରି ଗପିବେ ସଭିଏଁ ପାଗଳ ।।
ଟାଣପଣେ ରହିଥିବୁ ଯାଗଶେଷ କରି ।
ପାପୀମାନେ ଯେତେ ମେଳି ପାଦୁକା ଆବୋରି ।।
ତାଙ୍କ ସାଥେ ମିଶି ସ୍ନାନ ଜଳ ତୁ ଜଗିବୁ ।
ସ୍ନାନ ସାରି ପାଦୁକାକୁ ଧାମରେ ଥାପିବୁ ।।''

ଅର୍ଥାତ୍ ହେ ରାମ ! ତୁ ତୋର ନିଜ ବେଶ (ରୂପ) ଭୁଲି ଅର୍ଥାତ୍ ଛଦ୍ମ ବେଶରେ ଉପସ୍ଥିତ ରହି ଯଜ୍ଞପୁରୁଷଙ୍କୁ ଜଗି ରହିବୁ । ଯେତେ ଘୋରପାପୀ ସେମାନେ ସମସ୍ତେ ଏହିଠାରେ ଠୁଳ ହୋଇ ପାଦୁକା ଆବୋରି ରହିବେ ଓ ଥଟ୍ଟାକରି ସମସ୍ତଙ୍କୁ ପାଗଳ ବୋଲି କହି ଅବିଶ୍ୱାସ କରି କରାଇବେ । ତୁ ଟାଣ ବା ଦୃଢ଼ ଭାବରେ ରହିବୁ । ସେହି ପାପୀମାନଙ୍କ ଗ୍ରହଣରେ ପାଦୁକାରେ ସ୍ନାନ ଜଳ ଅର୍ପଣ କରିବୁ ଓ ପାଦୁକାକୁ ଜଗି ରହିଥିବୁ । ଏହି ସ୍ନାନ ଉତ୍ସବ ପରେ ଶ୍ରୀପାଦୁକାକୁ ଧାମରେ ପ୍ରତିଷ୍ଠା କରି ସାରିବା ପରେ ଫେରିବୁ ।

ଆଜି ହେଉଛି ସେହି ନିର୍ଦ୍ଧାରିତ ଦିବସ ୧୪୦୫ ସାଲ ଶ୍ରାବଣ ପୂର୍ଣ୍ଣିମା କର୍କଟ ଦି୨୪ନ । ନିର୍ଦ୍ଦିଷ୍ଟ ବିଧି, ବିଧାନ ଅନୁସାରେ ଶ୍ରୀପାଦୁକାଙ୍କର ସ୍ନାନ, ବନ୍ଦନା ଉତ୍ସବ ପାଳିତ ହେଉଛି । ଆସନ୍ତାକାଲି ପ୍ରତିପଦ ତିଥିରେ ହୋମ, ଯଜ୍ଞ ଅନୁଷ୍ଠିତ ହୋଇ ଚଉଷଠୀ ମହନ୍ତ ମାନଙ୍କର ଅଭିଷ୍ଟ ପୂର୍ଣ୍ଣ ହେବା ପରେ ଶ୍ରୀପାଦୁକା ସ୍ଥାୟୀ ଭାବରେ ସ୍ୱର୍ଣ୍ଣକ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ପ୍ରତିଦିନ ଅଗଣିତ ଭକ୍ତଜନମାନଙ୍କର ସମସ୍ତ ସୁଅଭିଳାଷ ପୂର୍ଣ୍ଣ କରିବେ ।

ମଙ୍ଗଳମୟଙ୍କ ମଙ୍ଗଳଇଚ୍ଛା ହିଁ ପୂର୍ଣ୍ଣ ହେଉ ।

ଭାବକୁ ନିକଟ ଅଭାବକୁ ଦୂର
ନିତ୍ୟ ଖେଳେ ଭାବଗ୍ରାହୀ ।
ଧର୍ମଧାରା ଧରି ସତ୍ୟକୁ ଆଦରି
ନେଇଯା ଜୀବନ ବାହୀ ।।

- ଶ୍ରୀଶ୍ରୀଶ୍ରୀ ଠାକୁର

ଆମର ଲକ୍ଷ୍ୟ : ଚରମପ୍ରାପ୍ତି